


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-47 ◆SUNDAY ◆10 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୪୭ ◆ରବିବାର ◆୧୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)

## ଏକାସଙ୍ଗେ ଯା'ଆସ ଟିକଟ ବୁକିଂରେ ୨୦% ରିଆତି

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଦୀପାବଳି ଏବଂ ଅନ୍ୟ ପାର୍ବଣ ଋତକୁ ଧ୍ୟାନରେ ରଖି ଭାରତୀୟ ରେଳବାଇ ଏକ ନୂଆ ଯୋଜନା ଆରମ୍ଭ କରିଛି। ଏକାସଙ୍ଗେ ଯିବା ଏବଂ ଆସିବା ଟିକଟ ବୁକିଂ କଲେ ୨୦ ପ୍ରତିଶତ ରିଆତି ମିଳିବ ବୋଲି ଘୋଷଣା କରାଯାଇଛି। ତେବେ ଏହି ରିଆତି କେବଳ ରିଟର୍ଣ୍ଣ ଟିକଟ ଉପରେ ଦିଆଯିବ। ଘରକୁ ଯାଇ ପୁଣି ଟ୍ରେନରେ ଫେରିବାକୁ ଚାହୁଁଥିବା ଲୋକେ ଏହି ଯୋଜନାରେ ବେଶ ଉପକୃତ ହେବେ। ପାର୍ବଣ ଋତୁରେ ଟିକଟ ପାଇଁ ଭିଡ଼ ଏବଂ ଲୋକଙ୍କ ସମସ୍ୟାକୁ ଦେଖି ପରୀକ୍ଷାମୂଳକ ଭାବେ ଏହି ନିଷ୍ପତ୍ତି ନିଆଯାଇଛି।





### ରେଳବାଇର ନୂଆ ଯୋଜନା

ଯଦି କେହି ଅହମଦାବାଦ ଏକ୍ସପ୍ରେସରେ ପାଟନା ଯାଆନ୍ତି ଏବଂ ଏହି ଯୋଜନାର ଲାଭ ଉଠାଇବାକୁ ଚାହାନ୍ତି ତେବେ ସେଠାରୁ ଫେରୁଥିବା ଏହି ଟ୍ରେନରେ ଟିକଟ କାଟିବାକୁ ହେବ। ସେହିପରି ଟିକଟରେ ଦିଆଯାଇଥିବା ସବୁ ସୂଚନା ମଧ୍ୟ ସମାନ ହେବା ଉଚିତ। ଅର୍ଥାତ୍ କେଉଁଠାରୁ କେଉଁଠିକୁ ଯିବେ, ଯାତ୍ରୀଙ୍କ ନାମ, ବୟସ ଏବଂ କେଉଁ ଶ୍ରେଣୀ ଆଦି ଟିକଟରେ ସମାନ ହେବା ଉଚିତ। ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅକ୍ଟୋବର ୧୩ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ କରାଯାଉଥିବା ଟିକଟ ଏବଂ ଫେରିବା ପାଇଁ ନଭେମ୍ବର ୧୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଟିକଟ ବୁକିଂ କରିବାକୁ ହେବ। ଏଥିପାଇଁ ଅଗଷ୍ଟ ୧୪ରୁ ବୁକିଂ ଆରମ୍ଭ ହେବ।

## ପ୍ରଥମ ଥର କଶ୍ମୀରରେ ଗଡ଼ିଲା ମାଲବାହୀ ଟ୍ରେନ୍

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଭାରତୀୟ ରେଳବାଇ ପୁଣି ଏକ ଉପଲବ୍ଧି ହାସଲ କରିଛି। ପ୍ରଥମ ଥର ପାଇଁ ଶନିବାର ଏକ ମାଲବାହୀ ଟ୍ରେନ କଶ୍ମୀର ଘାଟୀରେ ପହଞ୍ଚିଛି। ଏହା ସହିତ କଶ୍ମୀର ଘାଟୀରେ ଲଜିଷ୍ଟିକ ଏବଂ ଆର୍ଥିକ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଯାଇଛି। ଏହି ମାଲବାହୀ ଟ୍ରେନ ପଞ୍ଜାବର ରୁପନଗରରୁ ସିମେଣ୍ଟ ନେଇ କଶ୍ମୀରର ଅନନ୍ତନାଗ ଗୁଡ୍ସ ସେଡ୍‌ରେ ପହଞ୍ଚିଛି। ଏହି ଐତିହାସିକ ପଦକ୍ଷେପ ଦ୍ୱାରା କଶ୍ମୀର କ୍ଷେତ୍ର ରାଷ୍ଟ୍ରୀୟ ମାଲ ପରିବହନ ନେଟୱର୍କ ସହ ସାମିଲ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ସେ ଏହାର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ମୁହୂର୍ତ୍ତ ବହୁତ ଖାସ୍ ଥିଲା ବୋଲି କହିଛନ୍ତି। ଟ୍ରେନ୍‌ରେ ସାମଗ୍ରୀ ପଠାଇବା ଦ୍ୱାରା କଶ୍ମୀର ବାସିନ୍ଦାଙ୍କ ଖର୍ଚ୍ଚ କମ୍ ହେବ। ଏହାର ଲାଭ ଲୋକଙ୍କୁ ମିଳିବ। ରେଳ ନେଟୱର୍କ ଦ୍ୱାରା ପରିବହନ ଶସ୍ତା ହେବ।



୨୧ ବିସିଏନ ୱାଗନରେ ସିମେଣ୍ଟ ନେଇ ଯାଉଥିବା ଏହି ଟ୍ରେନ ୬୦୦ କିମି ଅତିକ୍ରମ କରିବା ପାଇଁ ୧୮ ଘଣ୍ଟା ସମୟ ନେଇଥିଲା। ଏହା ଅନନ୍ତନାଗରେ ପହଞ୍ଚି ଥିଲା। ଘାଟୀରେ ସଡ଼କ, ପୋଲ, ସାର୍ବଜନୀନ ଭିତ୍ତିଭୂମି ଏବଂ ଭବନ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯିବ। ଏହା ଦ୍ୱାରା ବିକାଶକୁ ଗତି ମିଳିବ। ଲୋକଙ୍କ ଜୀବନଧାରଣ ମାନ ଉନ୍ନତ ହେବ।

## ଦିଲ୍ଲୀରେ ବର୍ଷା ବିଭ୍ରାଟ

# ଘର ଭୁଶୁଡ଼ି ୮ ମୃତ

### ୩୦୦ ବିମାନ ଉଡ଼ାଣ ବିଳମ୍ବିତ, ୧୦୦ ବାତିଲ

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ପ୍ରବଳ ବର୍ଷା ଯୋଗୁଁ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ସ୍ଥିତି ବେହାଲ ହୋଇପଡ଼ିଛି। ଗତକାଲି ରାତିରୁ ଲଗାତାର ବର୍ଷା ଯୋଗୁଁ ଏକ ପାଚେରି ଘର ଉପରେ ଭୁଶୁଡ଼ି ପଡ଼ିବାରୁ ୮ ଜଣ ପ୍ରାଣ ହରାଇଛନ୍ତି। ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ୩୦୦ରୁ ଅଧିକ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସେଥିମଧ୍ୟରୁ ୧୦୦ଟି ବିମାନ ସେବା ବାତିଲ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

### ବିପଦ ସଙ୍କେତ ଛୁଇଁବ ଯମୁନା, ଦିଲ୍ଲୀକୁ ବିପଦ

ଦିଲ୍ଲୀ-ଏନ୍‌ସିଆରରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଜାରି ରହିଛି। ଦିଲ୍ଲୀର ଜୋତପୁର ଥାନା ଇଲାକାରେ ଆଜି ସକାଳେ ଏକ ପାଚେରି ଭୁଶୁଡ଼ି କୁଡ଼ିଆ ଘର ଉପରେ ପଡ଼ିଥିଲା। ଫଳରେ ଘର ଭିତରେ ଥିବା ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ୪ଜଣ ପୁରୁଷ, ୨ଜଣ ମହିଳା ଓ ୨ ଜଣ ଛୋଟ ପିଲା ଥିବା ଜଣାପଡ଼ିଛି। ଏହାସହିତ ବିଭିନ୍ନ ▶ପୃଷ୍ଠା-୭



### ଆମେରିକାର ପୂର୍ବତନ ଏନ୍‌ଏସ୍‌ଏଙ୍କ ସମାଲୋଚନା

## ଦେଶକୁ ବର୍‌ବାଦ କରୁଛନ୍ତି ଟ୍ରମ୍ପ

■ **ୱାଶିଂଟନ, ୯।୮ (ଏଜେନ୍ସି):** ଜବାବୀ ଶୁଳ୍କ ଲଗାଇ ବିଶ୍ୱରେ ଅର୍ଥନୈତିକ ଭୂକମ୍ପ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହୋଇଛନ୍ତି। ନାଗରିକଙ୍କଠାରୁ ପୂର୍ବତନ କୂଟନୈତିଜ୍ଞ ତଥା ବହୁ ବୁଦ୍ଧିଜୀବୀ ପର୍ଯ୍ୟନ୍ତ ଟ୍ରମ୍ପଙ୍କ 'ଟାରିଫ୍ ନୀତି'କୁ ତୀବ୍ର ସମାଲୋଚନା କରୁଛନ୍ତି। କାରଣ ଆମେରିକା ରାଷ୍ଟ୍ରପତିଙ୍କ ମନମୁଖୀ କାର୍ଯ୍ୟ ପାଇଁ ଜନତା ହନ୍ତସନ୍ତ ହେଉଛନ୍ତି। ମୁଦ୍ରାସ୍ଫୀତି ବଢ଼ିବା ସହିତ ନିଯୁକ୍ତି ସୁଯୋଗ ହ୍ରାସ ପାଇବାରେ ଲାଗିଛି। ନାଗରିକଙ୍କ ଉପରେ ଟ୍ରମ୍ପ ଆର୍ଥିକ ବୋଝ ବଢ଼ାଇ ଚାଲିଛନ୍ତି। ଟ୍ରମ୍ପଙ୍କ ଏଭଳି ଏକଚାଟିଆ ଆଭିମୁଖ୍ୟକୁ ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ତୀବ୍ର ସମାଲୋଚନା କରିଛନ୍ତି।

▶▶ ଟ୍ରମ୍ପଙ୍କ ଶୁଳ୍କ ନୀତି 'ବଡ଼ ଭୁଲ୍': ବୋଲ୍‌ଟନ୍

▶▶ ଜବାବୀ ଶୁଳ୍କର ପଡୁଛି ବୀପରିତ ପ୍ରଭାବ

▶▶ ଚୀନ୍ ଓ ରୁଷ୍‌ର ନିକଟତର ହେଉଛି ଭାରତ

ବୋଲ୍ଟନ୍ ଟ୍ରମ୍ପଙ୍କ ଟାରିଫ ନୀତିକୁ 'ବଡ଼ ଭୁଲ' ବୋଲି କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଦେଶକୁ ବର୍‌ବାଦ କରୁଥିବା ବୋଲ୍ଟନ ଅଭିଯୋଗ କରିଛନ୍ତି। ଟ୍ରମ୍ପଙ୍କ ନୀତି ଯୋଗୁଁ ଆମେରିକାଠାରୁ ଭାରତ ଦୂରେଇ ଯିବାରେ ଲାଗିଛି। ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ବୋଲ୍ଟନ କହିଛନ୍ତି, ରୁଷ୍ ଏବଂ ଚୀନ୍‌ଠାରୁ ଭାରତକୁ ଦୂରେଇ ରଖିବା ପାଇଁ ଆମେରିକା ଦୀର୍ଘ ବର୍ଷ ହେଲା ପ୍ରୟାସ କରୁଥିଲା; ମାତ୍ର ଏବେ ଏହି ପ୍ରୟାସ ଦୁର୍ବଳ ହୋଇଯାଇଛି। ରୁଷ୍‌କୁ ଦୁର୍ବଳ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଛି। ଏହାର ଓଲଟା ପ୍ରଭାବ ଆମେରିକା ଉପରେ ପଡ଼ିପାରେ। ଏହାଦ୍ୱାରା ଭାରତ, ରୁଷ୍ ଏବଂ ଚୀନ୍ ନିକଟତର ହୋଇପାରନ୍ତି।

ବୋଲ୍ଟନ୍ କହିଛନ୍ତି, ରୁଷ୍‌ର ଆର୍ଥିକ କ୍ଷତି ପାଇଁ ଏହି କଟକଣା ଲଗାଯାଇଥିଲା; ମାତ୍ର ଭାରତ, ରୁଷ୍ ଏବଂ ଚୀନ୍ ଏକାଠି ହୋଇ ଏହି ଶୁଳ୍କକୁ ବିରୋଧ କରିପାରନ୍ତି। ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଥିବା ବେଳେ ଚୀନ୍ ସହ ▶ପୃଷ୍ଠା-୭

## ପୁଣି ଘୁଞ୍ଚିଲା ନିଗମ, ବୋର୍ଡ ନିଯୁକ୍ତି

### ୨୦ ତାରିଖ ପରେ ହୋଇପାରେ ନିଯୁକ୍ତି: ମନମୋହନ

■ **ଭୁବନେଶ୍ୱର, ୯।୮ (ସମିସ):** ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରିବାକୁ ବସିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିଶନ ଏବଂ ଶିଶୁ ସୁରକ୍ଷା କମିଶନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ଗସ୍ତ ସାରି ଭୁବନେଶ୍ୱର ଫେରିବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ଆସନ୍ତା ୧୫ କିମ୍ବା୨୦ ତାରିଖ ପରେ ଦଳୀୟ ନେତୃତ୍ୱଙ୍କ ସହ ଚର୍ଚ୍ଚା ଆଲୋଚନା କରାଯାଇ ନିଗମ, ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଦଳ ପ୍ରତି ଆନୁଗତ୍ୟ, ଦକ୍ଷତା ଓ ବରିଷ୍ଠତା ଭିତ୍ତିରେ ବୋର୍ଡ ଓ ନିଗମରେ ନିଯୁକ୍ତି ଦିଆଯିବ। କେଉଁମାନେ ଦଳୀୟ ସଂଗଠନ ସମ୍ଭାଳିବେ ଆଉ କେଉଁମାନେ ସରକାରରେ ରହିବେ, ତାହା ଏକପ୍ରକାର ସ୍ଥିର ହୋଇଥିବା କୁହାଯାଉଛି। ତେବେ ଓଡ଼ିଶା ଖଣି ନିଗମ, ଓସାକ୍, ଓଏସ୍‌ଆଇସି, ଓଟିଡିସି, ଓପିଜିସି, ଇଡ୍‌କଲ୍, ଯୋଗାଣ ନିଗମ, ମଦ ନିଗମ ଏବଂ ଓମ୍‌ଫେଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଲାଭଦାୟକ ସଂସ୍ଥାର ଅଧ୍ୟକ୍ଷ ପଦ ଉପରେ ଆଶାୟୀ ଦଳୀୟ ନେତାଙ୍କ ଆଖି ରହିଥିବା ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ ଯେ ବିଜେପି ନେତୃତ୍ୱ ସ୍ତରରେ ବ୍ୟାପକ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସମାନ ଭାବେ ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ଦିଲ୍ଲୀରେ ତାଲିକା ପ୍ରସ୍ତୁତିରେ ବିଳମ୍ବ ହେଉଛି କି ପ୍ରଶ୍ନରେ ଶ୍ରୀ ସାମଲ କହିଛନ୍ତି ଯେ ଦିଲ୍ଲୀରେ ନୁହେଁ; ସବୁ ତାଲିକା ଓଡ଼ିଶାରେ ପ୍ରସ୍ତୁତ ହେବ। ଦିଲ୍ଲୀରେ ଆମେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ସ୍ୱାଭାବିକ ଭାବେ ଆଲୋଚନା କରିବାକୁ ଯାଇଥିଲୁ। ସେଠାରେ ଦଳୀୟ ସାଂସଦଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀ ଏବଂ ମୁଁ ବିଭିନ୍ନ ପ୍ରସଙ୍ଗରେ ରୁଟିନ୍ ବୈଠକ ଅନୁଯାୟୀ ଏକାଠି ହୋଇଥିଲୁ ବୋଲି ଶ୍ରୀ ସାମଲ କହିଛନ୍ତି।

### ପୁଲିସ ନିଷ୍କ୍ରିୟତାର ଆଉ ଏକ ନମୁନା

## ଏମ୍‌ସରେ ଆଖି ବୁଜିଲେ ନବରଙ୍ଗପୁର ନର୍ସିଂ ଛାତ୍ରୀ

■ **ଭୁବନେଶ୍ୱର/ନବରଙ୍ଗପୁର, ୯।୮ (ସମିସ):** ନାରୀ ନିର୍ଯାତନାର କଳଙ୍କରେ ଓଡ଼ିଶାରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ଦୁର୍ବୃତ୍ତଙ୍କ ଉତ୍ପାତ ସହିତ ପୁଲିସ ପ୍ରଶାସନର ଉଦାସୀନତା ନେଇଛି ଆଜି ଆଉ ଜଣେ ଛାତ୍ରୀଙ୍କ ଜୀବନ। ଛାତ୍ରୀ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀମୁଣ୍ଡା ଗ୍ରାମର ନର୍ସିଂ ଛାତ୍ରୀ କଳ୍ପନା ରାୟ। ଏକତରଫା ପ୍ରେମ କରି ଜଣେ ଯୁବକ ତାଙ୍କୁ ମାଡ଼ ମାରିବା ସହ ଫଟୋ ଭାଇରାଲ କରିଥିଲା।

**ଯୁବକ ନିର୍ଯାତନା ଅସହ୍ୟ ହେବାରୁ ବିଷ ପିଇଥିଲେ**

**ଅଭିଯୋଗ ସତ୍ତ୍ୱେ ନିରବ ଥିଲା ପୁଲିସ**

ଲୋକଲଜ୍ଜା ଭୟରେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଆଜି ତାଙ୍କର ପରଲୋକ ଘଟିଛି।

ସୂଚନା ଅନୁସାରେ, ଡୁମୁରିମୁଣ୍ଡା ଗ୍ରାମର କଳ୍ପନା ରାୟଙ୍କୁ ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। କଳ୍ପନା ଜୟପୁରର ଏକ ନର୍ସିଂ କଲେଜରେ ଛାତ୍ରୀ। ସତ୍ୟଜିତ ଭୁବନେଶ୍ୱରର ଏକ କଲେଜରେ କୃଷି ▶ପୃଷ୍ଠା-୭

## 'ଉତ୍କଳ'ରେ ଅଧ୍ୟାପକ ମରୁଡ଼ି

### ଆଇନ ବିଭାଗ ଖାଁ ଖାଁ

### ୭୫ପ୍ରତିଶତ ଉପସ୍ଥାନ ନେଇ ବିଭାଗର ତାଗିଦ

### ୱେବସାଇଟ୍‌ରେ ଅଛନ୍ତି ଅଧ୍ୟାପକ, ବାସ୍ତବରେ ଶୂନ




■ **ଭୁବନେଶ୍ୱର, ୯।୮ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘାରିଲାଣି ଉପସ୍ଥାନ ଚିନ୍ତା। ଶିକ୍ଷାବର୍ଷ ଆରମ୍ଭରୁ ଉପସ୍ଥାନ ପାଇଁ ଛାତ୍ରଛାତ୍ରୀଙ୍କୁ ତାଗିଦ୍ କଲେଣି। ହେଲେ ଛାତ୍ରଛାତ୍ରୀ ଆସିବାକୁ ଅମଙ୍ଗ। ପଢ଼ାଇବାକୁ କେହି ନାହାନ୍ତି, ଗଲେ କରିବୁ କ'ଣ ବୋଲି ରୋକଠୋକ୍ କହୁଛନ୍ତି। ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ କେହି ଅଧ୍ୟାପକ ନଥି ବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ମୋଟ୍ ୮୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ପ୍ରଥମ ବର୍ଷର ୨୩ ଜଣ ପିଲା ଏବଂ ଦ୍ୱିତୀୟ ବର୍ଷର ୧୫ ଜଣ ପିଲା ନିୟମିତ ଭାବେ ଆସୁନାହାନ୍ତି। ସେମାନଙ୍କ ଉପସ୍ଥାନ ୭୫ପ୍ରତିଶତରୁ କମ୍ ରହିଛି। ଉପସ୍ଥାନ କମ୍ ଥିବା ପିଲାମାନଙ୍କ ତାଲିକା ଜାରି କରିବା ସହ ପରୀକ୍ଷା ଦେବାକୁ ଅତି କମରେ ୭୫ ପ୍ରତିଶତ ଉପସ୍ଥାନ ରଖିବାକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଛି। ଅପରପକ୍ଷରେ, ବିଭାଗରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ପାଠ ପଢ଼ାଇବାକୁ କେହି ଅଧ୍ୟାପକ ନାହାନ୍ତି। ବିଭାଗୀୟ ମୁଖ୍ୟ ମାସେ ତଳୁ ଅବସର ନେଇସାରିଛନ୍ତି। ଜଣେ ସଂଯୋଜକରେ ବିଭାଗ ଚାଲୁଛି। ନିୟମିତ ଭାବେ ପାଠପଢ଼ା ହେଉନାହିଁ। ତେଣୁ କାହିଁକି ନିୟମିତ ଯିବେ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରୁଛନ୍ତି।

ଜଣେ ପ୍ରଥମବର୍ଷ ଛାତ୍ରୀଙ୍କ କହିବା କଥା, ସେ ନାମ ଲେଖାଇବା ବେଳେ ଆବଶ୍ୟକ ଅଧ୍ୟାପକ ଥିବେ ବୋଲି ନିଶ୍ଚିତ ହୋଇଥିଲେ। କାରଣ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ବିଭାଗୀୟ ମୁଖ୍ୟଙ୍କ ସମେତ ପ୍ରାୟ ୩ଜଣ ଅଧ୍ୟାପକ କାର୍ଯ୍ୟରତ ଥିବା ଦର୍ଶାଯାଇଛି। ଯାହାକୁ ଦେଖି ସେ ବିଭାଗରେ ନାମ ଲେଖାଇଥିଲେ। ହେଲେ ବାସ୍ତବତା ପୂରା ଭିନ୍ନ। ▶ପୃଷ୍ଠା-୭

## ହସ୍ପିଟାଲରେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

### ଓଭରଡୋଜ୍ ନିଦ ଇଞ୍ଜେକସନ୍ ମୃତ୍ୟୁର କାରଣ

■ **ଭୁବନେଶ୍ୱର/ରାଇଘର, ୯।୮ (ସମିସ):** ରାଜଧାନୀର ଏକ ଘରୋଇ ଡାକ୍ତରଖାନାର ଜଣେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ସାନଖେମୁଣ୍ଡି ଥାନା ଅଞ୍ଚଳର ଶୁଭସ୍ମିତା ରାଉତ(୨୫)। ତାଙ୍କ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ଓଭରଡୋଜ୍ ନିଦ ଇଞ୍ଜେକ୍ସନ୍ ନେଇ ମୃତ୍ୟୁ ହୋଇଥିବା ସେଥିରେ ଉଲ୍ଲେଖ ଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ସାନଖେମୁଣ୍ଡି ବ୍ଲକ ଡି ଆମ୍ବଠା ଗାଁର ଶିବଶଙ୍କର ରାଉତଙ୍କ ଝିଅ ଶୁଭଲକ୍ଷ୍ମୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାରେ ନର୍ସ ଭାବେ କାମ କରୁଥିଲେ। ଆଜି ରାକ୍ଷୀ ପୂର୍ଣ୍ଣିମାରେ ଘରକୁ ଯିବା

**ସୁଇସାଇଡ୍ ନୋଟ୍ ଜବତ**

ପାଇଁ କର୍ତ୍ତୃପକ୍ଷଙ୍କୁ ଛୁଟି ମାଗିଥିଲେ। ଗତକାଲି ନାଇଟ୍ ଡ୍ୟୁଟି କରିବା ବେଳେ ରାତି ପ୍ରାୟ ୧୦ଟା ବେଳେ ଘର ଲୋକଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ। ହେଲେ ରାତି ପ୍ରାୟ ୩ଟା ବେଳେ ଶୁଭସ୍ମିତା ଗାଧୁଆଘରେ ପଡ଼ିଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ଫୋନ କରି ପରିବାରଲୋକଙ୍କୁ ଜଣାଇଥିଲେ। ପରିବାରଲୋକ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଶୁଭସ୍ମିତାଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶୁଭସ୍ମିତାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ଜବତ କରିଥିଲା। ରୋଗୀଙ୍କୁ ଭୁଲ ମେଡିସିନ ଦେବାକୁ ନେଇ ଡାକ୍ତର ରାଗିବାରୁ ସେ ନିଜକୁ ଦୋଷୀ ଭାବି ମାନସିକ ଚିନ୍ତାରେ ରହୁଥିବା ଚିଠିରେ ଲେଖିଛନ୍ତି। ଶୁଭସ୍ମିତା ନିଜ ଦେହରେ ▶ପୃଷ୍ଠା-୭

## ରାଜ୍ୟବ୍ୟାପୀ ନକଲି ସାର ର୍‌ୟାକେଟ୍ ସକ୍ରିୟ

### ସରକାର ଉଦାସୀନ; ଫାଇଦା ଉଠାଉଛନ୍ତି ବ୍ୟବସାୟୀ

■ **ଭୁବନେଶ୍ୱର, ୯।୮ (ସମିସ):** ଚାଷୀର ଆବଶ୍ୟକତା ଅନୁସାରେ ସରକାରୀ ଭାବେ ସାର ମିଳୁନି। ବାଧ୍ୟହୋଇ ଚାଷୀମାନେ ବାହାର ଡିଲର୍‌ଙ୍କଠାରୁ ସାର କିଣୁଛନ୍ତି। ଡିଲରମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଚାଷୀଙ୍କଠାରୁ ମୋଟା ଅଙ୍କର ମୁନାଫା କମାଇବା ସହ ନକଲି ସାରକୁ ଅସଲି ବୋଲି କହି ବିକ୍ରି କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ କୃଷି ବିଭାଗ ଚାହିଦା ଥିବା କଂପ୍ଲେକ୍ସ ସାର ଯୋଗାଇପାରୁନି। ଯେଉଁଠି ୧୦ ଟନ୍ ଆବଶ୍ୟକ ସେଠିକୁ ୭ ଟନ୍ ଦେଉଛି। ଏହାର ଫାଇଦା ନେଇ ନକଲି ସାର କାରବାର କରୁଥିବା ର୍‌ୟାକେଟ୍ ସକ୍ରିୟ ହୋଇ ଉଠିଛନ୍ତି। ରାଜ୍ୟ ବାହାରୁ ବେପାରୀମାନେ ଆସି ଓଡ଼ିଶାର ବିଭିନ୍ନ ବଡ଼ ବଡ଼ ମାର୍କେଟ୍‌ରେ ଡେରା ପକାଇଛନ୍ତି।

### କୃଷି ବିଭାଗର ଚଢ଼ଉ ନାହିଁ କି କାର୍ଯ୍ୟାନୁଷ୍ଠାନ ବି ନାହିଁ

### ମାଟିରେ ମିଶିପାରୁନି ନକଲି ସାର; ବଢୁଛି ପ୍ରଦୂଷଣ ଭୟ

ଯେଉଁଠି ଚାଷୀଙ୍କର ଅଧିକ ଆବଶ୍ୟକତା ଓ ସରକାରୀ ଉଦାସୀନତା ଦେଖୁଛନ୍ତି, ସେଠି ବ୍ୟାପକ ନକଲି ସାର ବିକ୍ରି କରାଯାଉଛି। ବିଶେଷକରି ଅନୁନ୍ନତ ବ୍ଲକ୍ ଓ ପଛୁଆ ଜିଲ୍ଲାଗୁଡ଼ିକୁ ଏମାନେ ଏବେ ଟାର୍ଗେଟ୍ କରିଥିବା ଜଣାପଡ଼ିଛି।

ରାଜ୍ୟ ବାହାର ବେପାରୀମାନେ ଡିଲରମାନଙ୍କୁ ବିଭିନ୍ନ ବ୍ରାଣ୍ଡର ନକଲି ସାର ଶସ୍ତାରେ ବିକ୍ରି କରୁଛନ୍ତି। ଏହି ସାର ର୍‌ୟାକେଟ୍ ବିଶେଷକରି ପଶ୍ଚିମ ଓଡ଼ିଶାକୁ ଟାର୍ଗେଟ୍ କରୁଛନ୍ତି। ନୂଆପଡ଼ା, ବରଗଡ଼, ବୌଦ୍ଧ ଆଦି ଜିଲ୍ଲାକୁ ଛତିଶଗଡ଼ ଅଞ୍ଚଳରୁ ସାର ଆସୁଛି। ସେଠିକାର ଏଜେଣ୍ଟ ପ୍ରଥମେ ଆସି ମାର୍କେଟ୍ ସର୍ଭେ କରୁଛନ୍ତି। ବ୍ୟବସାୟୀମାନଙ୍କୁ ମୋଟା ଅଙ୍କର ମୁନାଫା ସହ ଆକର୍ଷଣୀୟ ଅଫର୍‌ର ଲୋଭ ଦେଖାଉଛନ୍ତି। ଫଳରେ ବ୍ୟବସାୟୀମାନେ ପ୍ରଲୋଭନର ଶିକାର ହୋଇ ନକଲି ସାର ଚାଷୀଙ୍କୁ ବିକ୍ରି କରୁଛନ୍ତି। ସେହିଭଳି ଦକ୍ଷିଣ ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଛି। ଜିଲ୍ଲା ମୁଖ୍ୟାଳୟରୁ ଦୂରରେ ଥିବା ବ୍ଲକ୍‌ଗୁଡ଼ିକର ଛୋଟ ଛୋଟ ମାର୍କେଟ୍‌ଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ଏହି ସ୍ଥାନରେ ବ୍ଲକ୍ କୃଷି ଅଧିକାରୀଙ୍କ ନିଷ୍କ୍ରିୟତା ଓ ଜିଲ୍ଲା କୃଷି ଅଧିକାରୀଙ୍କ ▶ପୃଷ୍ଠା-୭



ନୂଆଦିଲ୍ଲୀରେ ରକ୍ଷାବନ୍ଧନ ଉତ୍ସବ ଅବସରରେ ସ୍କୁଲ ପିଲାଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## କୁଲଗାମ ଏନକାଉଣ୍ଟର: ୨ ଯବାନ ସହିଦ

କୁଲଗାମ୍, ୯।୮(ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମରେ ଅଖଲ ଜଙ୍ଗଲରେ ଆତଙ୍କବାଦୀମାନଙ୍କ ବିରୋଧରେ ଚାଲିଥିବା ଏନ୍‌କାଉଣ୍ଟରରେ ଶୁକ୍ରବାର ଭାରତର ଦୁଇଜଣ ଯବାନ ଶହୀଦ ହୋଇଛନ୍ତି। ଏଥିରେ ୪ ଜଣ ଯବାନ ଆହତ ହୋଇଛନ୍ତି। ଲାନ୍ସ ନାୟକ ପ୍ରିତପାଲ ସିଂହ ଓ ହରମିନ୍ଦର ସିଂହ ଚିକିତ୍ସାଧୀନ ଅବସ୍ଥା।ରେ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ଏ ନେଇ ସୂଚନା ପ୍ରଦାନ କରାଯାଇଥିଲା। ଅଗଷ୍ଟ ୧ରୁ ଅପରେସନ ଅଖଲ ଜାରି ରହିଛି ଓ ଶନିବାର ଏହି ଅପରେସନ ୯ମ ଦିନରେ ପହଞ୍ଚିଛି। ଗତ ୨ ତାରିଖରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଏପର୍ଯ୍ୟନ୍ତ ୯ ଜଣ ଜବାନ ଏହି ଏନ୍‌କାଉଣ୍ଟରେ ଆହତ ହୋଇଛନ୍ତି ଓ ଏମାନଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିଛନ୍ତି। ଅଖଲ ଜଙ୍ଗଲ୍‌ରେ ଏବେ ମଧ୍ୟ କେତେକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏହି ଅପରେସନରେ ଜମ୍ମୁ-କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ କାର୍ଯ୍ୟକାରୀ କରୁଛନ୍ତି। ଏବେ ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅଗଷ୍ଟ ୨ରେ ନିହତ ହୋଇଥିବା ଆତଙ୍କବାଦୀ ହେଉଛି ପୁଲବାମାର ହାରିସ ନାଜିର ଦାର। ସେ ସି- ବର୍ଗର ଆତଙ୍କବାଦୀ ଥିଲା। ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୬ରେ ଜାରି କରାଯାଇଥିବା ୧୪ଜଣିଆ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଥିଲା। ଏଥିରେ ନାଜିର ସାମିଲ ରହିଥିଲା। ତା ପାଖରେ ଏକେ-୪୭ ରାଇଫଲ, ମ୍ୟାଗାଜିନ ଓ ଗୋଳାବାରୁଦ ଜବତ କରାଯାଇଥିଲା। ଏହି ୧୪ ଜଣଙ୍କ ମଧ୍ୟରୁ ୭ ଜଣ ସେନା ଗୁଳିରେ ପ୍ରାଣ ହରାଇଥିବା ବେଳେ ୭ ଜଣଙ୍କ ତଲାସ ଜାରି ରହିଛି।

## ଅମରନାଥ ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ଶନିବାର ରାକ୍ଷୀପୂର୍ଣ୍ଣିମା ଅବସରରେ ପବିତ୍ର ଅମରନାଥ ଯାତ୍ରା ସମାପନ ହୋଇଛି। ଛଡି ମୁବାରକ ପବିତ୍ର ଗୁମ୍ଫା ନିକଟରେ ପହଞ୍ଚିବା ପରେ ଏହି ଯାତ୍ରା ଆନୁଷ୍ଠାନିକ ଭାବେ ସମ୍ପର୍ଣ୍ଣ ହୋଇଛି। ଏଥିପାଇଁ ପାରମ୍ପରିକ ରୀତିନୀତିରେ ମହନ୍ତ ଦୀପେନ୍ଦ୍ର ଗିରିଙ୍କ ତତ୍ତ୍ୱାବଧାନରେ ଶହେରୁ ଅଧିକ ସାଧୁଙ୍କ ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହାପରେ ଭକ୍ତମାନଙ୍କୁ ବର୍ଷର ଅନ୍ତିମ ଦର୍ଶନ କରିବାରୁ ସୁଯୋଗ ମିଳିଥିଲା। ଜୁଲାଇ ୩ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ ହେବା ଯୋଗୁଁ ଅଗଷ୍ଟ ୩ରେ ଏହି ଯାତ୍ରାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବର୍ଷ ମୋଟ୍ ୪ ଲକ୍ଷ ୧୦ ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରିଥିଲେ। କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଭକ୍ତ ଅମରନାଥ ଦର୍ଶନ କରିଥିଲେ। ଏଥର ଯାତ୍ରା ଅବସରରେ ଏକାଧିକ ଅଘଟଣା ମଧ୍ୟ ଘଟିଥିଲା। ଜୁଲାଇ ୫ରେ କେତୋଟି ବସ ପରସ୍ପରକୁ ଧକ୍କା ଦେବା ଫଳରେ ୩୬ ଶ୍ରଦ୍ଧାଳୁ ଆହତ ହୋଇଥିଲେ।

## ଆମେରିକାରେ ୫ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରାଜ୍ୟସଭାରେ ଶନିବାର ଶିବସେନା (ୟୁବିଟି) ସାଂସଦ ଅନୀଲ ଦେଶାଇଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହିନ୍ଦୁଙ୍କ ଉପରେ ହୋଇଥିବା ଅତ୍ୟାଚାର ତଥା ଆକ୍ରମଣ ନେଇ ତଥ୍ୟ ଉପସ୍ଥାପନା କରିଥିଲେ। ବାଂଲାଦେଶରେ ଗତ ୫ ବର୍ଷ ମଧ୍ୟରେ ହିନ୍ଦୁଙ୍କ ଉପରେ ୩, ୫୮୨ ଆକ୍ରମଣ ହୋଇଥିବା ସେ ସୂଚନା ଦେଇଛନ୍ତି। ରଙ୍ଗପୁର ଓ ଛଟଗ୍ରାମ ଭଳି ଜିଲ୍ଲାରେ ଅଳ୍ପସଂଖ୍ୟକଙ୍କ ଉପରେ ହିଂସା ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ପାକିସ୍ତାନରେ ଅଳ୍ପସଂଖ୍ୟାକ ବିରୋଧରେ ୩୩୪ଟି ହିଂସାର ମାମଲା ହୋଇଛି ଓ ଏ ନେଇ ଭାରତ ପାକିସ୍ତାନ ସମ୍ମୁଖରେ ପ୍ରଶ୍ନ ଉଠାଇଛି। ସେହିପରି ଆମେରିକାର, କାନାଡା, ବ୍ରିଟେନ ଭଳି ପାଶ୍ଚାତ୍ୟ ତଥା ଉନ୍ନତ ଦେଶଗୁହିକରେ ମଧ୍ୟ ହିନ୍ଦୁଙ୍କ ଉପରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ହୋଇଛି। ଏହି ଦେଶଗୁଡିକରେ ହିନ୍ଦୁ ମନ୍ଦିର ଉପରେ ଏକାଧିକ ଆକ୍ରମଣ ହୋଇଛି। ଆମେରିକାରେ ୫ ଓ କାନାଡାରେ ୪ଟି ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା କରାଯାଥିଲା ବୋଲି ସେ କହିଛନ୍ତି।

## କର୍ଣ୍ଣାଟକରେ ମହିଳାଙ୍କ କଟାମୁଣ୍ଡ

ବେଙ୍ଗାଲୁରୁ, ୯।୮(ଏଜେନ୍ସି): କର୍ଣ୍ଣାଟକର ଟୁମକୁର ଜିଲ୍ଲାରେ ଜଣେ ୪୨ ବର୍ଷୀୟ ମହିଳାଙ୍କ ଶରୀରର ୧୦ଟି ଅଲଗା ଅଲଗା ଅଂଶ ଭିନ୍ନ ଭିନ୍ନ ସ୍ଥାନରୁ ମିଳିଛି। ଶୁକ୍ରବାର ସିଦ୍ଧାରବେତ୍ତାରେ ତାଙ୍କ କଟା ମୁଣ୍ଡ ମିଳିଥିଲା। ଶନିବାର ଗୋଟିଏ କୁକୁର ମହିଳାଙ୍କ କଟା ହାତ ଟାଣୁଥିବାର ଦେଖି ଲିଙ୍ଗପୂରା ଗ୍ରାମର ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏହାର ଆଖପାଖ ଅଞ୍ଚଳରେ ଆଉ ଏକ ହାତକୁ ଖୋଜି ପାଇଥିଲା। ଏହାପରେ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରି ଶରୀର ଅନ୍ୟ ଅଂଶ ଖୋଜି ପାଇଥିଲା। ଏହି ମହିଳା ଜଣକ ଗତ ୪ ତାରିଖରୁ ନିଖୋଜ ଥିଲେ। ହାତର ଟାଟୁ ଓ ମୁହଁର ଆକୃତିକୁ ନେଇ ପୁଲିସ ତଦନ୍ତ କରିଥିଲା ଓ ଏହା ଲକ୍ଷ୍ମୀଦେବମ୍ମାଙ୍କ ମୃତଦେହ ବୋଲି ଜାଣିବାକୁ ପାଇଥିଲା। ଟୁମକୁରୁ ତାଲୁକସ୍ଥିତ ବେଲ୍ଲାଭି ଗାଁ ମହିଳା ଜଣକ ରହୁଥିଲେ। ମହିଳାଙ୍କ ସ୍ୱାମୀ ବାସଭାରାଜୁ ପତ୍ନୀ ନିଖୋଜ ହେବା ନେଇ ପୁଲିସରେ ଅଭିଯୋଗ କରିଥିଲେ। ସେ ତାଙ୍କ ଝିଅଙ୍କୁ ଭେଟିବାକୁ ଯିବା ପରେ ଫେରି ନଥିଲେ।

# ପାକିସ୍ତାନର ୬ଟି ଯୁଦ୍ଧ ବିମାନକୁ ଖସାଇଥିଲା ଭାରତ



## ଆକ୍ରମଣରେ ଆମେରିକା ନିର୍ମିତ ଏଫ୍-୧୬ ବି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପହଲଗାମର ଆକ୍ରମଣର ପ୍ରତିଶୋଧ ପାଇଁ ଭାରତ ଆରମ୍ଭ କରିଥଇବା 'ଅପରେସନ ସିନ୍ଦୂର'କୁ ନେଇ ଭାରତୀୟ ବାୟୁସେନା ମୁଖ୍ୟ ତଥା ଏୟାର ଚିଫ୍ ମାର୍ଶାଲ ଏପି ସିଂହ ବଡ଼ ସୂଚନା ଦେଇଛନ୍ତି। ଆମେରିକାର କିଛି ଏଫ-୧୬ ସହିତ ପାକିସ୍ତାନର ୬ଟି ଲଢୁଆ ବିମାନକୁ ଭାରତ ଧ୍ୱଂସ କରିଦେଇଛି ବୋଲି ସେ କହିଛନ୍ତି। ଏଗୁଡିକ ମଧ୍ୟରେ ୫ଟି ଲଢୁଆ ବିମାନ ଏବଂ ଗୋଟିଏ ବଡ଼ ବିମାନ ଏଇଡବ୍ଲ୍ୟୁଆଣ୍ଡସି (ଏୟାରବର୍ଣ୍ଣ ଆର୍ଲି ୱାର୍ଣ୍ଣି ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ ) ସାମିଲ ରହିଛି। ଏହା ପାକିସ୍ତାନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଥିଲା। ସବୁ ଲଢୁଆ ବିମାନକୁ ମଝି ଆକାଶରୁ ଖସାଇ ଦିଆଯାଇଥିଲା। ଗୋଟିଏ ବଡ଼ ବିମାନକୁ ତିନି ଶହ କିମି ଦୂରରୁ ଖସା ଯାଇଥିଲା। ଏହା ଇଏଲଆଇଏନ୍‌ଟି କିମ୍ବା ଏଇଡବ୍ଲ୍ୟୁଆଣ୍ଡିସି ହୋଇ ଥାଇପାରେ। ପ୍ରଥମ ଥର ପାଇଁ ତିନି ଶହ କିମି ଦୂରରୁ କୌଣସି ବିମାନକୁ ଖସା ଯାଇଛି। ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ପାକିସ୍ତାନର ଭୋଲାରି ଏବଂ ଜାକୋବାଦ ସ୍ଥିତ ହ୍ୟାଙ୍ଗରରେ ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା। ରକ୍ଷଣାବେକ୍ଷଣ ଲାଗି ସେଠାରେ କିଛି ଏଫ-୧୬ ଲଢୁଆ ବିମାନ ଥିଲା। ଏ ସବୁକୁ ଧ୍ୱଂସ କରିଦିଆଯାଇଥିଲା। ବେଙ୍ଗାଲୁରୁରେ ଅନୁଷ୍ଠିତ '୧୬ତମ ଏୟାର ଚିଫ୍ ମାର୍ଶାଲ ଏଲଏମ କାଟରେ ଲେକ୍ଚର'ରେ ସାମିଲ ହୋଇ ବାୟୁସେନା ମୁଖ୍ୟ ଏହି ସୂଚନା ଦେଇଛନ୍ତି।

ଏୟାର ଚିଫ୍ ମାର୍ଶାଲ କହିଛନ୍ତି ଯେ ଚଳିତ ଥର ବାଲାକୋଟ ଭୂତକୁ ଛଡ଼ାଇ ଦେଇଛୁ। ୨୦୧୯ର ବାଲାକୋଟ ଷ୍ଟ୍ରାଇକ ସମୟରେ ଆମେ ପ୍ରମାଣ ସଂଗ୍ରହ କରିପାରି ନ ଥିଲୁ। ସେତେବେଳେ କିଛି ଲୋକ ପ୍ରମାଣ ମାଗିଥିଲେ, କିନ୍ତୁ ଅପରେସନ ସିନ୍ଦୂରକୁ ନେଇ କେହି ଭାରତକୁ ପ୍ରମାଣ ମାଗିନାହାନ୍ତି। ଭାରତର ଜବାବୀ ଆକ୍ରମଣରେ ପାକିସ୍ତାନର ହୋଇଥିବା ବିପୁଳ କ୍ଷୟକ୍ଷତି ସମ୍ପର୍କରେ ପାକିସ୍ତାନୀ ଗଣମାଧ୍ୟମ ହିଁ ଦେଖାଇଛି। ପୂର୍ବରୁ ଏବଂ ଭାରତ ଆକ୍ରମଣ ପରର ପାକିସ୍ତାନ ସାମରିକ ଘାଟିର ଦୃଶ୍ୟ ସବୁଠି ଉପଲବ୍ଧ ରହିଛି। ଭାରତ କ'ଣ ହାସଲ କରିଛି ତାହା ବିଶ୍ୱ ଦେଖିଛି। ବାହାବଲପୁର ସ୍ଥିତ ଆତଙ୍କବାଦୀ ଠିକଣା ବି ଧ୍ୱସ୍ତସ୍ତୁପରେ ପରିଣତ ହୋଇଯାଇଛି।

**'ଅପରେସନ ସିନ୍ଦୂର'କୁ ନେଇ ବାୟୁସେନା ମୁଖ୍ୟଙ୍କ ଘୋଷଣା**

**ଧ୍ୱଂସ କରିଛୁ ପାକିସ୍ତାନର ୬ ଲଢୁଆ ବିମାନ**

**ବାଲାକୋଟ ଭୂତ ଛାଡ଼ିଗଲା**

**ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା ଏସ୍-୪୦୦**



ବାୟୁସେନା ମୁଖ୍ୟଙ୍କ ଅନୁଯାୟୀ 'ଅପରେସନ ସିନ୍ଦୂର'ରେ 'ଏୟାର ଡିଫେନ୍ସ ସିଷ୍ଟମ' ବହୁତ ଭଲ କାମ କରିଥିଲା। ପାକିସ୍ତାନ ଭାରତର ଏୟାର ଡିଫେନ୍ସକୁ ଭେଦ କରିପାରି ନ ଥିଲା। ଏଥିରେ ଏସ-୪୦୦ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। ଦୀର୍ଘ ଦୂରଗାମୀ ଗ୍ଲାଇଡେଡ ବୋମା ଥିଲେ ବି ପାକିସ୍ତାନ ଏହାକୁ ବ୍ୟବହାର କରିପାରି ନ ଥିଲା। ରାଜନୈତିକ ଇଚ୍ଛାଶକ୍ତି ଯୋଗୁଁ ଏହି ସଫଳତା ମିଳିଥିଲା। ସେନା ଉପରେ କୌଣସି କଟକଣା ନ ଥିଲା। ଭାବିଚିନ୍ତି ଆକ୍ରମଣ କରାଯାଇଥିଲା। ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିଲା। ସେନାର ସବୁ ଶାଖାକୁ ଏକାଠି କରିବାରେ ସିଡିଏସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ଏକ ହାଇଟେକ୍ ଯୁଦ୍ଧ ଥିଲା। ୮୦ରୁ ୯୦ ଘଣ୍ଟିଆ ଏହି ଯୁଦ୍ଧ ଏତେ କ୍ଷତି ହୋଇଥିଲା ଯେ ଜାରି ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିବ ଭାବି ପାକିସ୍ତାନ ଡିଜିଏମଓ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ଭାରତ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ। ଏହି ଯୁଦ୍ଧକୁ ନେଇ ଲୋକେ ଅହଙ୍କାରୀ ହୋଇ ଯାଇଥିଲେ। ଲକ୍ଷ୍ୟ ହାସଲ ପରେ ଏହାକୁ ବନ୍ଦ କରିବା ପାଇଁ ସୁଯୋଗ ଖୋଜିବା ଉଚିତ। କିନ୍ତୁ ମୋର କିଛି ଘନିଷ୍ଠ ଆହୁରି ଅଧିକ ମାରିବା ପାଇଁ କହୁଥିଲେ। କିନ୍ତୁ ଯୁଦ୍ଧ ଜାରି ରଖିବା ଠିକ୍ ନ ଥିଲା। ଭାରତ ଏକ ଭଲ ନିଷ୍ପତ୍ତି ନେଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଅବସର ପୂର୍ବରୁ ପାକିସ୍ତାନ ଯିବାକୁ ସମସ୍ତେ ସୁଯୋଗ ଖୋଜିଥାନ୍ତି। ଏହି ଲକ୍ଷ୍ୟ ରଖି ଆମେ ବାୟୁସେନାରେ ବଡ଼ ହୋଇଛୁ। ସଂଯୋଗବଶତଃ ଅବସର ପୂର୍ବରୁ ମୋତେ ଏହି ସୁଯୋଗ ମିଳିଗଲା ବୋଲି ବାୟୁସେନା ମୁଖ୍ୟ ଉଲ୍ଲେଖ କରିଛନ୍ତି। ସେ ଏହି ଟିପ୍ପଣୀ ଦେବା ସମୟରେ ପାକିସ୍ତାନର ସରଗୋଧା ଘାଟୀକୁ ବାୟୁସେନା ନିଶାଣ କରିଥିଲା ବୋଲି କହିଛନ୍ତି।

**ଆରଜି କର ହସ୍ପିଟାଲ ଦୁଷ୍କର୍ମ ମାମଲାକୁ ବର୍ଷେ**

# ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ

କୋଲକାତା, ୯।୮(ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ଏକ ବର୍ଷ ପୂରଣ ହୋଇଛି। ଏଥିପାଇଁ ପୀଡିତାଙ୍କ ପରିବାର ଶନିବାର ପଶ୍ଚିମବଙ୍ଗ ସଚିବାଳୟ (ନବନ୍ନା) ଚଲୋ ଅଭିଯାନର ଆହ୍ୱାନ ଦେଇଥିଲେ। ଏଥିପାଇଁ ଏହି ରାଲିରେ ପୀଡିତାଙ୍କ ପରିବାର ସଦସ୍ୟଙ୍କ ସହିତ ବିଜେପିର କେତେଜଣ ବରିଷ୍ଠ ନେତା ଯୋଗ ଦେଇଥିଲେ। କିନ୍ତୁ ଏମାନଙ୍କ ଉପରେ ଶନିବାର କୋଲକାତା ପୁଲିସ ଲାଠି ଚାର୍ଜ କରିଥିଲା। ପୁଲିସର ଲାଠିମାଡରେ ପୀଡିତାଙ୍କ ମାତାପିତା ଆହତ ହୋଇଛନ୍ତି। ଏହି ଘଟଣାକୁ ଗୋଟିଏ ବର୍ଷ ପୁରଣ ହୋଇଥିବାରୁ ବିଜେପି ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମାର୍ଚ୍ଚରେ ସାମିଲ ହୋଇଥିଲେ। ପୁଲିସର ଏହି ବର୍ବରାତାକୁ ବିରୋଧ କରି ଶୁଭେନ୍ଦୁ କୋଲକାତା ପାର୍କ ଷ୍ଟ୍ରିଟ୍‌ରେ ଧାରଣାରେ ବସିଥିଲେ।

ମୃତ ମହିଳା ଡାକ୍ତରଙ୍କ ମାତାପିତା ଏହି ମାର୍ଚ୍ଚର ଆହ୍ୱାନ ଦେଇଥିଲେ। କିନ୍ତୁ ନବନ୍ନା ପରିସରରେ ପ୍ରଥମରୁ ଧାରା ୧୬୩ ଲାଗୁ କରାଯାଇଥିଲା। ଫଳରେ ସେଠାରେ କୌଣସି ପ୍ରକାର ଆନ୍ଦୋଳନକୁ ବାରଣ କରାଯାଇଥିଲା। କୋଲକାତା ପୁଲିସ ପ୍ରଥମରୁ ଚେତାବନୀ ଜାରି କରିଥିଲା। ଏହା ସତ୍ତ୍ୱେ ବ୍ୟାରିକେଡ ଭାଙ୍ଗି ଆନ୍ଦୋଳନକାରୀ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ମାର୍ଚ୍ଚ ଆଗକୁ ଯାଉଥିବା ବେଳେ କୋଲକାତାର ପାର୍କ ଷ୍ଟ୍ରିଟ୍‌ରୁ ଡୋରିନା କ୍ରସିଂ ଏବଂ ହାଓଡା ମେଇଦାନରୁ ସନ୍ତରାଗାଛି ପର୍ଯ୍ୟନ୍ତ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ିବା ବେଳେ ପୁଲିସ ଲାଠି ଚାର୍ଜ କରିଥିଲା। ଶୁଭେନ୍ଦୁଙ୍କୁ ରୋକିବା ଫଳରେ ପାର୍କ ଷ୍ଟ୍ରିଟ୍‌ରେ ହଙ୍ଗାମା ହୋଇଥିଲା। ଫଳରେ ସେ ଧାରଣାରେ ବସିଥିଲେ। ପୁଲିସ ଲାଠିମାଡରେ ମୁଣ୍ଡରେ ଆଘାତ ଲାଗିଛି ଓ ହାତର ଶଙ୍ଖା ଭାଙ୍ଗିଯାଇଛି ବୋଲି ମୃତକଙ୍କ ମା ଅଭିଯୋଗ କରିଛନ୍ତି।

**ପୁଲିସର ଲାଠିମାଡ଼: ପୀଡିତାଙ୍କ ମାତାପିତା ମଧ୍ୟ ଆହତ**



## ନିର୍ବାଚନ ପୂର୍ବରୁ ୧୬୦ ସିଟ୍ ଅଫର ମିଳିଥିଲା: ପାୱାର

ନାଗପୁର, ୯।୮(ଏଜେନ୍ସି): ଏନ୍‌ସିପି (ଏସ୍‌ପି) ସୁପ୍ରିମୋ ଶରଦ ପାୱାର ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଦୁଇଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲେ ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ୨୮୮ରୁ ୧୬୦ ସିଟ୍ ଜିତିବା ନେଇ ଗ୍ୟାରେଣ୍ଟି ଦେଇଥିଲେ। ସେ ଏହି ଦୁଇ ଲୋକଙ୍କୁ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଥିଲେ। ସେମାନେ ରାହୁଲଙ୍କୁ ମଧ୍ୟ ଏହି ପ୍ରସ୍ତାବ ଦେଇଥିଲେ। ତେବେ ଆମେ ଏହି ପ୍ରସ୍ତାବକୁ ଗ୍ରହଣ କରି ନଥିଲୁ। ଆମେ ଲୋକଙ୍କ ପାଖକୁ ଯାଇ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲୁ। ପାୱାର କିନ୍ତୁ ଏହି ଦୁଇ ଲୋକଙ୍କ ପରିଚୟ ପ୍ରକାଶ କରି ନାହାନ୍ତି। ତେବେ ସେ କହିଛନ୍ତି ଯେ ଏଥିରୁ ଜଣାପଡୁଛି ଯେ ନିର୍ବାଚନରେ ଜାଲିଆତି ହୋଇଛି। ପାୱାର କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ପ୍ରଶ୍ନ ଉଠାଉଛନ୍ତି, ନିର୍ବାଚନ କମିସନ ତାର ଜବାବ ଦିଅନ୍ତୁ। କମିସନ ବଦଳରେ ବିଜେପି କାହିଁକି ପ୍ରତିକ୍ରିୟା ଦେଉଛି ବୋଲି ପାୱାର ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ କହିଛନ୍ତି ଯେ ପାୱାର ପୂର୍ବରୁ ଏହା କହିନଥିଲେ। ବୋଧେ ସେ ରାହୁଲ ଗାନ୍ଧୀଙ୍କ ପ୍ରଭାବରୁ ଏପରି କହୁଛନ୍ତି। ନିର୍ବାଚନର ଏତେ ଦିନ ପରେ ପାୱାରଙ୍କୁ ଏହି କଥା କିଭଳି ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ପ୍ରତିଦିନ ମନଗଢ଼ା କାହାଣୀ କହୁଛନ୍ତି। ରାହୁଲଙ୍କ ଭଳି ପାୱାର ମଧ୍ୟ ଏଭଳି କହିବା ଆରମ୍ଭ କଲେଣି। ଏହାପୂର୍ବରୁ ରାହୁଲ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟର ତାଲିକାରେ ଜାଲିଆତି ହେବା ଓ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ହରିୟାଣା ବିଧାନସଭା ନିର୍ବାଚନରେ ଭୋଟଚୋରି ହେବା ନେଇ ଅଭିଯୋଗ କରିଥିଲେ।



## ଝାଡ଼ଖଣ୍ଡରେ ଦୁଇ ମାଲ୍‌ଗାଡି ଧକ୍କା, ରେଳ ଚଳାଚଳ ବାଧାପ୍ରାପ୍ତ


ରାଞ୍ଚି, ୯।୮(ଏଜେନ୍ସି): ଝାଡଖଣ୍ଡର ଜାମସେଦପୁର ନିକଟସ୍ଥ ଚାନ୍ଦିଲ୍‌ରେ ଶନିବାର ସକାଳ ୪.୧୫ରେ ଦୁଇଟି ମାଲଗାଡି ପରସ୍ପରକୁ ଧକ୍କା ଦେଇଥିଲେ। ଗାଡିର ଏକାଧିକ ଡବା ରେଳ ଲାଇନ ବାହାରକୁ ଚାଲିଯାଇଥିଲା। ଫଳରେ ଏହି ରୁଟ୍‌ରେ ସବୁ ରେଳ ଚଳାଚଳକୁ ବନ୍ଦ କରିଦିଆଯାଇଛି। ଦୁର୍ଘଟଣା ପରେ ରେଳ ଲାଇନ ଉପରେ ଆବର୍ଜନା ବିଛାଡି ହୋଇ ପଡ଼ିଥିଲା। ମିଳିଥିବା ସୂଚନା ମୁତାବିକ ଗୋଟିଏ ମାଲଗାଡି ଟାଟାନଗରରୁ ବୋକାରୋ ଯାଉଥିଲା। ଅନ୍ୟ ଗାଡିଟି ବୋକାରୋରୁ ଟାଟାନଗର ଆସିଥିଲା। ସିଗ୍‌ନାଲ ସିଷ୍ଟମ୍‌ରେ ବୈଷୟିକ ତ୍ରୁଟି କାରଣରୁ ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏକ ମାଲଗାଡି ଟାଟା ନଗରରୁ ପୁରୁଲିଆକୁ ଯାଉଥିଲା। ଚାନ୍ଦିଲ ଷ୍ଟେସନ ପାର କରିବା ପରେ ଏହି ଗାଡି ଲାଇନଚ୍ୟୁତ ହୋଇଥିଲା ଓ ଏହି ଗାଡିର ଏକାଧିକ ବଗି ସାମ୍ନା ପଟୁ ଆସିଥିବା ଟ୍ରାକ୍ ଉପରେ ପଡ଼ିଥିଲା। ସାମ୍ନା ପଟୁ ଆସୁଥିବା ଗାଡି ଏହି ବଗିଗୁଡିକୁ ଧକ୍କା ଦେଇଥିଲା। ଫଳରେ ଦ୍ୱିତୀୟ ମାଲଗାଡିର ବଗିଗୁଡିକ ମଧ୍ୟ ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣା ପିତକୀ ଗେଟ୍ ଓ ଚାଣ୍ଡିଲ ଷ୍ଟେସନ ମଧ୍ୟରେ ହୋଇଛି।

## ୧୫ରେ ଆଲାସ୍କାରେ ପୁତିନଙ୍କୁ ଭେଟିବେ ଟ୍ରମ୍ପ

ୱାସିଂଟନ, ୯।୮(ଏଜେନ୍ସି): ଆଲାସ୍କାରେ ଅଗଷ୍ଟ ୧୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଶିଖର ବୈଠକ ହେବ। ଟ୍ରମ୍ପ ଶୁକ୍ରବାର ରାତିରେ ଏ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ବୈଠକ ସହିତ ଜଡିତ ବିଭିନ୍ନ ସୂଚନା ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ରୁଷିଆ ଆମ ଅଞ୍ଚଳ ଉପରେ କବ୍‌ଜା କରିଛି ଓ ଏହାକୁ ଆମେ କେବେବି ଦେବୁନାହୁଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଶାନ୍ତି ପାଇଁ ଯୁଦ୍ଧ ରୋକିବାକୁ ଆମେ ପ୍ରସ୍ତୁତ ବୋଲି ଜେଲେନସ୍କି କହିଛନ୍ତି।

# 'ଫ୍ୟାଟ୍‌ମ୍ୟାନ୍' ପ୍ରଳୟକୁ ପୂରିଲା ୮୦: ପ୍ରିୟଜନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ 'ହିବାକୁଶା'

ଟୋକିଓ, ୯।୮(ଏଜେନ୍ସି): ଜାପାନର ନାଗାସାକିରେ ୧୯୪୫ରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଶନିବାର ୮୦ ବର୍ଷ ପୂରିଛି। ଆମେରିକା ଅଗଷ୍ଟ ୯ରେ ସକାଳ ୧୧ଟାରେ ହିଁ ଜାପାନର ଏହି ସହରରେ ପରମାଣୁ ବୋମା ମାଡ କରିଥିଲା ଓ ଏହାପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ବିଶ୍ୱରେ ଶେଷଥର ପାଇଁ ନାଗାସାକିରେ ପରମାଣୁ ବୋମା ପଡ଼ିଥିଲା। ଏହି ବୋମାର ନାମ ଥିଲା 'ଫ୍ୟାଟମ୍ୟାନ'। ଏହି ଆକ୍ରମଣରେ ୭୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ ଅଗଷ୍ଟ ୬ରେ ହିରୋସିମାରେ ଆମେରିକା ପ୍ରଥମ ପରମାଣୁ ବୋମା ମାଡ କରିଥିଲା ଓ ଏହାର ନାମ 'ଲିଟିଲ ବଏ' ଥିଲା। ଏହି ଆକ୍ରମଣରେ ୧ ଲକ୍ଷ ୪୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ପରମାଣୁ ବୋମା ମାଡ଼ ପରେ ଜାପାନ ୧୯୪୫ ଅଗଷ୍ଟ ୧୫ରେ ଆତ୍ମ ସମର୍ପଣ କରିଥିଲା ଓ ଏଥିସହ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏହି ଦୁଇଟି ପରମାଣୁ ବୋମା ବିଭୀଷିକାରୁ ବର୍ତ୍ତିଯାଇଥିବା ୯୯ ହଜାର ୧୩୦ ଜଣ ଲୋକ ଏବେ ଜୀବିତ ଅଛନ୍ତି। ଏହି ଲୋକମାନଙ୍କୁ ହିବାକୁଶା କୁହାଯାଉଛି। ଏମାନଙ୍କ ହାରିହାରି ବୟସ ହେଉଛି ୮୬ ବର୍ଷ। ପରମାଣୁ ବୋମା ଆକ୍ରମଣରେ ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗ ଦେବାକୁ ନାକାସାକି ପ୍ରଶାସନ ସବୁଦେଶକୁ ନିମନ୍ତ୍ରଣ କରିଥିଲା। କିନ୍ତୁ ଚୀନ୍ ଏହି ନିମନ୍ତ୍ରଣକୁ ଗ୍ରହଣ କରିନାହିଁ। ନାଗାସାକିର ପିସ୍ ପାର୍କରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ୯୫ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଓ ନାଗାସାକି ମେୟର ଶିରୋ ସୁଜୁକି ଯୋଗ ଦେଇଥିଲେ।



୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ଯାଉଥିବା ବେଳେ ଆମେରିକା ଓ ଜାପାନ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଥିଲା। ଜାପାନ ଇଷ୍ଟ- ଇଣ୍ଡିଜ କ୍ଷେତ୍ରକୁ ଅକ୍ତିଆର କରିବାକୁ ନିଜ ସେନାକୁ ଆଗକୁ ବଢ଼ାଇଥିଲା। ଜାପାନକୁ ଆତ୍ମସମର୍ପଣ କରାଇବା ପାଇଁ ଆମେରିକାର ରାଷ୍ଟ୍ରପତି ହ୍ୟାରୀ ଟ୍ରୁମ୍ୟାନ ଏହି ପରମାଣୁ ବୋମା ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାପାନ ଆତ୍ମସମର୍ପଣ କରୁ କିମ୍ବା ସମ୍ପୂର୍ଣ୍ଣ ଭାବେ ବିନାଶ ହେବାକୁ ପ୍ରସ୍ତୁତ ରହୁ ବୋଲି ଟ୍ରୁମ୍ୟାନ ସେତେବେଳେ ଚେତାବନୀ ଦେଇଥିଲେ।

# 'ସୁଭଦ୍ରା'ର ତୃତୀୟ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



ଜୟପୁର, ୯ ।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜୟପୁରଠାରେ 'ସୁଭଦ୍ରା' ଯୋଜନାର ତୃତୀୟ କିସ୍ତି ତଥା ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି । ବାଙ୍କବିଜସ୍ଥିତ ରେଳଷ୍ଟେସନ୍ ନିକଟସ୍ଥ ପଡ଼ିଆରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ

- ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର 'ବନ୍ଦେ ଭାରତ'
- ୭୬୨ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଅର୍ଥ ସିଧାସଳଖ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ 'ସୁଭଦ୍ରା' ସହାୟତା ପ୍ରଦାନ କରାଯାଇଛି । ଏହାଦ୍ୱାରା ମହିଳାମାନଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି ହେବ । ପରିବାରର ଆର୍ଥିକ ଶକ୍ତି ବୃଦ୍ଧିରେ ମଧ୍ୟ ଏହା ସହାୟକ ହେବ ।

ଆଜି ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ପୂଜାର୍ଚ୍ଚନା ଏବଂ ଗୋ-ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ବିଦ୍ୟାଳୟର ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଥିଲେ । ପରେ ଶ୍ରୀରାମନଗର ପାର୍କଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ନୂତନ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ । ଏହାପରେ ବାଙ୍କବିଜସ୍ଥିତ ରେଳ ଷ୍ଟେସନ୍ ନିକଟ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସହ ସୁଭଦ୍ରା ସହାୟତା ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲାର ବିବାଦୀୟ କୋଟିଆ ପଞ୍ଚାୟତରେ ବସବାସ କରୁଥିବା ୧୭୯୭ ମହିଳା ପ୍ରଥମ କିସ୍ତି ଓ ୧୭୯୫ଜଣ ଦ୍ୱିତୀୟ କିସ୍ତି ଅର୍ଥ ପାଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି । ସେହିପରି, ଜିଲ୍ଲାରେ ୪୫୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର 'ବନ୍ଦେ ଭାରତ' ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯିବ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେହିପରି ସ୍ଥାନୀୟ ସେବା ପେପର୍ ମିଲ ପୁନର୍ବାର ଚାଲୁ ଏବଂ ଜୟପୁରଠାରେ ଏକ ନୂତନ ମହାବିଦ୍ୟାଳୟ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଥିଲେ, 'ସୁଭଦ୍ରା' ସହାୟତା ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା'-ଭଉଣୀମାନେ ଛୋଟବଡ଼ ବ୍ୟବସାୟ ଆରମ୍ଭ କରି ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି । ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, 'ସୁଭଦ୍ରା' ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରଘୁରାମ ମାଛ, ବିଧାୟକ ରୂପୁ ଭତ୍ରା, ବିଧାୟକ ନରସିଂହ ମାଡକାମି, ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ବି ଭୋଟ୍ ଚୋରି

## ନିର୍ବାଚନ କମିଶନଙ୍କ ଉପରେ ବର୍ଷିଲେ ଭକ୍ତ

ଭୁବନେଶ୍ୱର, ୯।୮ (ସମିସ): କର୍ଣ୍ଣାଟକରେ ଭୋଟ ଚୋରି ନେଇ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁତର ଅଭିଯୋଗ ଆଣିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି । ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହୋଇଥିବା ନେଇ ଅଭିଯୋଗ କରିଛନ୍ତି କଂଗ୍ରେସ ଓ ବିଜେଡି । ପୂର୍ବରୁ ବିଜେଡି ଏନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ କରିଥିବା ବେଳେ ଶନିବାର ପିସିସି ସଭାପତି ଭକ୍ତଚରଣ ଦାସ କେନ୍ଦ୍ର ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ଏନେଇ ନିଶାଣ କରିଛନ୍ତି । ରାଜ୍ୟରେ ୨୧ ଲୋକସଭା ଆସନରେ ୪୨ ଲକ୍ଷ ଅଧିକ ଭୋଟ ପଡ଼ିଛି ।

- ରାଜ୍ୟରେ ପଡ଼ିଛି ଅଧିକ ୪୨ ଲକ୍ଷ ଭୋଟ
- ଭୋଟଚୋରି ପାଇଁ ବିଜେପିରୁ ୨୦ ସାଂସଦ
- ବିଜେଡି ଦୋହରାଇଲା ସମାନ ଅଭିଯୋଗ; ୧୯ରେ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହେବ

ଅପରପକ୍ଷେ ୫୧ ବିଧାନସଭା ଆସନରେ ବିଜେଡି ଜିତିଥିବା ବେଳେ ଗୋଟେ ହେଲେ ବି ଲୋକସଭା ଆସନ ଜିଣିପାରିଲା ନାହିଁ । ସେହିପରି କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଲୋକସଭା ଆସନରେ ମାତ୍ର ଗୋଟିଏ ଲେଖାଁଏ ବିଧାନସଭା ଆସନ ଜିତି ବିଜେପି ଲୋକସଭା ଆସନ କିଭଳି ଜିତିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି ।

ଶନିବାର କଂଗ୍ରେସ ଭବନରେ ଶ୍ରୀ ଦାସ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ଯେ ନିର୍ବାଚନ କମିଶନ ଓ ଶାସକ ଦଳ ହାତ ମିଶାଇ ଭୋଟ ଚୋରି କରିଛନ୍ତି । ସେଥିପାଇଁ ରାହୁଲ ଗାନ୍ଧୀ ବାରମ୍ବାର ମାଗିବା ସତ୍ତ୍ୱେ ନିର୍ବାଚନ କମିଶନ ଭୋଟରଙ୍କ ତଥ୍ୟ କିମ୍ବା ମତଦାନ ବେଳର ତଥ୍ୟ ଦେଲେନାହିଁ । ଗତ ନିର୍ବାଚନ ନିରପେକ୍ଷ ଭାବେ ହୋଇଥିଲେ ରାଜ୍ୟରେ କଂଗ୍ରେସ ୩୫-୪୦ ବିଧାନସଭା ଆସନ ହାସଲ କରିପାରିଥାନ୍ତା । ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହେବାରୁ ବିଜେପିର ୨୦ ସାଂସଦ ଜିତିବାରେ ସକ୍ଷମ ହେଲେ । ଆସନ୍ତା ସୋମବାରରୁ ଏ ନେଇ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । କଂଗ୍ରେସର ଭୋଟଚୋରି ପ୍ରସଙ୍ଗକୁ ବିଜେଡି ମଧ୍ୟ ବଳ ଯୋଗାଇଛି । ଅନୁରୂପ ଅଭିଯୋଗ ଆଣି ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ରାଜ୍ୟରେ ଭୋଟ ଜାଲିଆତି ନେଇ ପୂର୍ବରୁ କହିଥିଲେ । ଫର୍ମ -୧୭ ସି ଏଯାଏଁ ବିଜେଡିକୁ ଦିଆଗଲା ନାହିଁ । ଆସନ୍ତା ୧୯ ତାରିଖରେ ପୁଣି ବିଜେଡି ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ଅସହ୍ୟ ହେଲା ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯ୍ୟାତନା

# ୩ ମହଲା କୋଠାରୁ ଡେଇଁ ପଡ଼ିଲେ ଛାତ୍ରୀ

ବେତନଟୀ, ୯ ।୮ (ସମିସ): ପ୍ରଧାନଶିକ୍ଷୟିତ୍ରୀଙ୍କ ନିର୍ଯ୍ୟାତନା ଅସହ୍ୟ ହେବାରୁ ୩ ମହଲା ହଷ୍ଟେଲ ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ । ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଏସ୍. ଏସ୍ ନହଣ୍ଡାଶୋଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ଏପରି ଏକ ଘଟଣା ଘଟିଛି । ୪ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଛାତ୍ରୀଙ୍କ ବାପା ଆଜି ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି । ଗୁରୁତର ଛାତ୍ରୀଜଣଙ୍କ ହେଲେ, ବେତନଟୀ ବ୍ଲକ୍ ଅଧୀନ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ସାଇନା ଖାତୁନ । ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାଲେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କର ମେରୁଦଣ୍ଡ ହାଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ଅପରପକ୍ଷେ, ଛାତ୍ରୀଙ୍କ ବାପା ସେକ ମେଜବୁଲଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ



କରିଛି । ସେହିପରି ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା କରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି ।

ସୂଚନାନୁଯାୟୀ, ସାଇନା ଅଷ୍ଟମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ତାଙ୍କୁ କମ ନମ୍ବର ଦେଇଥିଲେ । ଏହାର ସେ ପ୍ରତିବାଦ କରିଥିଲେ । ଏନେଇ ସେ ବାରମ୍ବାର ପ୍ରଶ୍ନ କରିବାରୁ ଗତ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ

- ଭାଙ୍ଗିଛି ମେରୁଦଣ୍ଡ ହାଡ଼; ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ
- ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ବିଭିନ୍ନ ସମୟରେ ପ୍ରଧାନଶିକ୍ଷୟିତ୍ରୀ ରାଗ ରଖି ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ । ଏପରିକି, ବିନା କାରଣରେ ଗାଳିଗୁଲଜ କରି ପ୍ରବଳ ମାଡ଼ ମାରୁଥିଲେ । ଏ ସଂପର୍କରେ ଛାତ୍ରୀଙ୍କ ବାପା ଜାଣିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ବହୁବାର ଅଭିଯୋଗ କରିଛନ୍ତି ।

ଗତ ରବିବାର ସାଇନା ସଜ ହେଉଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ କଟୁ ମନ୍ତବ୍ୟ ଦେଇ ଅପମାନିତ କରିଥିଲେ । ଏହା ସହି ନପାରି ସାଇନା ଏକ ସୁଇସାଇଡ ନୋଟ୍ ଲେଖି ୩ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁବାର ଥାନାରେ ଅଭିଯୋଗ ପରେ ଶୁକ୍ରବାର ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଓ ଆଇଆଇସି ସସ୍ମିତା ମହାନ୍ତ, ବିଡିଓ ସୁଶାନ୍ତ ସୂତାର ଛାତ୍ରୀନିବାସ ଓ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଛନ୍ତି । ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ କର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଙ୍କ ବୟାନ ନେବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କରଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି ।



ପବିତ୍ର ରକ୍ଷା ବନ୍ଧନ ଅବସରରେ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ବାନ୍ଧୁଛନ୍ତି

# ଆଇଜର୍‌ର ସମାବର୍ତ୍ତନ ଉତ୍ସବ

# ଶିକ୍ଷାକୁ ପରିବେଶ ଓ ସମାଜ ପରିବର୍ତ୍ତନରେ ବିନିଯୋଗ କର: ରାଜ୍ୟପାଳ



ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୯ ।୮ (ସମିସ): ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ ବ୍ରହ୍ମପୁର (ଆଇଜର)ର ୫ମ ସମାବର୍ତ୍ତନ ଉତ୍ସବ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଶିକ୍ଷାକୁ କେବଳ ଡିଗ୍ରୀରେ ସୀମିତ ନ ରଖି ସମାଜ ପରିବର୍ତ୍ତନରେ ଲଗାଇବା ସହ ପରିବେଶ ଓ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୧୬ରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ଜ୍ଞାନମନ୍ଦିର ଭାବେ ପରିଗଣିତ ହୋଇଛି । ଏହା ଦେଶ ପାଇଁ ଗୌରବର ବିଷୟ । ଆଗାମୀ ଦିନରେ ଏଠାକାର ଅନୁସନ୍ଧାନ ବିକଶିତ ଭାରତର କାମରେ ଆସିବ । ଏହି ଅନୁଷ୍ଠାନ ରାଷ୍ଟ୍ରୀୟ ଆବଶ୍ୟକତା ପୂରଣ କରିବ । ନବଅନୁସନ୍ଧାନରେ ଏଠାକାର ପିଲାମାନେ ମଞ୍ଜି ପୋତିବେ । ଏଣୁ ଚାକିରି ପଛରେ ନ ପଡ଼ି ରୋଜଗାର ତିଆରି କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ଦେଇଥିଲେ ।

ଅନ୍ୟତମ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରତାପ ନାୟକ, ଆଇଜର ଗଭର୍ଣ୍ଣିଙ୍ଗ ବଡ଼ି ଚେୟାରପର୍ସନ ଅରବିନ୍ଦ ଅନନ୍ତ ନାଟୁ, ଡିନ୍ ପ୍ରଫେସର୍ ପ୍ରସନଜିତ ମଣ୍ଡଳ, ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରାୟଙ୍କ ସମେତ ବୋଡର୍‌ର ଅନ୍ୟ ସଦସ୍ୟମାନେ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଏସ-ଏମଏସ ବର୍ଗରେ ୧୩୬ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ଏମଏଏସ୍ ଡିଗ୍ରୀ ଓ ୨୨ଜଣଙ୍କୁ ପିଏଚ୍‌ଡି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଇଜର ପରିସରରେ ଚାରାରୋପଣ କରାଯାଇଥିବା ବେଳେ ୭୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣରେଖାରେ ଭାସିଗଲେ ୨ ଭଉଣୀ

## ଶୈବପୀଠରେ ଜଳଲାଗି ପାଇଁ ପାଣି ଉଠାଉଥିଲେ

ଜଳେଶ୍ୱର, ୯।୮ (ସମିସ): ମହାଦେବଙ୍କୁ ଜଳଲାଗି ପାଇଁ ପାଣି ଉଠାଇବାକୁ ଆସିଥିବା ଦୁଇ ଭଉଣୀ ସୁବର୍ଣ୍ଣରେଖା ନଦୀରେ ଭାସି ନିଖୋଜ ହୋଇଯାଇଛନ୍ତି । ସେମାନେ ହେଲେ, ଜଳେଶ୍ୱର ବ୍ଲକ ଶିଖରପୁର ଗାଁର କାହ୍ନୁ ଦାସଙ୍କ ଦୁଇ ଝିଅ ନନ୍ଦିତା (୧୪) ଓ ନନ୍ଦିନୀ (୧୨) । ସାଙ୍ଗମାନଙ୍କ ସହ ଦୁହେଁ ପାଣି ଉଠାଇବାକୁ ଶିଖରପୁର ପୋଲ ନିକଟ ଘାଟକୁ ଯାଇଥିଲେ । ନଦୀର ପ୍ରଖର ସ୍ରୋତରେ ନିୟନ୍ତ୍ରଣ ହରାଇ ୪ଜଣ ଭାସି ଯାଇଥିଲେ । ପାଖରେ ଥିବା କାଉଡ଼ିଆମାନେ ଜ୍ୟୋତିପ୍ରକାଶ ଦାସ, ଚାନ୍ଦିନୀ ଦାସକୁ ଉଦ୍ଧାର କରିଥିଲେ । ହେଲେ ନନ୍ଦିତା ଓ ନନ୍ଦିନୀ ଦୂରକୁ ଭାସିଯିବାରୁ ସେମାନଙ୍କୁ ଉଦ୍ଧାର ସମ୍ଭବ ହୋଇପାରିନଥିଲା । ଖବର ପ୍ରଘଟ ହେବା ପରେ ଗ୍ରାମବାସୀ ଓ ପରିବାରଲୋକେ ନଦୀକୂଳରେ ଖୋଜାଖୋଜି କରିଥିଲେ । ଖବର ପାଇ ଜଳେଶ୍ୱର ଓ ବାଲିଆପାଳରୁ ୨ଟି ଓଡ୍ରାଫ୍ ଟିମ୍, ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ । ପରିସ୍ଥିତି ସଂପର୍କରେ ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ସହ ଜଳେଶ୍ୱର ପୁଲିସ ନଜର ରଖିଥିବା ଜଣାଯାଇଛି ।

# ଡକାୟତି ଯୋଜନା ପଣ୍ଡ

# ପୁଲିସ୍ ପଞ୍ଝାରେ ଡକାୟତ ଗ୍ୟାଙ୍ଗ

ଅନୁଗୋଳ, ୯ ।୮ (ସମିସ): ଅନୁଗୋଳ ପୁଲିସ୍ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିବା ସହ ୮ ଡାକୟତଙ୍କୁ ଗିରଫ କରିଛି । ସେମାନେ ହେଲେ, ଅନୁଗୋଳ ସଦର ଥାନା ଅନ୍ତର୍ଗତ ଅଙ୍ଗାରବନ୍ଧ ଗାଁର ପାର୍ଥସାରଥି ପ୍ରଧାନ(୨୫), ବବୁଲୁ ପ୍ରଧାନ (୧୮), ଦିଲୀପ ସାହୁ (୨୨), ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହୁଲସୁରିଙ୍ଗା ଘାସିସାହିର ସୁଜାଳ ଓରଫ ବୁଦ୍ଧ ମୁଖୀ (୧୯), ଘୁଞ୍ଚାପାଳ ଗାଁର ସୌମ୍ୟ ଓରଫ ସମୟ ନାଏକ (୨୨), ବନ୍ତଲା ଥାନା

- ୮ ଡକାୟତ ଗିରଫ
- ଦୁଇ କାର୍, ୪ ପିସ୍ତଲ ଜବତ

କଲେଇପଦା ଗାଁର ତନ୍ମୟ ନାଏକ ଓରଫ ମଣ୍ଟୁ (୨୧), ମାଣପୁରର ସିଲୁ ଓରଫ ଜଗନ ନାଏକ (୧୯), ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ପୋଡ଼ାପଡ଼ାର ମିଲନ୍ ଓରଫ ରୁଦ୍ରନାରାୟଣ ଭୁତିଆ (୨୫) । ଏନେଇ ଅନୁଗୋଳ ପୁଲିସ୍ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଅପରାହ୍ଣରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ମହାଳିକ ସୂଚନା ଦେଇଛନ୍ତି । ପୁଲିସ ସେମାନଙ୍କ ନିକଟରୁ ଦୁଇଟି କାର୍, ୪ଟି ଦେଶୀ ପିସ୍ତଲ, ୭ଟି ମୋବାଇଲ ଓ ୭ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।

ଏମାନେ ଜାତୀୟ ରାଜପଥରେ ଡକାୟତି ଉଦ୍ଦେଶ୍ୟରେ ଏକ ଧଳା ରଙ୍ଗର ସ୍କର୍ପିଓ ଓ ଥାର୍‌ରେ ବୁଲୁଥିବା ଖବର ପାଇ




ପୁଲିସ୍‌ର ଏକ ପାଟ୍ରୋଲିଂ ଟିମ୍ ଅନୁଗୋଳ ଟାଉନ୍ ଅଞ୍ଚଳରେ ସେମାନଙ୍କୁ ଖୋଜାଖୋଜି କରି ହେମସୁରପଡ଼ା ଛକରେ ଠାବ କରିଥିଲା । ପୁଲିସକୁ ଦେଖି ଦୁର୍ବୃତ୍ତମାନେ ରାଜ୍ ହୋଟେଲ ଛକ ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ । କିନ୍ତୁ ପୁଲିସ ସେମାନଙ୍କୁ ପିଛା କରି ଶନିବାର ଭୋର୍ ୪ଟାରେ ହାଟଛକ ନିକଟ ଅନୁଗୋଳର ପୁରୁଣା ଗୋରୁ ହାଟ ଭିତରୁ ଧରିବାରେ ସଫଳ ହୋଇଥିଲା । ଯାଞ୍ଚ ସମୟରେ ଅଭିଯୁକ୍ତମାନେ ଅନେକ ମାମଲାରେ ଜଡ଼ିତ ଏବଂ ସଂଗଠିତ ଭାବେ ଅସାମାଜିକ କାର୍ଯ୍ୟକଳାପ କରୁଥିବା ଜଣାପଡ଼ିଥିଲା । ଏହି ଡକାୟତ ଗ୍ୟାଙ୍ଗକୁ ଧରିବାରେ ଆଇଆଇସି ଧୀରେଶ ଦାସ, ଏସଆଇ ଆଶିଷ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ, ଆଦିତ୍ୟ କୁମାର ପଟ୍ଟନାୟକ, ଏଏସଆଇ ଚିତ୍ରସେନ ବିଶୋଇଙ୍କ ସମେତ କର୍ମଚାରୀ ମହେଶ ନାୟକ, ଲିଙ୍ଗରାଜ ବେହେରା, ନୀଳାମ୍ବର ଦଳବେହେରା, ସଂଗ୍ରାମ କେଶରୀ ମହାପାତ୍ର, ସୁଶୀଲ ସୁହୁଲା, ସାଗର ବୋଇତା, ବଳରାମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

# ବିଶ୍ୱ ଆଦିବାସୀ ଦିବସରେ ବର୍ଷିଲା ବିଜେଡି

# ଆଦିବାସୀଙ୍କ ସ୍ୱାର୍ଥକୁ ଭୁଲି ସରକାର ଗପ ଶୁଣାଉଛନ୍ତି

ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟ ସରକାର ଗତ ୧୩ ମାସର ଶାସନରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ଶନିବାର ଶଙ୍ଖ ଭବନରେ ବିଜେଡି ଆଦିବାସୀ ସେଲର ଆବାହକତ୍ୱରେ ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀଙ୍କ ମନ୍ଥର ବିକାଶକୁ ନେଇ କ୍ଷୋଭ ପ୍ରକାଶ ପାଇଛି ।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲର ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ । ଶ୍ରୀ କିଷାନ କହିଥିଲେ ଯେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଛନ୍ତି । ମାତ୍ର ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି । ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ

- ଆଦିବାସୀ ଛାତ୍ରଛାତ୍ରୀଙ୍କ ବର୍ଦ୍ଧିତ ବୃତ୍ତିରାଶି କାଟି ଦିଆଯାଉଛି
- ଆଭିମୁଖ୍ୟରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ ଚେତାବନୀ
- ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରନ୍ତୁ ଡବଲ ଇଞ୍ଜିନ ସରକାର

ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନଆଣିଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ହେବ । ଶ୍ରୀ ମାର୍ଣ୍ଡି କହିଥିଲେ ଯେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହି ଦିବସକୁ ଭୁଲିଗଲେଣି । ଜଣେ ଆଦିବାସୀ ଭାଇ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ମଧ୍ୟ ଆଜିର ଦିନରେ ଆଦିବାସୀ ସମାଜ ପାଇଁ ଗୋଟିଏ ବାର୍ତ୍ତା ନ ଦେବା ଦୁର୍ଭାଗ୍ୟର ବିଷୟ । ରାଜ୍ୟରେ ପ୍ରତିଦିନ ଆଦିବାସୀ ମହିଳା ଓ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହେଉଥିବା ବେଳେ ସରକାରୀ ଛାତ୍ରାବାସରେ ଆଦିବାସୀ ଛାତ୍ରୀମାନେ ଗର୍ଭବତୀ ହେବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ଡ. ମାଝୀ କହିଥିଲେ ଯେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ୩୮.୫ ପ୍ରତିଶତ ସଂରକ୍ଷଣ ମିଳୁ । ହୋ, ମୁଣ୍ଡାରୀ, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ ୧୩୫ ଆଦିବାସୀ ସମ୍ପ୍ରଦାୟକୁ ଆଦିବାସୀ ଜନଜାତିରେ ସାମିଲ କରିବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନିଅନ୍ତୁ । ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

● ବନ ବିଭାଗର ଚଢ଼ଉ

## ୧୮ କଇଁଛ ସହ ବାଇକ୍ ଜବତ, ଜଣେ ଗିରଫ



ମୋଟୁ, ୯।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ କୋଣ୍ଟା ବ୍ରିଜ୍ ନିକଟରେ ୧୮ଟି କଇଁଛ ସହ ଗୋଟିଏ ବାଇକ୍ ଜବତ କରିବା ସହ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି ବନ ବିଭାଗ। ବେଆଇନ କଇଁଛ ବ୍ୟବସାୟ ସମ୍ପର୍କରେ ଖବର ମିଳିବା ପରେ ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇକିରଣ ଡିଏନ୍‌ଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ର ନେତୃତ୍ୱ ନେଇଥିଲେ ମାଲକାନଗିରି ଜିଲ୍ଲା ସହକାରୀ ବନ ସଂରକ୍ଷକ ମନସୁନ୍ ଖେମୁଣ୍ଡୁ, ମୋଟୁ ଫରେଷ୍ଟର ମୁରଲୀଧର ଅନୁଗୁଳିଆ, ସୁରେଶ ପୂଜାରୀ ଓ ମୋଟୁ ସେକ୍ସନର ସମସ୍ତ ବନ କର୍ମଚାରୀ ଓ ତହସିଲ୍ କର୍ମଚାରୀ। ଶୁକ୍ରବାର ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲାର ସୀମାନ୍ତ ମୋଟୁ କୋଣ୍ଟା ବ୍ରିଜ୍ ନିକଟରେ ଜଗିଥିଲେ। ମୋଟୁ-କୋଣ୍ଟା ବ୍ରିଜ୍ ନିକଟରେ କଇଁଛ ଅବାଧ ଚୋରା ଚାଲାଣ ସହିତ ଜଡ଼ିତ ଥିବା ଜଣେ ବ୍ୟକ୍ତି ଧରାପଡ଼ିଛନ୍ତି। ତାଙ୍କଠାରୁ ୧୮ଟି ଜୀବନ୍ତ କଇଁଛ ଜବତ କରାଯାଇଛି। ଏହି ଅବାଧ ଚାଲାଣରେ ବ୍ୟବହୃତ ହୋଇଥିବା ଗୋଟିଏ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଏହି କଇଁଛ ଆନ୍ଧ୍ରପ୍ରଦେଶରୁ ଚୋରାରେ ଆଣି ମୋଟୁ ଅଞ୍ଚଳରେ ବିକ୍ରୟ ଏବଂ ଖାଇବା ଉଦ୍ଦେଶ୍ୟରେ ଚୋରା ଚାଲାଣ କରାଯାଉଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତି ହେଲେ ମୋଟୁ ଥାନାସ୍ଥ ଏମ୍‌ପିଭି ୮୧ ଗ୍ରାମର ବିପିନ ରାୟ ବୋଲି ଜଣାପଡ଼ିଛି। ଗତ ସପ୍ତାହକ ମଧ୍ୟରେ ମୋଟୁ ଓ ଏମ୍‌ଭି ୭୯ ବନାଞ୍ଚଳରୁ ପ୍ରାୟ ୧୧୦୦ରୁ ଊର୍ଦ୍ଧ୍ୱ କଇଁଛ ଜବତ ହୋଇସାରିଲାଣି।

# ଅବ୍ୟବସ୍ଥାରେ ରହୁଛନ୍ତି ଗୁଡାରୀ ଅନ୍ୱେଷା ହଷ୍ଟେଲ୍ ଛାତ୍ରୀ

- ଉପଜିଲ୍ଲାପାଳଙ୍କୁ ଭେଟି ଗୁହାରିକଲେ ଅନ୍ତେବାସୀ
- ଝରକା ଫାଙ୍କ ଦେଇ ଛାତ୍ରୀମାନଙ୍କ ହଷ୍ଟେଲ ଭିତରେ ପଶିଆସୁଛନ୍ତି ଅନ୍ତେବାସୀ ଛାତ୍ର



ଗୁଣୁପୁର, ୯।୮ (ସମିସ): ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ରାୟଗଡ଼ାରେ ଆଦିବାସୀ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। ଛାତ୍ରଛାତ୍ରୀମାନେ ହଷ୍ଟେଲରେ ଅନ୍ତେବାସୀମାନେ ରହି ଶିକ୍ଷା ଅର୍ଜନ କରୁଛନ୍ତି। ଆମେ ଅନେକ ସମୟରେ ଦେଖିଛେ ଛାତ୍ରଛାତ୍ରୀମାନେ ବିଭିନ୍ନ ଅବ୍ୟବସ୍ଥାରେ ରହୁଥିବାର ଦୃଶ୍ୟ। କିଛିଦିନ ତଳେ ରାୟଗଡ଼ା ଜିଲ୍ଲାରେ ଅନ୍ତେବାସୀ ଛାତ୍ର ସଠିକ୍ ଚିକିତ୍ସା ନ ପାଇ ମେଲେରିଆରେ ପୀଡ଼ିତ ହୋଇ ପ୍ରାଣ ହରାଇଛନ୍ତି। ସେହିଭଳି ଆଉ ଏକ ଦାବିକୁ ନେଇ ଗୁଣୁପୁର ଉପଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଛନ୍ତି ଗୁଡାରୀ ଅନ୍ୱେଷା ହଷ୍ଟେଲର ଛାତ୍ରୀମାନେ। ସମାନେ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ହଷ୍ଟେଲରେ ରହୁଥିବା ନେଇ ଜଣାଇଛନ୍ତି। ସହରାଞ୍ଚଳ ଶିକ୍ଷା ଯୋଜନାରେ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ହଷ୍ଟେଲରେ ରଖି ଇଂରାଜୀ ଶିକ୍ଷା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଏହି ଅନ୍ୱେଷା ହଷ୍ଟେଲଗୁଡ଼ିକ ପରିଚାଳିତ ହୁଏ। ଚଳିତ ବର୍ଷ ଗୁଣୁପୁର ତହସିଲ୍ ନିକଟ ଅନ୍ୱେଷା ହଷ୍ଟେଲରୁ ଜଣେ ଛାତ୍ର ବିକ୍ରମପୁରଠାରେ ଥିବା ଅନ୍ୱଷା ହଷ୍ଟେଲ୍‌ରୁ ୮ଜଣ ଛାତ୍ର, ୮ ଜଣ ଛାତ୍ରୀ, ବେଲ୍ ହଷ୍ଟେଲ୍‌ଠାରେ ଥିବା ଅନ୍ୱେଷାରୁ ୪୪ ଜଣ ଛାତ୍ରୀଙ୍କୁ ଗୁଡାରୀ ଅନ୍ୱେଷା ହଷ୍ଟେଲ୍‌କୁ ମଙ୍ଗଳ ବିଭାଗ ନବମ ଶ୍ରେଣୀ ଶିକ୍ଷା ପାଇଁ ସ୍ଥାନାନ୍ତର କରିଥିଲେ। ସମୁଦାୟ ୬୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, ପୂର୍ବରୁ ଏହି ଅନ୍ତେବାସୀମାନେ ଗୁଣୁପୁରଠାରେ ଶିକ୍ଷା ଅର୍ଜନ କରୁଥିଲେ ସେହି ବିଦ୍ୟାଳୟରେ ସରକାରୀ ସ୍ୱୀକୃତିପ୍ରାପ୍ତ ନ ଥିବା ଯୋଗୁଁ ଏହି ଛାତ୍ରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ମଙ୍ଗଳ ବିଭାଗ ଅଧିକାରୀ କହିଛନ୍ତି। କିଛି ମାସ ଛାତ୍ରୀମାନେ ହଷ୍ଟେଲ୍‌ରେ ରହିବା ପରେ ଗୁଡାରୀ ଅନ୍ୱେଷା ହଷ୍ଟେଲର ଅବ୍ୟବସ୍ଥାକୁ ନେଇ ଛାତ୍ରୀମାନେ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ୍ ଦିଲ୍ଲୀପଙ୍କୁ ଭେଟି ଗୁହାରି ଜଣାଇଥିଲେ। ଏହାପରେ ଗୁଣୁପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ମଧ୍ୟ ଛାତ୍ରୀମାନେ ଯାଇ ଅବ୍ୟବସ୍ଥା ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଥିଲେ। ଗୁଡାରୀ ଅନ୍ୱେଷା ହଷ୍ଟେଲରେ ଅନ୍ତେବାସୀ ଛାତ୍ରୀ ରହୁଥିବାବେଳେ ଝରକା ଫାଙ୍କ ଦେଇ ପାଚେରି ଡେଇଁ ଛାତ୍ରମାନେ ଛାତ୍ରୀମାନଙ୍କ ହଷ୍ଟେଲ ଭିତରେ ପଶି ଆସୁଥିବା ଅଭିଯୋଗ ହୋଇଛି। ହଷ୍ଟେଲ୍‌ଗୁଡ଼ିକର ଝରକା, ଶୌଚାଳୟର କବାଟ ଭାଙ୍ଗିଯାଇଛି, ବିଦ୍ୟୁତ୍ ଥିଲେ ପାଣିର ବ୍ୟବସ୍ଥା ରହୁଛି ବିଦ୍ୟୁତ୍ ନ ଥିଲେ ପିଇବାପାଣି ମିଳୁନଥିବା, ହଷ୍ଟେଲ୍ ପରିଚାଳିକା ନ ଥିବା, ଯେଉଁ ବିଦ୍ୟାଳୟରେ ବର୍ତ୍ତମାନ ପଢୁଛନ୍ତି ସଠିକ୍ ଭାବେ ପାଠ ପଢ଼ାଯାଉ ନ ଥିବା, ଛାତ୍ରମାନେ ବିଭିନ୍ନ ନିଶାଦ୍ରବ୍ୟ ସେବନ କରି ହଷ୍ଟେଲ୍ ଭିତରକୁ ପଶିଆସୁଥିବା ଭଳି ବିଭିନ୍ନ ଦାବି ଜଣାଇଛନ୍ତି। ସମସ୍ତ ଦାବିକୁ ଉପଜିଲ୍ଲାପାଳ ଗୁରୁତର ଭାବେ ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ଛାତ୍ରୀମାନେ ଅବ୍ୟବସ୍ଥାକୁ ନେଇ ହଷ୍ଟେଲକୁ ଫେରିନଥିବା ବେଳେ କିଛି ଛାତ୍ରୀ ନିଜ ନିଜ ଘରକୁ ପଳେଇଥିବା ଜଣାପଡ଼ିଛି। ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୁଣୁପୁରରୁ ଗୁଡାରୀକୁ ଗଲାପରେ ଅନେକ ସମସ୍ୟା ଉପୁଜିଥିବା କହିଛନ୍ତି ଛାତ୍ରୀମାନେ। ଛାତ୍ରୀ ଓ ଅଭିଭାବକମାନେ ମଙ୍ଗଳ ବିଭାଗ ଦୃଷ୍ଟି ନ ଦେଲେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରି ଦାବି ଜଣାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବିଶ୍ୱ ଆଦିବାସୀ ଦିବସ ପାଳିତ



ମାଲକାନଗିରି, ୯।୮ (ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମିଳିତ ଜାତିସଂଘର ନିଷ୍ପତ୍ତି କ୍ରମେ ସମସ୍ତ ୧୯୩ ଦେଶ ମହାଆଡ଼ମ୍ବରରେ ଏହି ଦିବସ ପାଳନ କରିବା ସହ ସମାଜକୁ ଜାଗ୍ରତ କରିବା ପାଇଁ ୯ ଅଗଷ୍ଟ ବିଶ୍ୱ ମୂଳନିବାସୀ ଦିବସ ବା ବିଶ୍ୱ ଆଦିବାସୀ ଦିବସ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ଶନିବାର ସକାଳେ ଆଦିବାସୀଙ୍କ ପାରମ୍ପରିକ ବେଶଭୂଷା ସହ ଶତାଧିକ ଲୋକେ ଏକତ୍ରିତ ହୋଇ ମାଲକାନଗିରି ବସ୍‌ଷ୍ଟାଣ୍ଡ ପରିସରରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ମାଲକାନଗିରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେବା ପରେ ସଂସ୍କୃତି ଡିଏନ୍‌କେ ଖେଳପଡ଼ିଆଠାରେ ପହଞ୍ଚି ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା- କୋୟା ନୃତ୍ୟ, ସାନ୍ତାଳୀ ନୃତ୍ୟ, ବଣ୍ଡା ନୃତ୍ୟ, ଡିଡାୟୀ ନୃତ୍ୟ ଭଳି ବହୁ ଆଦିବାସୀ ସମାଜର ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଜିଲ୍ଲା ସଦରର ବ୍ଲକ ପଡ଼ିଆରେ ମଧ୍ୟ ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ଏହି ଅବସରରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ପ୍ରଶାସନିକ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶମାରୀ ଟାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ମାନସ ମାଡ଼କାମୀ, ଆଉମା ରାବା, ରବୀନ୍ଦ୍ର ମାଡ଼୍ହୀଙ୍କ ସହ ବହୁ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

## ହର୍ଷ ଉଲ୍ଲାସର ସହ ରକ୍ଷା ବନ୍ଧନ ଉତ୍ସବ ପାଳିତ



ମାଲକାନଗିରି, ୯।୮ (ସମିସ): ରାକ୍ଷୀ ପୂର୍ଣ୍ଣିମା ଏକ ପବିତ୍ର ଦିନ, ଏହା ଭାଇ ଭଉଣୀର ସମ୍ପର୍କକୁ ଦର୍ଶାଇଥାଏ। ସାରା ଦେଶରେ ଏହି ପର୍ବ ବେଶ୍ ହର୍ଷ ଉଲ୍ଲାସର ସହ ପାଳନ ହେଉଥିବାବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ରକ୍ଷା ବନ୍ଧନ ଅବସରରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ପରସ୍ପର ମଧ୍ୟରେ ଥିବା ସ୍ନେହ ଭଲ ପାଇବାର ପ୍ରମାଣ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାର ସୁରକ୍ଷା ପାଇଁ କାହିଁ କେଉଁ ଦୂରଦୂରାନ୍ତରୁ ଘର ପରିବାର ଛାଡ଼ି ବିଏସ୍‌ଏଫ୍‌ର ଯବାନମାନେ ନିୟୋଜିତ ହୋଇଥିବା ବେଳେ ସେମାନଙ୍କ ନିକଟରେ ପହଞ୍ଚି ଅନେକ ମହିଳା ଓ ଯୁବତୀ ରାକ୍ଷୀ ବାନ୍ଧିଛନ୍ତି। ଏହି ଅବସରରେ ଭଉଣୀଠାରୁ ଦୂରରେ ରହିଥିବା ଏହି ଯବାନମାନଙ୍କୁ ରାକ୍ଷୀ ବାନ୍ଧି ତାଙ୍କ ମୁହଁରେ ହସ ଫୁଟାଇଛନ୍ତି ଅନେକ ଯୁବତୀ ଓ ମହିଳା। ସେହିପରି ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ସହିଦ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିଲେ ଭଉଣୀ

### ପୁରୁଣା ସ୍ମୃତି ମନେପକାଇ ଲୁହରେ ଭିଜିଲା ଭଉଣୀ ଆଖି



ମାଲକାନଗିରି, ୯।୮ (ସମିସ): ରାକ୍ଷୀର ମହତ୍ୱ ଅନେକ, ଭାଇ-ଭଉଣୀଙ୍କୁ ଏକ ନିଆରା ସମ୍ପର୍କରେ ବାନ୍ଧି ରଖିଥିବା ଏହି ରାକ୍ଷୀ କାହିଁ କେଉଁ ଦୂରରୁ ଭାଇ-ଭଉଣୀଙ୍କୁ ଟାଣି ଆଣିଥାଏ। ତେବେ ଶନିବାର ହେଉଛି ଏହି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ତଥା ରକ୍ଷା ବନ୍ଧନ। ଏହି ଦିନରେ ଭାଇଠାରୁ ଭଉଣୀ ଯେତେଦୂରରେ ବି ଥାଉନା କାହିଁକି, ରାକ୍ଷୀଟିଏ ପଠେଇଥାଏ କିମ୍ବା ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ। ତେବେ ଆଜିର ଦିନରେ ଦେଶ ମାତୃକା ପାଇଁ ଜୀବନ ଦେଇଥିବା ଭାଇକୁ ରାକ୍ଷୀ ବାନ୍ଧିବା ପାଇଁ ଅନେକ ଭଉଣୀ ମନେ ମନେ ଖୋଜୁଥିବାବେଳେ କିଛି ଏମିତି ଭଉଣୀ ଅଛନ୍ତି ଯେଉଁମାନେ ନିଜ ସହିଦ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିଛନ୍ତି। ଏମିତି କିଛି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଏରାବୋର ଅଞ୍ଚଳରୁ। ଯେଉଁଠି ସହିଦ ଭାଇର ନିର୍ମିତ ପ୍ରତିମୂର୍ତ୍ତି ହାତରେ ରାକ୍ଷୀ ବାନ୍ଧିଛନ୍ତି ଅନେକ ଭଉଣୀ। ଜୀବନ୍ତ ଅବସ୍ଥାରେ ଯେଉଁଠି ଭାଇ ଭଉଣୀର ସମ୍ପର୍କ ମଧ୍ୟରେ ମଳିନତା ଆସିଯାଉଛି, ସେହି ସମୟରେ ନିଜ ସହିଦ ଭାଇମାନଙ୍କ ପ୍ରତିମୂର୍ତ୍ତିରେ ରାକ୍ଷୀ ବାନ୍ଧି କିଛି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଏହି ଭଉଣୀମାନେ। କଥାରେ ଅଛି ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ସମ୍ପର୍କ ଅମର ଅଟେ। ରାକ୍ଷୀ କେବଳ ଏକ ସୂତ୍ର ନୁହେଁ, ଏହା ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ପ୍ରେମର ଅବିସ୍ମରଣୀୟ ବନ୍ଧନ। ଯାହା ଏକ ଭଉଣୀ ସର୍ବଦା ନିଜ ଭାଇର ହାତରେ ବାନ୍ଧିଥାଏ ଏବଂ ତାଙ୍କୁ ସୁରକ୍ଷା ଦେବା ପାଇଁ ଶପଥ ନେଇଥାଏ ଭାଇ। ଏହି ସମ୍ପର୍କର ସୁଗନ୍ଧ କଦାପି କମେ ନାହିଁ। ଯାହାର ଜୀବନ୍ତ ଚିତ୍ର ଦେଖିବାକୁ ମିଳିଛି ଏରବୋର ଗ୍ରାମରେ। ଯେଉଁଠି ଦେଶକୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ୧୨ ଜଣ ସହିଦ ଭାଇଙ୍କ ପ୍ରତିମୂର୍ତ୍ତିରେ ରାକ୍ଷୀ ବାନ୍ଧି ଏହି ପବିତ୍ର ସମ୍ପର୍କ ବଜାୟ ରଖିଛନ୍ତି ତାଙ୍କର ଭଉଣୀମାନେ। ଏହି ଯବାନମାନେ ଦେଶ ମାତୃକାକୁ ସୁରକ୍ଷା ଦେବା ପାଇଁ ବିଗତ ୧୫ ବର୍ଷ ତଳେ ମାଓବାଦୀଙ୍କ ସହ ଲଢ଼େଇ କରି ନିଜର ଜୀବନକୁ ବଳିଦାନ ଦେଇଥିଲେ। ହେଲେ ୧୫ ବର୍ଷ ପରେ ମଧ୍ୟ ଆଜି ବି ସେହି ସହିଦ ଭାଇ ନିଜ ଭଉଣୀର ସ୍ମୃତିରେ ବଞ୍ଚିଛନ୍ତି। ତାଙ୍କ ସ୍ମୃତିକୁ ମନେ ପକାଇ ତାଙ୍କ ପ୍ରତିମୂର୍ତ୍ତିରେ ରାକ୍ଷୀ ବାନ୍ଧୁଥିବା ଭଉଣୀମାନଙ୍କ ଆଖି ଲୁହରେ ଭିଜିଯାଇଛି। ଦେଶ ସେବାରେ ସହିଦ ହୋଇଥିବା ଏହି ବୀର ଭାଇମାନଙ୍କୁ ହରାଇଥିବା ଭଉଣୀର ଆଖି ଆଜି ଭିଜିଛି ସତ, କିନ୍ତୁ ନିଜ ଭାଇର ବଳିଦାନ ପାଇଁ ସେମାନେ ଗର୍ବ ଅନୁଭବ କରୁଥିବା ମଧ୍ୟ ପ୍ରକାଶ କରିଛନ୍ତି ବୀର ଯବାନମାନଙ୍କ ଭଉଣୀ ସୋୟାମ୍ ସାଙ୍କାରୀ, କମଳା ସୋୟାମ୍ ପ୍ରମୁଖ।

## ଟ୍ରାକ୍ଟର ଓଲଟି ଜଣେ ମୃତ, ଜଣେ ଆହତ

କାଲିମେଲା, ୯।୮ (ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ କାଲିମେଲାଠୁ ଅର୍ସିଗୁଡ଼ା କେନାଲ ରାସ୍ତାରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଏମ୍‌ପିଭି ୩୨ ଗ୍ରାମର ସମୀର ମଜୁମ୍‌ଦାରଙ୍କ ପୁଅ ଜଗତ ମଜୁମ୍‌ଦାର (୨୨) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଟ୍ରାକ୍ଟର ଯୋଗେ କାଲିମେଲା ଅଞ୍ଚଳରେ ବାଲି ପକାଇ ଘରକୁ ଫେରୁଥିବାବେଳେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଏଥିରେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଆହତ ଯୁବକଙ୍କ ଚିକିତ୍ସା କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାରି ରହିଥିବାବେଳେ କାଲିମେଲା ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଚଳେଇଥିବା ଜଣାପଡ଼ିଛି।

## ଅଜଣା ବାଇକ୍ ଧକ୍କାରେ ଯୁବକ ଗୁରୁତର

କଲ୍ୟାଣସିଂହପୁର, ୯।୮ (ସମିସ): ଅଜଣା ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ଗ୍ରାମ ପଞ୍ଚାୟତର କୁମାରିଗୁଡ଼ା ଗାଁର ନିରଞ୍ଜନ ଗରଡିଆ(୩୭)। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଅଣ୍ଟାରେ ଗଭୀର ଆଘାତ ହୋଇଥିବାରୁ ସେ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରେ, ରାତ୍ର ପ୍ରାୟ ସାଢ଼େ ୮ଟା ସମୟରେ କୁମାରୀଗୁଡ଼ା ରାସ୍ତାକଡ଼ରେ ସେ ଫୋନ୍ ଯୋଗେ କଥା ହେଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ବାଇକ୍ ଆରୋହୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ



ମାଲକାନଗିରି, ୯।୮ (ସମିସ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ସଂସ୍କୃତି ଭବନଠାରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମାଲକାନଗିରି ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଅଶ୍ୱିନ୍ ଏ ଏଲ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ସଦର ବିଡିଓ ତପନ ସେନାପତି ଓ ଡ. ସୌଭାଗ୍ୟ ରଞ୍ଜନ ରଣସିଂହ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ ସୁଭଦ୍ରା ଯୋଜନାରେ ମିଳୁଥିବା ଆର୍ଥିକ ରାଶିରୁ ମାଆମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ମାଆମାନେ କିଭଳି କ୍ଷୁଦ୍ର ବ୍ୟବସାୟ ମାଧ୍ୟମରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ବିଷୟରେ ଜିଲ୍ଲାପାଳ କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶବର ଏହି ଅବସରରେ ସ୍ୱାଗତ ଭାଷଣ ଦେଇଥିଲେ। ଦୁଇ ସୁଭଦ୍ରା ଭଉଣୀ କୋରୁକୋଣ୍ଡାର ମେରୀ ହରିଜନ ଓ ଖଇରପୁଟର ରାଧିକା ଖରା ନିଜ ସଫଳତାର କାହାଣୀ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ୧ ଲକ୍ଷ ୫୧ ହଜାର ୪୭୪ ସୁଭଦ୍ରା ଫର୍ମ ଆବେଦନ କରାଯାଇଛି। ତନ୍ମଧ୍ୟରୁ ପ୍ରଥମ କିସ୍ତିରେ ୧ ଲକ୍ଷ ୩୯ ହଜାର ୮୫୧ ଫର୍ମକୁ ଅନୁମୋଦନ କରାଯାଇ ୧ ଲକ୍ଷ ୩୯ ହଜାର ୭୨୭ ଜଣଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇଛି। ସେହିପରି ଦ୍ୱିତୀୟ କିସ୍ତିରେ ୧ ଲକ୍ଷ ୩୮ ହଜାର ୬୨୨ ଫର୍ମ ଅନୁମୋଦନ କରାଯାଇ ୧ ଲକ୍ଷ ୩୮ ହଜାର ୩୫୧ ଜଣ ହିତାଧିକାରୀ ଅର୍ଥରାଶି ପାଇଛନ୍ତି। ଆଜି ସୁଭଦ୍ରା ଭଉଣୀମାନେ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଅଧିକାରୀ କର୍ମଚାରୀ ଓ ସଦର ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କାଶୀପୁରରେ ବିଶ୍ୱ ଆଦିବାସୀ ଦିବସ ପାଳିତ




କାଶୀପୁର, ୯।୮ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଆଦିବାସୀ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାଶୀପୁର ବ୍ଲକ୍ ଛକ ନିକଟରେ ଏକତ୍ରୀତ ହେବା ପରେ ଏକ ବିରାଟ ରାଲିରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ଏଥିରେ ଆଦିବାସୀଙ୍କର ଜମି, ଜଳ, ଜଙ୍ଗଲ, ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆଦିବାସୀମାନେ ଶିକ୍ଷା ପ୍ରତି ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାଶୀପୁର ବ୍ଲକ୍ ଆଦିବାସୀ ବିକାଶ ପରିଷଦ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ସମସ୍ତ ଆଦିବାସୀ ଯୋଗଦେଇଥିଲେ। ଆଦିବାସୀମାନଙ୍କର ବିକାଶ, ନିଜର ନ୍ୟାଯ୍ୟ ଦାବି ହାସଲ, ଶିକ୍ଷାର ଉନ୍ନତୀକରଣ ଉପରେ ଜୋର୍ ଦେଇଥିଲେ। ସମଗ୍ର ଆଦିବାସୀ ନିଜ ସମ୍ପ୍ରଦାୟର ମାତୃଭାଷା, ସାହିତ୍ୟ, ପାଣ୍ଡୁଲିପି, ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିବା ପାଇଁ ଆଦିବାସୀ ସମାଜ ଆହ୍ୱାନ ଦେଇଥିଲେ। ଏହି ଅବସରରେ କାଶୀପୁର ବ୍ଲକ୍‌ର ପାରମ୍ପରିକ ସଲପ ନିଶାନ ଆଉ ଚାଙ୍ଗୁର ତାଳେ ତାଳେ ଢେମ୍‌ସା ନୃତ୍ୟ ପରିବେଷଣ କରାଯାଇଥିଲା।

### ଡାକ ସେବା ଅଚଳ; ଗ୍ରାହକ ହନ୍ତସନ୍ତ

# ଦୂରଦୂରାନ୍ତକୁ ଯାଇପାରିଲାନି ଭଉଣୀ ପଠାଇଥିବା ରାକ୍ଷୀ




ମାଲକାନଗିରି, ୯।୮ (ସମିସ): ଡାକ ସେବା ଅଚଳ ଯୋଗୁଁ ଗ୍ରାହକ ହେଉଛନ୍ତି ହନ୍ତସନ୍ତ। ଡାକଘରେ ନୂତନ ସଫ୍ଟୱେର ସ୍ଥାପନ ପାଇଁ ଦୀର୍ଘ ୯ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ମାଲକାନଗିରି ଜିଲ୍ଲାରେ ଡାକସେବା ଠପ୍ ହୋଇଛି। ଚଳିତ ମାସ ପହିଲାରୁ ମାଲକାନଗିରି ଜିଲ୍ଲାରେ ଥିବା ଜିଲ୍ଲା ମୁଖ୍ୟ ଡାକ ଘର ସହିତ ୭ଟି ବ୍ଲକ୍‌ର ୧୦ଟି ଉପଡାକ ଘର, ୧୧୧ଟି ପଞ୍ଚାୟତରେ ଥିବା ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଶାଖା ପୋଷ୍ଟ ଅଫିସ ଦୀର୍ଘ ୮ ଦିନ ହେଲା ଅଚଳ ହୋଇଯାଇଛି। ଏହିସବୁ ପୋଷ୍ଟ ଅଫିସରେ ପୂର୍ବରୁ ଲାଗିଥିବା କମ୍ପ୍ୟୁଟର ସଫ୍ଟୱେର ଅଚଳ ହୋଇପଡ଼ିଛି। ଫଳରେ ସରକାରୀ ଯୋଜନା ଦ୍ୱାରା ମିଳୁଥିବା ବିଭିନ୍ନ ସୁବିଧା ଠପ୍ ହୋଇ ପଡ଼ିଥିବାବେଳେ ସ୍ପିଡ୍ ପୋଷ୍ଟ, ପାର୍ସଲ, ରେଜିଷ୍ଟ୍ରି ପୋଷ୍ଟ, ଚିଠିପତ୍ର ପ୍ରେରଣ ଭଳି ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ଚଳିତ ମାସ ବିଭିନ୍ନ ପର୍ବପର୍ବାଣୀ, ଯାନିଯାତ୍ରା ଓ ରକ୍ଷା ବନ୍ଧନ ଥିବାବେଳେ ପୋଷ୍ଟାଲ କାର୍ଯ୍ୟ ଅଚଳ ହୋଇଯାଇଥିବାରୁ ଉପଭୋକ୍ତା ଓ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଶେଷ କରି ଭଉଣୀମାନେ ଦୂରଦୂରାନ୍ତରେ ଥିବା ଭାଇଙ୍କ ପାଇଁ ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାକ୍ଷୀ ପଠାଇଥିଲେ। କିନ୍ତୁ କାର୍ଯ୍ୟ ହେଉ ନ ଥିବାରୁ ହଜାର ହଜାର ସଂଖ୍ୟାରେ ରାକ୍ଷୀଗୁଡ଼ିକ ପୋଷ୍ଟ ଅଫିସଗୁଡ଼ିକରେ ଅଟକି ରହିଛି। ଚଳିତ ବର୍ଷ ଭଉଣୀଙ୍କ ସ୍ନେହର ରାକ୍ଷୀ ଭାଇମାନେ ହାତରେ ବାନ୍ଧି ପାରିବେନାହିଁ। ପୋଷ୍ଟ ଅଫିସରେ ସର୍ଭର କାମ କରୁ ନ ଥିବାରୁ ଅନେକ ହିତାଧିକାରୀ ବିଭିନ୍ନ ଯୋଜନାର ଟଙ୍କା ମଧ୍ୟ ପାଇବାରେ ଅସୁବିଧା ଭୋଗୁଛନ୍ତି। ଉପଭୋକ୍ତାମାନେ ଜିଲ୍ଲାରେ ଥିବା ସମସ୍ତ ପୋଷ୍ଟ ଅଫିସକୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ତଥା ସଫ୍ଟୱେର ବ୍ଲକ୍ ଡାଉନ୍ ଥିବା ଶୁଣି ପ୍ରତିଦିନ ଆସି ପୁଣି ଫେରିଯିବା ଆଦି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ପୋଷ୍ଟାଲ ଇନ୍ସପେକ୍ଟର ସଞ୍ଜୀବ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, କେନ୍ଦ୍ର ସରକାରଙ୍କ ଅଧୀନରେ ପୋଷ୍ଟ ଅଫିସ ରହିଥିବାବେଳେ ସମଗ୍ର ଭାରତ ବର୍ଷରେ ନୂତନ ସଫ୍ଟୱେର ଡାଉନ୍‌ଲୋଡ୍ ଓ ସମଗ୍ର ଭାରତ ବର୍ଷର ଡାକଘର ଡିଜିଟାଲ ଇଣ୍ଡିଆରେ ଯୋଡ଼ି ହେବା ଯୋଗୁଁ ଏଭଳି ସମସ୍ୟା ଦେଖାଦେଇଛି। ଏଣୁ ସମସ୍ତ ସରକାରୀ ଓ ବେସରକାରୀ ଚିଠିପତ୍ର ଆଦାନପ୍ରଦାନ, ପୋଷ୍ଟ ଅଫିସରେ ଟଙ୍କା ନେଣଦେଣ ଆଦି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନୂତନ ସଫ୍ଟୱେର ଇନ୍‌ଷ୍ଟଲ୍ ହୋଇଗଲେ ଖୁବ୍‌ଶୀଘ୍ର ପୋଷ୍ଟଲରେ ଇଣ୍ଟରନେଟ୍ ଓ ଅନ୍‌ଲାଇନ୍ କାର୍ଯ୍ୟ ଆରମ୍ଭ ହୋଇଯିବ। ବର୍ତ୍ତମାନ କେବଳ ଅଫ୍‌ଲାଇନ୍‌ରେ ହେଉଥିବା କାର୍ଯ୍ୟ ଚାଲୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



# ନୂତନ ଶିଶୁ ବାଟିକା ଭବନ ଉଦ୍‌ଘାଟିତ



କୋରାପୁଟ, ୯।୮ (ସମିସ): କୋରାପୁଟ ଗସ୍ତରେ ଆସିଥିବା ବାଣିଜ୍ୟ ପରିବହନ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କୋରାପୁଟ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ପରିବେଶ ବୁଲି ଉଚ୍ଚପ୍ରଶଂସା କରିଛନ୍ତି। ମନ୍ତ୍ରୀଙ୍କ କରକମଳରେ ନବନିର୍ମିତ ଶିଶୁବାଟିକା ଭବନର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁବାଟିକା ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଶିଶୁ ମନ୍ଦିର ଯୋଜନା ସମଗ୍ର ଓଡ଼ିଶାରେ ପ୍ରଶଂସିତ ବୋଲି ମନ୍ତ୍ରୀ ଶ୍ରୀ ଜେନା ମତବ୍ୟକ୍ତ କରିବା ସହ ଏହି ଅନୁଷ୍ଠାନର ଯାହା ସମସ୍ୟା ରହିଛି ତାହା ସମାଧାନ କରାଯିବ ବୋଲି ସେ ପ୍ରତଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ଉପସଭାପତି ପ୍ରଭାକର ଦାସ, ସମ୍ପାଦକ ବିଭୁଦତ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ସସ୍ମିତା ବେହେରା, କୋଷାଧ୍ୟକ୍ଷ ଏନ୍. ରମେଶ, ସଦସ୍ୟ ପ୍ରହଲ୍ଲାଦ ସାହୁ, ସଦସ୍ୟା ସୁମଲତା ବେହେରା ଏବଂ ପ୍ରଧାନଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରାଙ୍କ ସମେତ ଗୁରୁଜୀ ଓ ଗୁରୁମା' ଉପସ୍ଥିତ ଥିଲେ।

## ଡିଜିଟାଲ ଯୁଗରେ ଡିବି ଭରସା

# ୩୪ଟି ଗାଁରେ ନାହିଁ ବିଦ୍ୟୁତ୍ ସେବା



ବୈପାରୀଗୁଡା, ୯।୮ (ସମିସ): ଆସନ୍ତା ଅଗଷ୍ଟ ପନ୍ଦରରେ ଦେଶ ପାଳିବ ୭୯ତମ ସ୍ୱାଧୀନତା ଦିବସ। ହେଲେ ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ବି ଗାଁରେ ପହଞ୍ଚି ପାରିନି ବିକାଶର ଆଲୁଅ। ଗ୍ରାମବାସୀଙ୍କୁ ମିଳୁନି ବିଦ୍ୟୁତ ସେବା। ଏବେ ବି ଡିବି ଭରସା ର ଗାଁ ଲୋକେ। କେବଳ ଗୋଟିଏ କି ଦୁଇଟି ଗାଁ ନୁହେଁ, ୩୪ଟି ଗାଁରେ ଦେଖିବାକୁ ମିଳୁଛି ସମାନ ଚିତ୍ର। କୋରାପୁଟ ଜିଲ୍ଲା ବୈପାରୀଗୁଡାର ବିଭିନ୍ନ ଗାଁରେ ଏହି ସମସ୍ୟା ରହିଛି।

ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆଢୁଆଳରେ ବୈପାରୀଗୁଡା ବ୍ଲକର ୩୪ଟି ଗାଁ। ବିଦ୍ୟୁତ ସେବା ଗାଁକୁ ଏଯାଏ ପହଞ୍ଚି ପାରିନାହିଁ। ଯା' ଦ୍ୱାରା ଛୋଟରୁ ବୟସ୍କ ସମସ୍ତେ ହନ୍ତସନ୍ତ ହେଉଛନ୍ତି। ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା କଲାର ପଞ୍ଚାୟତର ଦୁଦାମଗୁଡାରେ ଆଜି ପର୍ଯ୍ୟନ୍ତ ନା ଅଛି ବିଦ୍ୟୁତ ସେବା ନା ଅଛି ସୋଲାର ଲାଇଟ୍ ବ୍ୟବସ୍ଥା। ରାତିରେ ଗାଁ ମଝିରେ ନିଆଁ ଲଗାଇ ଏକାଠି ବସୁଛନ୍ତି ଗ୍ରାମବାସୀ। ଖିଆପିଆ, ପିଲାଙ୍କ ପାଠପଢା ଭଳି ସବୁ କାମ ପ୍ରତିଦିନ ଅନ୍ଧାରରେ ଡିବିରି ମିଞ୍ଜି ମିଞ୍ଜି ଆଲୋରେ କରିବାକୁ ପଡେ। ବୈପାରୀଗୁଡା ବ୍ଲକର ତେନ୍ତୁଲିଗୁମ୍ମା, ବୋଦାପୁଟ, ଗୁପ୍ତେଶ୍ୱର, ମାଝୀଗୁଡା, କାଠପୋଡା, ଚିପାକୁର ଭଳି ବିଭିନ୍ନ ପଞ୍ଚାୟତର ୩୪ରୁ ଉର୍ଦ୍ଧ ଗାଁ ଏବେ ବି ଅନ୍ଧାର। ବର୍ଷ ପରେ ବର୍ଷ ବିତିଯାଉଥିଲେ ବି ଏଭଳି ସମସ୍ୟାରୁ ମୁକୁଳି ପାରୁନାହାନ୍ତି ଅଞ୍ଚଳବାସୀ। ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଆଜିକୁ ଦୀର୍ଘ ବର୍ଷ ହେଲା ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧି ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ ବୋଲି ଅଭିଯୋଗ ଆଣିଛନ୍ତି। କିଛି ଗାଁରେ ଗତ ପାଞ୍ଚବର୍ଷ ପୂର୍ବରୁ ସରକାର ପକ୍ଷରୁ ସୋଲାର ଲାଇଟ୍ ଖଣ୍ଡିଏ ଲେଖାଏଁ ଲଗାଇଥିଲେ। ମାତ୍ର ଏହି ଲାଇଟ୍ କିଛିମାସ ଜଳିବା ପରେ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିରହିଛି। ଫଳରେ ଲୋକେ ବର୍ଷ ବର୍ଷ ଧରି ଘନ ଅନ୍ଧକାରରେ ଦିନ କାଟୁଛନ୍ତି। ଏନେଇ ସ୍ଥାନୀୟ ବୈପାରୀଗୁଡା ବିଦ୍ୟୁତ ବିଭାଗ ଅଧିକାରୀ ମହେନ୍ଦ୍ର ପରିଡାଙ୍କ ପଚାରିବାରୁ ସେ କହିଛନ୍ତି, ବ୍ଲକର ଦୁର୍ଗମ ଏବଂ ଅପହଞ୍ଚ ଛୋଟ ଗାଁ ଗୁଡିକରେ ବିଦ୍ୟୁତ ପହଞ୍ଚି ନାହିଁ। ଚଳିତ ବର୍ଷ ମୋଟ ୩୪ଟି ଗାଁରେ ସରକାରଙ୍କ ପକ୍ଷରୁ ସୋଲାର ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଅତିଶୀଘ୍ର ଗାଁ ଗାଁରେ ବିଦ୍ୟୁତ ସେବା ନ ପହଞ୍ଚିଲେ ଆଗାମୀ ଦିନରେ ଏନେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି କଲାର ସମିତି ସଭ୍ୟ ଜଗନ୍ନାଥ ଖରା, ଗୁପ୍ତେଶ୍ୱର ସମିତି ସଭ୍ୟ ବିଭୀଷଣ ହନ୍ତାଳ, ବୋଦାପୁଟର ଦମ୍ବୁରୁ ଖିଲ ଓ ମିଶ୍ର ନାୟକ, ଦୁଦାମଗୁଡାର ସୁଭାଷ ଖରା, ସୁକୁ ଖରା ଓ ଗ୍ରାମବାସୀ।



କୋରାପୁଟରେ ରକ୍ଷା ବନ୍ଧନ ପାଳିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଦିବସ

ଜୟପୁର, ୯।୮ (ସମିସ): ଜୟପୁର ସହରର ସ୍ଥିତ ଇରିଗେସନ କଲୋନୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାନଳନା କମିଟିର ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ ନିଜ ବକ୍ତବ୍ୟରେ ଶିକ୍ଷାକେନ୍ଦ୍ରର ସ୍ୱତନ୍ତ୍ରତା ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚନ୍ଦ୍ରଶେଖର ମହାପାତ୍ର, ଅଧ୍ୟକ୍ଷା ଶୁଚିସ୍ମିତା ମହାନ୍ତି, ଉପାଧ୍ୟକ୍ଷା ସଂଯୁକ୍ତା ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ଅରୁଣା ସିଂହ, ବିଦ୍ୟାଳୟର ସହାୟକ ଶିକ୍ଷକ ଶିକ୍ଷୟିତ୍ରୀ, ପଞ୍ଚାନନ ମିଶ୍ର, ଅଶୋକ କୁମାର ପଲେଇ, ଅଭିଭାବକ ଏବଂ ପାଠଚକ୍ର ସଦସ୍ୟ ଚକ୍ରଧର ସାହୁ ବିଦ୍ୟାଳୟରେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରରେ ଆଧୁନିକ ଯୁଗରେ ଲୋପ ପାଇଯାଉଥିବା ବିଭିନ୍ନ ପୁରୁଣା ଜିନିଷକୁ ନେଇ ଏକ ସ୍ମୃତି ଉନ୍ମୋଚନ ମେଳାର ଆୟୋଜନ କରାଯାଇଥିଲା। ଏହି ମେଳାରେ ଅନେକ ଘରକରଣା ଜିନିଷ ଦେଖିବାକୁ ମିଳିଥିଲା।

# ମା' ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ

ଉମରକୋଟ, ୯।୮ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମା' ସନ୍ତୋଷୀ ଦେବୀଙ୍କ ୧୭ତମ ଜନ୍ମବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଜା ବାଜଣା ସହ ବାଣ ଫୁଟାଇ ଶହ ଶହ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠରୁ ଶୁଭାରମ୍ଭ କରାଯାଇଥିଲା। ମା'ଙ୍କ ମନ୍ଦିରଠାରେ ଘଟସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋ-ପୂଜା, ସର୍ବ ଦେବଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୁତି, ହୋମ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଯୋଗଦେଇଥିଲେ। ଏହି ମନ୍ଦିରର ମହାଦା ହେଉଛି ୧୩ ବର୍ଷ ହେବ ଅଖଣ୍ଡ ଦୀପ ଜଳୁଛି। ୨୦୧୩ ଜୁନ୍ ୧ରୁ ଏହି ଅଖଣ୍ଡ ଦୀପ ଜଳୁଥିବା କହିଛନ୍ତି ମନ୍ଦିର ର ପୂଜକ ମା' ସନ୍ତୋଷୀଙ୍କ ୧୭ତମ ବାର୍ଷିକୋତ୍ସବରେ ପୂଜକ ଶ୍ରୀକାନ୍ତ କୁମାର ପଣ୍ଡା ପୂଜା କରୁଥିବାବେଳେ ଉମରକୋଟ ସହରର ଡିଏନ୍‌କେଠାରେ ଥିବା ମା' ସନ୍ତୋଷୀ ମନ୍ଦିରଠାରେ ସନ୍ଧ୍ୟା ୭ଟାରୁ ଦୀପ ଯଜ୍ଞ କରାଯାଇଥିଲା। ଏହି ଅବସରରେ ମା' ସନ୍ତୋଷୀଙ୍କ ମନ୍ଦିରଠାରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା। ଏହି ଉତ୍ସବ କମିଟିର ସଭାପତି ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସହ କମିଟିର ସମସ୍ତ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

# ଏମ୍‌ଭି-୨୬ ବିଦ୍ୟାଳୟରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ



କୋରୁକୋଣ୍ଡା, ୯।୮ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଶିକ୍ଷା ବିଭାଗ ଅଧୀନ ଏମ୍‌ଭି-୨୬ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଟୁଟୁ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିବା ସହିତ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦେଶାତ୍ମବୋଧ ସମ୍ବଳିତ ରଙ୍ଗୋଲି ମାଧ୍ୟମରେ ଚିତ୍ର ଅଙ୍କନ କରି ସମସ୍ତଙ୍କ ମନରେ ଦେଶାତ୍ମକ ଭାବନା ସୃଷ୍ଟି କରିବା ସହିତ ହର ଘର ତିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରାଜେଶ ପଟ୍ଟନାୟକ ଓ କିରଣକାନ୍ତ ସାହୁ ସହଯୋଗ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ତିତିଲି ମଣ୍ଡଳ, ଚନ୍ଦ୍ରିକା ଚୌକିଦାର, ପ୍ରତିମା ମଣ୍ଡଳ, ଅମ୍ରିତା ମଣ୍ଡଳ, ଝିଲକ ରାୟ, ରିୟା ମଣ୍ଡଳ, ତ୍ରିଶା ହାଲ୍‌ଦାର, ଶ୍ରୀୟା ମଣ୍ଡଳ, ପ୍ରିୟା ମଣ୍ଡଳଙ୍କ ସମେତ ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀଙ୍କ ବିୟୋଗ



କୋରାପୁଟ, ୯।୮ (ସମିସ): ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ ବିଥିକା ଦେବୀଙ୍କ ଶନିବାର ଭୋର୍ ସମୟରେ ପରଲୋକ ହୋଇଛି। ଖବର ପ୍ରଚାର ହେବା ପରେ ସହରରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗୀୟା ବିଥିକା ଦେବୀ ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା ନିମାଇଁ ଚରଣ ସାହୁଙ୍କ ଧର୍ମପତ୍ନୀ ଥିଲେ। କୋରାପୁଟ ସତ୍ତା ସାହିତ୍ୟ ସଂସଦର ସଭାପତି ଜଳନ୍ଧର ସ୍ୱାଇଁ, କବି ରବି ଶତପଥୀ ଏବଂ ଗାନ୍ଧୀବାଦୀ ନେତା କୃଷ୍ଣ ସିଂହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଦେଶ ସେବା ନିମନ୍ତେ ସେ ନିମାଇଁ ଭାଇଙ୍କୁ ଅନେକ ସହଯୋଗ କରିଥିଲେ। ତାଙ୍କ ହାତରେ ହାତ ମିଶାଇ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭୟ ଆଗକୁ ବଢ଼ିଥିଲେ। ବିଶେଷକରି ଉପାନ୍ତ ଅଞ୍ଚଳ କୋରାପୁଟ ଜିଲ୍ଲାରେ ନିଜର ସେବାମୟ ଜୀବନ ଆରମ୍ଭ କରିଥିଲେ। ଶେଷ ସମରେ ଝିଅ ଅତସୀ ସାହୁ, ଜ୍ୱାଇଁ ରାମ ପ୍ରସାଦ ସରାଫ, ନାତି ଆଦିତ୍ୟ ସରାଫ, ମୋହନ ସରାଫ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ଦ୍ୱାରା ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା: ଜିଲ୍ଲାପାଳ



ନବରଙ୍ଗପୁର, ୯।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାକ୍ଷୀପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରାୟ ୧ କୋଟି ହିତାଧିକାରୀଙ୍କୁ ପ୍ରତ୍ୟେକ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଶନିବାର ସ୍ଥାନୀୟ ନବରଙ୍ଗପୁର ସହରର ବାଇପାସ୍ ରୋଡ୍‌ସ୍ଥିତ ସରୋଜିନୀ ଭବନଠାରେ ଅନୁଷ୍ଠିତ ଲାଇଭ୍ ଷ୍ଟ୍ରିମିଙ୍ଗ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ସଭାକୁ ସମସ୍ତେ ଦେଖିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିବାବେଳେ ମଞ୍ଚାସୀନ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ନବରଙ୍ଗପୁର ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାରଣା, ଡିଆଇପିଆରଓ ମନୋଜ ବେହେରା, ଡିଏସ୍‌ଡବ୍ଲୁଓ ଦ୍ରୌପଦୀ କହଁର ପ୍ରମୁଖ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ସହ ନିଜ ପରିବାରରେ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଛି ବୋଲି କହିଥିଲେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ। ଏହି ଅବସରରେ ସୁଭଦ୍ରା ଅର୍ଥରେ ନିଜର ଛୋଟ ବ୍ୟବସାୟ କରି ଆର୍ଥିକ ଅଭିବୃଦ୍ଧିରେ ନିଜର ସ୍ଥାନ ସୃଷ୍ଟି କରିଥିବା ୧୧ ଜଣ ହିତାଧିକାରଙ୍କୁ ସମ୍ମାନିତ କରାଯାଇଥିଲା। ସୁଭଦ୍ରା ଯୋଜନା ଉପରେ ସ୍କୁଲ ଓ କଲେଜସ୍ତର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ୩୦ ମିନିଟ୍ ଅପେକ୍ଷା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

କୋରାପୁଟ, ୯।୮ (ସମିସ): ଲୋକଙ୍କ ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଜଣେ ବିଧାୟକଙ୍କୁ ଅଧଘଣ୍ଟା ରୁମ୍ ବାହାରେ ଅପେକ୍ଷା କରିବାକୁ ପଡ଼ିଥିଲା। ଏଭଳି ସ୍ଥିତି ଶନିବାର ଦେଖିବାକୁ ମିଳିଥିଲା କୋରାପୁଟ ସ୍ୱତନ୍ତ୍ର ସର୍କିଟ୍ ହାଉସରେ। ଶନିବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୋରାପୁଟ ସ୍ୱତନ୍ତ୍ର ସର୍କିଟ୍ ହାଉସରେ ଅବସ୍ଥାନ କରୁଥିବାବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ତାଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିବାକୁ ପହଞ୍ଚିଥିଲେ। କିନ୍ତୁ ଶ୍ରୀ ଖିଲଙ୍କୁ ଭିତରକୁ ଛଡ଼ାଗଲାନି। ଏପରିକି ଭିତରୁ କିଛି ନିର୍ଦ୍ଦେଶ ଆସିନାହିଁ ଆମେ ଛାଡ଼ିପାରିବୁ ନାହିଁ ବୋଲି ଡ୍ୟୁଟିରେ ଥିବା ପୁଲିସ ବାବୁ ହାତଟେକି ଦେଇଥିଲେ। ତଥାପି ସେ ବାହାରେ ଅଧଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଏଥିରେ ବିଧାୟକ କ୍ଷୋଭ ପ୍ରକାଶ କରିବା ସହିତ ଜଣେ ଲୋକ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ଅଧଘଣ୍ଟା ଜଗିବାକୁ ପଡୁଛି ବୋଲି କହିଥିଲେ। ଶେଷରେ ଡିଆଇଜି ଏବଂ ଏସ୍‌ପିଙ୍କ ନିକଟରୁ ଭିତରୁ ନିର୍ଦ୍ଦେଶ ଆସିବା ପରେ ଶ୍ରୀ ଖିଲଙ୍କୁ ଛଡ଼ାଯାଇଥିଲା।

# ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଜୟପୁର, ୯।୮ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ଜନନାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତିର ଶନିବାର ସ୍ଥାନୀୟ ଶ୍ରୀରାମ ନଗର ପାର୍କଠାରେ ଶୁଭ ଉନ୍ମୋଚନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଉନ୍ମୋଚନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି. ସୁନିତା, ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି ବିନୋଦ ମହାପାତ୍ର, ରମାକାନ୍ତ ରାଉଳ, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ଅରୁଣ ଭଟ୍ଟମିଶ୍ର, ଧିରେନ ପଟ୍ଟନାୟକ, ହରପ୍ରସାଦ ମିଶ୍ର, ରାଧାମୋହନ ଗୌଡ଼, ଜଗଦୀଶ ପାଢ଼ୀ, ଶୁଭେନ୍ଦୁ ବ୍ରହ୍ମା, ସୁଜିତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି ପକ୍ଷରୁ ଝିଅ ଲୋପାମୁଦ୍ରା ବକ୍ସିପାତ୍ର ଏବଂ ପୁଅ ଭୃଗୁ ବକ୍ସିପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରତିମୂର୍ତ୍ତି ସ୍ମୃତି କମିଟି ପକ୍ଷରୁ ପ୍ରଦାନ କରାଯାଇଥିବାବେଳେ ପାର୍କ ପୌରସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଛି।

# ସଚେତନତା ପଦଯାତ୍ରା ଓ ବୃକ୍ଷରୋପଣ

ମାଥିଲି, ୯।୮ (ସମିସ): ରକ୍ଷାବନ୍ଧନ ଅବସରରେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ସଦର ମହକୁମାଠାରେ ନିଆରା ଢଙ୍ଗରେ ବୃକ୍ଷରୋପଣ କରାଯାଇଛି। ଗାୟତ୍ରୀ ପରିବାର ତରଫରୁ ଗଛଟିଏ ମୁଁ, ମୁଁ ତୁମ ଘରର ପିଲାଟିଏ ପଦଯାତ୍ରା ଅନୁଷ୍ଠିତ କରାଯାଇଛି। ଛତିଶ ନାୟକ ଓ ଚିତ୍ତ ପଟ୍ଟନାୟକ ନେତୃତ୍ୱରେ ଶତାଧିକ ଗାୟତ୍ରୀ ପୁରୁଷ ଓ ମହିଳା ଯୋଗଦେଇଥିଲେ। ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ସମସ୍ତେ ଏକତ୍ରିତ ହୋଇ ଗାୟତ୍ରୀ ମନ୍ତ୍ର କରିବା ସହ ଗଛଟିଏ ମୁଁ, ତୁମରି ଘରର ପିଲାଟିଏ ସ୍ଲୋଗାନ୍ ଦେଇ ହାତରେ ଗଛ ଧରି ସହର ପରିକ୍ରମା କରିଥିଲେ ଏବଂ ରାସ୍ତାକଡ଼ର ଦୁଇ ପାଶ୍ୱର୍ରେ ବିଭିନ୍ନ ଗଛ ଲଗେଇଥିଲେ। ଏହି ପବିତ୍ର ଦିନରେ ଏପରି ମହାନ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ସୁଅ ଛୁଟିଛି। ଛତିଶ ନାୟକଙ୍କ ସହ ତାଙ୍କର ସହଯୋଗୀମାନେ ମଧ୍ୟ ଏଥିରେ ସାମିଲ ହୋଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ।

# ସତ୍ତା ସାହିତ୍ୟ ସଂସଦ ପକ୍ଷରୁ ମେହେର ଜୟନ୍ତୀ




କୋରାପୁଟ, ୯।୮ (ସମିସ): ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଓ ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅନିଷ୍ଠାନର ସଭାପତି ଜଳଧର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବରିଷ୍ଠ ପ୍ରଶାସକ ପଦ୍ମନାଭ ସେଠୀ, ସମ୍ମାନିତ ଅତିଥି ଭାବେ ନାଲ୍‌କୋର ପୂର୍ବତନ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ଡ. ଲୋପାମୁଦ୍ରା ସ୍ୱାଇଁ, ବଲ୍ଲଭ ରାଉତ ଯୋଗଦେଇ ଗହ୍ମା ପୂର୍ଣ୍ଣିମାର ମହତ୍ୱ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାମଗ୍ରିକ ସୃଷ୍ଟି ଓ କୃତୀ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ କବି ରବି ଶତପଥୀ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ବରିଷ୍ଠ କବି କୃଷ୍ଣଚନ୍ଦ୍ର ହୋତା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗାନ୍ଧୀବାଦୀ ନେତ୍ରୀ ତଥା ସର୍ବୋଦୟ କର୍ମୀ ବିଥିକା ସାହୁ (ବିଥିକା ଅପା)ଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମ ଅଧିବେଶନରେ ଗଙ୍ଗାଧର ମେହେରଙ୍କ ସୃଷ୍ଟି ସମ୍ପର୍କରେ ଅତିଥିମାନେ ମନ୍ତବ୍ୟ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ କରସୁଧା ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସାଗର ପରିଡ଼ା, ଅଶୋକ ମହାନ୍ତି ଓ ସବିତା ଶତପଥୀ ସଂଯୋଜନା କରିଥିଲେ। ସମୀକ୍ଷକ ଭାବେ ଡ. ଝାନ୍ସୀ ସିଂହ ଏବଂ ଅତିଥି ରୂପେ ମହାଦେବ ଶତପଥୀ ଯୋଗଦେଇଥିଲେ। ସଭାରେ ଯୁଧିଷ୍ଠିର ମଲ୍ଲିକ, ପ୍ରମୋଦ ରାଉଳ, ନାରାୟଣ ପଣ୍ଡା, ଡ. ଜଗବନ୍ଧୁ ସାମଲ, ସବିତା ଶତପଥୀ, କିଶୋର ବେହେରା, ବିଜୟ ପ୍ରଧାନ, ଏନ୍.ରାଜେଶ କୁମାର ପ୍ରମୁଖ ବହୁ ସାହିତ୍ୟିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୌମେନ୍ଦ୍ର ସ୍ୱାଇଁ, ତନ୍ମୟ ପ୍ରଧାନ, ଡ. ସୁଧାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ନକଲି ପୁଲିସ କହି ଲୁଟ୍ ସମୟରେ ଧରିଲା ପଟ୍ଟାଙ୍ଗି ପୁଲିସ



ପଟ୍ଟାଙ୍ଗି, ୯।୮ (ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପୁଲିସକୁ ମିଳିଲା ସଫଳତା। ପାଟ୍ରୋଲିଂ ସମୟରେ ପୁଲିସ କହି ଏକ ଟ୍ରକ୍‌କୁ ଲୁଟୁଥିବା ୪ ଅଭିଯୁକ୍ତଙ୍କୁ ଧରି କୋର୍ଟଚାଲାଣ କରିଛି ପଟ୍ଟାଙ୍ଗି ପୁଲିସ। ପଟ୍ଟାଙ୍ଗି ଥାନା ଅଧିକାରୀ ପ୍ରଭାତ ବେହେରା ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ନେବା ପରେ ବନ୍ଧୁକ ଧରି ଏକ ଟ୍ରକ୍‌କୁ ପୁଲିସର ପରିଚୟ ଦେଇ ଲୁଟୁଥିବା ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଥାନା ଅଧିକାରୀ ଶ୍ରୀ ବେହେରାଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ୧୧ଟା ୩୦ରେ ପୁଲିସ ପାଟ୍ରୋଲିଂ କରିବା ନିମନ୍ତେ ବାହାରିଥିଲା। ଏହି ସମୟରେ କୁନ୍ଦୁଲି ଗ୍ରାମ ନିକଟ ନୂତନ ଭାବେ ନିର୍ମାଣ ହେଉଥିବା ଭାରତମାଳା ପରିଯୋଜନା ରାସ୍ତା ନିକଟରେ ଏକ ଅଦା ବୋଝେଇ ଆଇଚର ଭ୍ୟାନ୍‌କୁ ଅଟକାଇ ନିଜକୁ ପୁଲିସର ପରିଚୟ ଏବଂ ବନ୍ଧୁକ ଦେଖାଇ ୮୦୦୦ ଟଙ୍କା ନେଇ ପୁନର୍ବାର ଆଉ ଅଧିକ ଟଙ୍କା ପାଇଁ ମାଲିକଙ୍କୁ ଫୋନ୍ କରି ମୂଲଚାଲ କରୁଥିଲେ। ଏହି ସମୟରେ ପୁଲିସ ଆସିବା ଦେଖି ସେଠାରୁ ଅଭିଯୁକ୍ତମାନେ ଦୌଡ଼ିବାରେ ଲାଗିଥିଲେ। ପୁଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଥିବା ନେଇ ଜଣାପଡ଼ିଛି। ସେମାନଙ୍କଠାରୁ ୬ଟି ମୋବାଇଲ୍, ୮୦୦୦ ଟଙ୍କା, ଗୋଟିଏ ପିସ୍ତଲ, କାର୍ ଜବତ କରାଯାଇଛି। ଉକ୍ତ ଅଭିଯୁକ୍ତ ମଧ୍ୟରୁ ସେମିଳିଗୁଡ଼ା ଗ୍ରାମର ୨ ଜଣ, ଦାମନଯୋଡ଼ିର ଜଣେ ଏବଂ ପୁରିଆଖୁଡ଼ି ଗ୍ରାମର ଜଣେ ହୋଇଥିବାବେଳେ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ପୁଲିସ ସୂଚନା ଦେଇଛି।

# ବଜ୍ରପାତ ସଚେତନତା ରଥର ଶୁଭାରମ୍ଭ


ନବରଙ୍ଗପୁର, ୯।୮ (ସମିସ): ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ଶନିବାର ପାପଡ଼ାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରାଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବଜ୍ରପାତ ସମୟରେ କ'ଣ ସବୁ ପଦକ୍ଷେପ ନେଇ କିପରି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିହେବ ସେ ନେଇ ଏହି ରଥ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ସତର୍କତାମୂଳକ ପଦକ୍ଷେପ, ସୁରକ୍ଷା ବାର୍ତ୍ତା, ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା କମ୍ କରିବା ଉପରେ ବ୍ଲକ୍ ଉପାଧ୍ୟକ୍ଷ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି। ଏଥିରେ ବିଭିନ୍ନ ଅନୁଷ୍ଠାନ ସକ୍ରିୟ ଅଂଶଗ୍ରହଣ କରି ଏ ସମ୍ବନ୍ଧୀୟ ଜନସଚେତନତା କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ଜିପିଇଓ ଅକ୍ଷୟ ପଟ୍ଟନାୟକ, କୋଷାଧ୍ୟକ୍ଷ ମହେଶ୍ୱର ଦାଶ ଓ ବ୍ଲକ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପାପଡ଼ାହାଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍ ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟ ଗ୍ରାମ ପଞ୍ଚାୟତଗୁଡ଼ିକରେ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# କୋଟିଆରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ପଟ୍ଟାଙ୍ଗି, ୯।୮ (ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆଠାରେ ଓଡ଼ିଶା ସରକାରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟସେବା ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ଭାଗବତ ମୁର୍ମୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। କୋଟିଆସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଟିଆର ବିଭିନ୍ନ ଗ୍ରାମବାସୀ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଡ. ଶିବାନୀ ଆଚାର୍ଯ୍ୟ, ଡା. ପ୍ରଭୁ ପ୍ରସାଦ ପଟ୍ଟନାୟକ ଏବଂ ଡ. ପ୍ରଗତି ପ୍ରସାଦ ମିଶ୍ର ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିଶୁରୋଗରେ ୨୪, ଗର୍ଭବତୀ ମା' ୪୫ ଏବଂ ସାଧାରଣ ରୋଗ ଓ ଅନ୍ୟାନ୍ୟରେ ୯୩ ଜଣ ମୋଟ୍ ୧୬୨ ଜଣଙ୍କୁ ଚିକିତ୍ସା କରାଯାଇଥିଲା। କୋଟିଆ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧିରେଶ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କର୍ମଚାରୀଗଣ ତଥା ନିରଞ୍ଜନ ରଣା, ସୁବାସ ଚପାଡ଼ି, ସୁବ୍ରତ ଶର୍ମା ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାଗଳା



ଅଞ୍ଜନ ଚାନ୍ଦ



ମଡ଼ିକାକା ସବୁବେଳେ ହସୁଥିଲେ । ସେଥିପାଇଁ ବୋଧେ ସମସ୍ତେ ତାଙ୍କୁ ପାଗଳା ବୋଲି କହୁଥିଲେ ।

ଗାଁରେ ମଡ଼ିକାକାଙ୍କର ନିଜଘର ଥିଲା । ଜମିବାଡ଼ି ଥିଲା । ତାଙ୍କ ଭାଇମାନେ ଚାଷ କରୁଥିଲେ । ପରିବାର ସହିତ ସ୍ୱଚ୍ଛଳ ଜୀବନ ଯାପନ କରୁଥିଲେ । ସେ କିନ୍ତୁ ଘରେ ନରହି ଚଇନ ଦାଦା ଘରେ ବାରମାସୀ ଭାତିଆ ହୋଇ ରହିଥିଲେ ।

ସେତେବେଳେ ଆମ ଗାଁରେ ଗୋଟିଏ ମାତ୍ର ପକ୍କାଘର ଏବଂ ସେଇଟା ଚଇନ ଦାଦାଙ୍କର । ଆଗରୁ ଜମିଦାରୀ ଥିଲା । ଏବେ ବି ଭୁଆବିଲରେ ନାଳକୂଳିଆ ଭଲ ଜମି ସବୁ ତାଙ୍କର । ଖଳା ବାଡ଼ିରେ ବଡ଼ ବଡ଼ କଳେଇଗଦା । ଧାନ ଅମାରରେ ଏତେ ଧାନ, ଗାଁ ଯାକ ସମସ୍ତେ ଖାଇଲେ ବି ସରିବନି । ଖଳାବାଡ଼ିକୁ ଲାଗି ଗୁହାଳଘର । ଗୁହାଳରେ ଗୁହାଳେ ଗୋରୁ,ଗାଈ । ସାନ ବଡ଼ ହୋଇ ପଲେ ବାଛୁରୀ । ସେତେ ବଡ଼ ଗୁହାଳ ଆଉ ଗୋରୁଗାଈ ଆମ ଅଞ୍ଚଳରେ କେଉଁଠି ନଥାଏ । ମଡ଼ିକାକା ଥିଲେ ସେଇ ଗୁହାଳ ଘରର ଅଧିକାରୀ । ସକାଳରୁ ରାତିଯାଏ କେତେ କାମରେ ଲାଗିଥା'ନ୍ତି । ଗୋରୁଗାଈଙ୍କୁ କୁଟା, କୁଣ୍ଡା, ପାଣି, ତୋରାଣି ଖୁଆଇବା, ପଡ଼ିଆକୁ ଚରାଇ ନେବା, ରୋଗ ବୈରାଗରେ ଔଷଧ, ସେବା ଶୁଶ୍ରୁଷା, ଗୁହାଳଘର ସଫା, ଆଉକାମ କରିବାକୁ ତାଙ୍କୁ ଡର ନଥାଏ । ଗୁହାଳକୁ ଲାଗିଥିବା ଅମାର ଘରର ପିଣ୍ଡାରେ ସେ ରୁହନ୍ତି । ଖଣ୍ଡେ ସପ, ତେଲଚିକିଟା ତକିଆ, ଦୁଇଟା ନାଲିରଙ୍ଗର ଖୋର୍ଦ୍ଧା ଗାମୁଛା, ଏତିକି ମାତ୍ର ସମ୍ବଳ ସହିତ ଦିନକୁ ଦୁଇ ବକ୍ତ ପଖାଳଭାତ ଖାଇ ଯିଏ ସବୁବେଳେ ହସିପାରୁଛି ସେ ଯେ ନିହାତି ଗୋଟେ ପାଗଳା ଏଥିରେ ଗାଁ ଲୋକଙ୍କର ସନ୍ଦେହ ନଥାଏ ।

ଗାଁରୁ ବାହାରିଲେ ବିଶାଳ ମଶାଣିପଦା ଓ ଗୋଚରଭୂଇଁ ନଈକୂଳକୁ ଲମ୍ବିଥାଏ । ମଡ଼ିକାକା ସବୁଦିନ ସେଠାରେ ଗୋରୁ ଗାଈଗୁଡ଼ିକୁ ଛାଡ଼ିଦେଇ ବରଗଛ ମୂଳରେ ବସନ୍ତି । ମନକୁ ମନ କଥା ହୁଅନ୍ତି ଆଉ ହିଁ ହିଁ ହୋଇ ହସନ୍ତି । ଦିନେ ମୋତେ ପାଖକୁ ଡାକି ପଚାରିଲେ - କିରେ ଛୁଆ, ମୁହଁ ଶୁକେଇଛୁ କେନେ ?

ମୁଁ କହିଲି - କାକା, ମୋ ପାଠପଢ଼ା ବନ୍ଦ ହେଇଗଲା ।

- ବାଃ, ବଢ଼ିଆ ହେଲା । ତୁ ତ ଖାଲି ଖେଳିବୁ । ମଟର ଟାୟାର ପଛରେ ଧାଇଁବୁ ।

- ନା ନା, ମୁଁ ପଢ଼ିବି ।

- ପଢ଼, କିଏ ମନା କଲା !

- ବହି ଖାତା କିଣିବାକୁ ପଇସା ନାହିଁ ।

ମଡ଼ିକାକା ଏଣେତେଣେ ଚାହିଁ ହୁରି ଛାଡ଼ିଲା - ଏ "ଛୁଆଧରା ବାବୁ, ଏଠିକି ଟିକେ ଆସ ।"

ମଶାଣି ପାଖ ଦେଇ ଗୋଟେ ଧସରା ବାଲି ରାସ୍ତା ହାଟକୁ ପଡ଼ିଥାଏ । ସେଇ ରାସ୍ତାରେ ଯାଉଥିଲେ ଟୋଲବାଡ଼ିର କିରାଣି । ଟୋଲରେ ପଢ଼ିବାକୁ ପିଲା ହେଉ ନଥିବାରୁ ସେ ପ୍ରତିବର୍ଷ ଘର ଘର ବୁଲି ଛୁଆ ଖୋଜନ୍ତି । ସମସ୍ତେ କୁହନ୍ତି, ହେଇ ଆଇଲେ ଛୁଆଧରା ବାବୁ । ମଡ଼ିକାକାଙ୍କ ଡାକ ଶୁଣି ସେ ଆସିଲେ । ମୋତେ ସାଥିରେ ନେଇ ବାପାଙ୍କୁ ଦେଖା କଲେ । ମାଗଣା ବହି ଖାତା ସହିତ ମାସକୁ ଦଶଟଙ୍କା ବୃତ୍ତି ମିଳିବ ଶୁଣି ବାପା ତାଙ୍କ କଥାରେ ରାଜି ହୋଇଗଲେ ।

ଯେ କି ଯୁଗ ହେଲାରେ ! ଶୁଦ୍ରର ଘର ଛୁଆ ସଂସ୍କୃତ ପଢ଼ିବ ! ବଡ଼ ହେଇ କିସ ମନ୍ଦିରରେ ପୂଜାପାଠ କରିବ !

ମୋ' ମନ ପୁଣି ଖରାପ ହୋଇଗଲା । ବରଗଛ ମୂଳରେ ମଡ଼ିକାକାଙ୍କୁ ପଚାରିଲି - ସଂସ୍କୃତ ପଢ଼ି କି କାମ କରିବି ?

ସେ କହିଲେ - ପାଠ ପଢ଼ିବୁ, ଶିଖିବୁ । କିସ କରିବୁ ଭାବୁଚୁ କେନେ ?

ମୁଁ ସଂସ୍କୃତ ପଢ଼ିଲି । ଟୋଲ ପାଠ ସାରି କଲେଜ, ତାପରେ ୟୁନିଭର୍ସିଟିରେ ଆଚାର୍ଯ୍ୟ ପାସ କଲି । ସହରରେ ଗୋଟେ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲି । ଛୁଟିରେ ଗାଁକୁ ଆସିଲି । ଦେଖିଲି ଏଇ ସମୟ ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି । ମଶାଣିଭୂଇଁ ଓ ଗୋଚର ଜାଗାରୁ ଅଧାଅଧି ସରକାର ଓ ସାଧାରଣ ଲୋକ ମାଡ଼ି ବସିଛନ୍ତି । ଗୋଟେ ଇଲେକ୍ଟ୍ରି ଷ୍ଟ୍ରକ୍ଚର, ପୋଲିସ୍ ଫାଣ୍ଡି, ପାଣିଟାଙ୍କି ଓ ପମ୍ପ ହାଉସ୍ । ରାତିରେ ଉଜ୍ଜ୍ୱଳ ବିଜୁଳିବତିରେ ଝଙ୍କା ବରଗଛଗୁଡ଼ିକ ସେମାନଙ୍କ ଅନ୍ଧାରି ରହସ୍ୟ ହରାଇ ବସିଛନ୍ତି । ଧସରା ବାଲିରାସ୍ତା ଏବେ ପିଚୁ ସଡ଼କ । ଛକ ଜାଗାରେ ଦୋକାନ ବଜାର । ମୋ ବାଲିବନ୍ତ ମଫସଲ ଗାଁଟି ଏବେ କୁନି ସହର ହୋଇଯାଇଛି ।

ବରଗଛ ମୂଳରେ ମଡ଼ିକାକା ଆଉ ତାଙ୍କର ଗୋରୁଗୋଠକୁ ଦେଖିଲି ନାହିଁ ।

ବୋଉ କହିଲା - "ସେ ଆଉ ନାହିଁରେ । ବଞ୍ଚିଥିବାବେଳେ ଯେମିତି ହସୁଥିଲା, ସେମିତି ହସହସ ମୁହଁରେ ମରି ଯାଇଛି । ମରିବା ଦିନ ରାତିରେ ଯେଉଁ କାମଟି କରିଯାଇଛି ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବୁ ।"

- କ'ଣ ?

- ଭଲମନ୍ଦରେ ଚଇନ ତାକୁ ଖର୍ଚ୍ଚ କରିବାକୁ ଯେଉଁ ଟଙ୍କା ଦେଉଥିଲା ସେ ତାକୁ ସବୁ ସଞ୍ଚି ରଖିଥିଲା । ଗୋଟିଏ ନାଲି କନାରେ ବାନ୍ଧି ମୁଣ୍ଡତଳେ ରଖି ଶୋଉଥିଲା । ସେ ମରିଯିବା ପରେ ସେଇଟା ମିଳିଲା । ତା' ଭିତରେ ଖଣ୍ଡେ କାଗଜରେ ଅଙ୍କାବଙ୍କା ଅକ୍ଷରରେ ଲେଖିଥିଲା – ସ୍କୁଲ ପିଲାଙ୍କ ପାଇଁ ରଖିଛି ।

- କେତେ ଟଙ୍କା ଥିଲା ?

- ମୁଁ ଜାଣିନି । ସ୍କୁଲ ଆଗରେ ପିଲାଙ୍କ ପାଇଁ ଯେଉଁ ଖେଳ ବଗିଚା ଅଛି, ସେଇଟା ସେଇ ଟଙ୍କାରେ ତିଆରି ହୋଇଛି ।

ମୋ' ଆଖିଆଗରେ ମଡ଼ିକାକାଙ୍କ ହସହସ ମୁହଁଟି ସ୍ପଷ୍ଟ ଦିଶିଲା । ଯିଏ ଗୋଟେ ଛୋଟ ବାକ୍ୟରେ ମୋ' ଭାଗ୍ୟ ବଦଳାଇ ଦେଇଥିଲେ । ଘର ପରିବାର ନଥାଇ ବି ଗାଁଯାକର ପିଲାଙ୍କ ଖୁସି ପାଇଁ ଟଙ୍କା ସଞ୍ଚୁଥିଲେ । ବଳଦ ପରି ନିରବରେ ଖଟୁଥିଲେ ଅଥଚ ଉଦାସ ନହୋଇ ଅନାବିଳ ହସଟିଏ ସବୁବେଳେ ମୁହଁରେ ଧରିରଖିଥିଲେ ।

ମଡ଼ିକାକା ସତରେ ପାଗଳା ଥିଲେ । ■

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

# ପୁସ୍ତକ ପରିଚୟ

## ଚିତ୍ରମୟ ପିଲାଦିନ

ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର



ବନଫୁଲ
ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭୫୧୦୧୩
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୦ ଟଙ୍କା

ପିଲାଦିନର ସ୍ମୃତି ଅପାସୋରା । ଗାଁର ମନୋରମ ପ୍ରାକୃତିକ ପରିବେଶ, ପର୍ବପର୍ବାଣିର ଆନନ୍ଦ, ସାଙ୍ଗସାଥୀଙ୍କ ନିଷ୍କପଟ ଭଲ ପାଇବା କୈଶୋର କାଳକୁ କରିଦିଏ ମଧୁମୟ । ଏଭଳି ନିଜର ପିଲାଦିନର ସ୍ମୃତିକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର 'ଚିତ୍ରମୟ ପିଲାଦିନ' ପୁସ୍ତକରେ । ବାଲେଶ୍ୱର ଜିଲ୍ଲାର ସମୁଦ୍ରକୂଳବର୍ତ୍ତୀ ଗାଁ ଜଗାଇ ଲେଖିକାଙ୍କ ଜନ୍ମଭୂମି । ଜନ୍ମମାଟିର ବାସ୍ନା ଏବେ ମଧ୍ୟ ତାଙ୍କୁ ଭାବବିଭୋର କରେ । ଗ୍ରାମ୍ୟ ପରିବେଶ, ସରଳ ଗ୍ରାମ୍ୟ ମଣିଷ, ପରିବାର, ସାଙ୍ଗସାଥୀଙ୍କ ଅକପଟ ଭଲ ପାଇବା, ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ଅତି ହୃଦୟସ୍ପର୍ଶୀ ଭାବେ ସେ ଏହି ପୁସ୍ତକରେ ଲିପିବଦ୍ଧ କରିଛନ୍ତି । 'ଚିତ୍ରମୟ ପିଲାଦିନ', 'ପିଲାଦିନ,ଲତାଗିରି ବନଗିରି', 'ପୋଖରୀ ଆଡ଼ିରେ ଗଇଶ ଫୁଲର ଘର', 'କ୍ଷୀରପା ସହ ଯାତ୍ରା ଦେଖା', 'ଶୈଶବର ସୁଗନ୍ଧ ଭିତରେ ଅପାସୋରା ମାମୁଁ ଘର ଗାଁ', 'ମକର ସଂକ୍ରାନ୍ତି ମେଳା ଏବଂ କ୍ଷୀରପା', 'ସ୍ମୃତିର ସିନ୍ଦୂର ଭିତରେ', 'ମୋର ପ୍ରଥମ ଗୀତ ଶିଖିବାର ଦିନ', 'ପ୍ରିୟ ବାନ୍ଧବୀ ସାଳନ୍ଦୀ' ଆଦି ଲେଖାଗୁଡ଼ିକରେ ଲେଖିକା ପିଲାଦିନର ମଧୁର ସ୍ମୃତିଚାରଣ କରିଛନ୍ତି । ମାମୁଁ ଘର ଗାଁ, ସାଳନ୍ଦୀ ନଦୀ, ପୋଖରୀ ପାଣିରେ କଇଁଫୁଲ ତୋଳିବାର ମଜା, ଗଇଶ ଫୁଲର ସୌନ୍ଦର୍ଯ୍ୟ, ଅଜଣା ପକ୍ଷୀଙ୍କ କଳରବ ପିଲାଦିନେ ଲେଖିକାଙ୍କୁ ତନ୍ମୟ କରିଥିଲା । 'ଚିତ୍ରମୟ ପିଲାଦିନ' ପୁସ୍ତକଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ବର୍ଷା

ଇନ୍ଦିରା ଦାଶ



ଅରଣ୍ୟର ସୀମା ଡେଇଁ
ପର୍ବତର ଚୂଳ ଛୁଇଁ
ଝରି ପଡ଼ ଝରଝର ହୋଇ
ଆକାଶର ଆଚ୍ଛନ୍ନ ସୀମାନ୍ତେ ।

ବଳାକାର ରୂପ ନେଇ
ଭାସି ଚାଲ ଚାରି ମେଘ ହୋଇ
ପକ୍ଷୀର ଆର୍ଦ୍ର ଡେଣାରୁ ସ୍ନେହର
ସନ୍ତକ ହୋଇ ମାଟି ଅଗଣାକୁ ।

କଳା ବଉଦର ଶାଢ଼ି ପିନ୍ଧି
କାଦମ୍ବରୀ ପିଆଲା ଧରି
ଗଭାରେ କଦମ୍ବ ଖୋସି ବିସ୍ତରି ଯାଅ
ଚେତନାର ମୃଣ୍ମୟୀ ସଂଜରେ ।

ପୂର୍ଣ୍ଣଗର୍ଭା କରିବାକୁ
ଶୁଖିଲା ନଈକୁ, ମିଶି ଯାଅ
ଅମୁହାଁ ମୁହାଣର ନିର୍ଜନ ସୈକତର
ଅନ୍ଧାରି ଛାତିରେ ।

ଧୂ ଧୂ ନିଦାଘ କ୍ଷେତରେ
ରଚିଦିଅ ସବୁଜ ଶୃଙ୍ଗାର
ତୃପ୍ତ କର ଦେହ ମନ, ପ୍ରାଣ
ନିଖିଳ ନିଃସର୍ଗ ।

ବର୍ଷା କ'ଣ ଏକ ସମ୍ମୋହନ
ସମ୍ଭୋଗର ଋତୁ
ମିଳନର ଅପେକ୍ଷାରେ
ବଂଶୀର ବିଳାପ
ଅବା ଯନ୍ତ୍ରଣାର ଆଦିମ ରୂପକ
ଦୁଃଖକୁ ଭୋଗି ଭୋଗି
ଲୁହ ପିଇ ଯାଇ ଥିବା ଦୁଇ ଓଠ ।

ରହସ୍ୟମୟୀ ନାରୀ ଭଳି
ପ୍ରେମ ଦିଅ, ଶକ୍ତି ଦିଅ
ଧ୍ୱଂସର ଆବର୍ତ୍ତ ଭିତରୁ ଶୁଣାଅ
ସର୍ଜନାର ଗୋପନ ସଂକଳ୍ପ । ■



ଅନୁଗୋଳ ବଜାର, ଅନୁଗୋଳ

# ଅଜଣା ପକ୍ଷୀ

ତ୍ରିନାଥ ସିଂହ



ନିଘୋଡ଼ ରାତିରେ ଆଚ୍କା ଭାଙ୍ଗିଯାଏ
ନିଦ ।

ମନେହୁଏ ଯେମିତି
ଏବେ ଏବେ କେହିଜଣେ ଏଇଠି ଥିଲା
ଓ ଛୁଇଁଦେଲା ଖୁବ୍ ସନ୍ତର୍ପଣରେ ମୋର ନିଦ୍ରିତ ଦେହ ।

ରାତ୍ରୀର ନୀରବତାକୁ ଆଡ଼େଇ
ଝର୍କା ସେପାଖର କୋଉ ଗଛଉହାଳରୁ
ରହି ରହି ଶୁଭିବ ଗୋଟେ ଅଜଣା ପକ୍ଷୀର ଉଚ୍ଛନ୍ନ ରାବ
ଧୀରେ ଧୀରେ ଯାହା ମୋହାଚ୍ଛନ୍ନ କରିଦେବ ମତେ
ଓ କ୍ରମଶଃ ଶୁଭିବ ମୋର ନାଆଁ ଭଳି...

ଯେମିତି ନିହାତି ଚିହ୍ନାଜଣା କେହିଜଣେ
ମତେ ଡାକପାରୁଛି ଥରକୁ ଥର ।

ସେଇ ଆଚ୍ଛନ୍ନତା ଭିତରେ ହିଁ ମୁଁ ଉଠିବସିବି
କର୍ତ୍ତୃତ୍ୱହୀନ
ଓ କେହିଜଣେ ବଶୀଭୂତ କରିନେଉଥିବା ପରି
ବାହାରି ଆସିବି ବାହାରକୁ ।

ଖଇ ବୁଣିଯିବା ପରି ଚିତ୍ରିତ ଆକାଶରେ ଏଣେତେଣେ ଜିକ୍‌ଜିକ୍ କରୁଥିବା
ଓ ନିଜ ଭିତରେ ନିଜେ ଜଳୁଥିବା ତାରାମାନେ
ନିର୍ବାକ କାନେଇଥିବେ ପକ୍ଷୀକୁ...

ଯାହା ସେତେବେଳ ଯାଏଁ
ଅଭିମନ୍ତ୍ରିତ କରିସାରିଥିବ ନିରୀହ ନୀରବତାକୁ ଆଖପାଖର ।

ରାତିର ଅନ୍ଧାରରେ ଉତ୍ତରପାଖର ପାହାଡ଼
ଯାହା ଅତ୍ୟନ୍ତ ବୃଦ୍ଧ, ଜୀର୍ଣ୍ଣଶୀର୍ଣ୍ଣ ଓ ଏବକୁ ଲୋପପାଇ ଯାଇଥିବା
କୋଉ ପ୍ରାଗୈତିହାସିକ ଜୀବଜନ୍ତୁଙ୍କ କଙ୍କାଳ ପରି ପ୍ରତେ ହେଉଥିବ...

ପକ୍ଷୀର ପ୍ରତି ଡାକର ବ୍ୟବଧାନରେ
ବାରିହେଇ ପଡୁଥିବା ତା'ର କୁନ୍ଥାଣୀ ଓ ଭଙ୍ଗାଭଙ୍ଗା ଛାଇ
ବେଳୁବେଳ ଆହୁରି କ୍ଷୀଣ ଓ ଦୁର୍ବଳ ଲାଗୁଥିବ ।

ମୋ' ନାଆଁ ଭଳି
ଓ ନିହାତି ଚିହ୍ନାଜଣା ଲୋକର ସ୍ୱର ପରି ଶୁଭୁଥିବା
ପକ୍ଷୀର ଡାକ
ଆଉ ଗଛ ଉହାଳରୁ ଶୁଭିବନି ଏଥର...
ଗୁମୁରି ଗୁମୁରି ଆସୁଥିବ
କୋଉ ଯୋଜନ ଯୋଜନ ବର୍ଷ ଦୂର
ଗୋଟେ ସଂକୀର୍ଣ୍ଣ ଓ ଆବଦ୍ଧ ଗମ୍ଭୀରା ଭିତରୁ
ଡେଇଁଡାଇଁ ଅରମା, ବଣ, ପାହାଡ଼, ଶ୍ମଶାନ ଓ ଜନ୍ମଜନ୍ମାନ୍ତର ।

ଅଚାନକ ମୁକୁଳି ଆସିବା ବେଳକୁ
ସେଇ ଅତିନ୍ଦ୍ରୀୟ ଆଲୋକର ନିଗୂଢ଼ ଆଚ୍ଛାଦନରୁ,
ମୁଁ ଚମତ୍କୃତ ହେଇଯିବି...
ଯେତେବେଳେ ମୁଁ ଅନୁଭବ କରିବି ଯେ'
ସେଇ ଅଜଣା ପକ୍ଷୀର କୁହାଟ
ମୋ'ରି ନିକଟରୁ ହିଁ ଶୁଭୁଛି କୋଉଠୁ...

ହୁଏତ ମୋ'ରି ଭିତରୁ..!! ■

ଭବିଷ୍ୟନିଧି କାର୍ଯ୍ୟାଳୟ
ପାନପୋଷ ମାର୍ଗ, ରାଉରକେଲା - ୭୬୯୦୧୨
ମୋ: ୮୮୯୫୦୯୯୪୬୪

## ପବନର ଦେହ

ସେନାପତି ପ୍ରଦ୍ୟୁମ୍ନକେଶରୀ



ଟାଇମ୍ ପାସ୍
ନୀଳକଣ୍ଠ ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର-୭୫୧୦୦୩
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୯୫ ଟଙ୍କା

'ପ୍ରେମର କ୍ଷେତବାଡ଼ି/ ସମ୍ପର୍କର ହାଣ୍ଡିଠେକି/ ବିଶ୍ୱାସର ଘରଡିହ/ ଭରସାର କୂଅମୂଳ/ ଏସବୁ ଭିତରେ ବୋଉ ସୁଖ ପାଏ ।' (ବୋଉର ଖାଲି ବିଛଣା) ଅତୁଳନୀୟ ମା'ର ତ୍ୟାଗ ଓ ତିତିକ୍ଷା । ସବୁ ଦୁଃଖ,କଷ୍ଟ, ଯନ୍ତ୍ରଣା ଭିତରେ ମଧ୍ୟ ସେ ପାଏ ଅପାର ସୁଖ । ଜୀବନକୁ ତିଳ ତିଳ କରି ଜାଳି ଦେବାରେ ହିଁ ତା'ର ଆନନ୍ଦ । ଏହି ମାନବୀୟ ଭାବାବେଗ ଫୁଟି ଉଠିଛି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ପବନର ଦେହ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ପଇଁଚାଳିଶଟି ମନଛୁଆଁ କବିତା ସଂକଳିତ ହୋଇଛି । କବି କେଉଁଠି ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର ହୋଇଉଠିଛନ୍ତି, ପୁଣି କେଉଁଠି ମଣିଷର ଦୁଃଖ, ଯନ୍ତ୍ରଣାରେ ବିଳପି ଉଠିଛି ତାଙ୍କ ହୃଦୟ । ଆଉ କେବେ ଜୀବନବାଦର ସଙ୍ଗୀତ ଗାନ କରିଛନ୍ତି ସେ ତଲ୍ଲୀନ ହୋଇ । ଏହି ପୁସ୍ତକର 'ବର୍ଷାରାତିରେ', 'ଆକାଶ ପୂଜା', 'ପଦ୍ମତୋଳା', 'ବୁଢ଼ାର ଲାଠି', 'ନିର୍ବୋଧ ଦର୍ପଣ', 'ନଗଡ଼ା କଥା', 'କାଳ ଅକାଳ', 'ସେଇ ଚାଦରଖଣ୍ଡକ', 'ବୋଉର ଖାଲି ବିଛଣା', 'କାଲି ରାତିର ଅନ୍ଧାର', 'ଅଭିନ୍ନ ଛାଇ', 'ବର୍ଷା ଋତୁରେ ନଈ', 'ଯେଉଁଠି ସରିଯାଏ ସମ୍ବାଦ', 'ଅଚିହ୍ନା ପ୍ରାଣୀ', 'ଦୀପ ଜଳିଲେ', 'ଘର' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ ଓ ସମ୍ମୋହନ ସ୍ୱତନ୍ତ୍ର । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ମୁଁ ତ ଅମୃତ ସାଗର ବିନ୍ଦୁ ...

ପ୍ରଦୀପ୍ତ ଶ୍ରୀଚନ୍ଦନ



ଏ ମାଟିର ମହାକବି ରଙ୍ଗାଜୀବ ଗଙ୍ଗାଧର ସାରସ୍ୱତ ସାଧନା ଆଉ ଉପାସନା ସହ ଶବ୍ଦ ଶବ୍ଦ ମଧ୍ୟରେ ନିର୍ମାଣ କରିଛନ୍ତି ଶବ୍ଦମୟ ଜଗତ । ତାଙ୍କ କାବ୍ୟକୃତି ପାଠକର ଚେତନାକୁ, ଭକ୍ତି ଭାବନା ଓ ଜୀବନ ଦର୍ଶନକୁ, ମାନବିକ ଓ ସାମାଜିକ ମୂଲ୍ୟବୋଧକୁ ରଞ୍ଜିତ ତଥା ଉଦ୍‌ବେଳିତ କରି ପାରିଛି । ପୁନଶ୍ଚ ଏହି ମହାନ୍ ଋଷିକବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଶିଳ୍ପ ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ତେଣୁ ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଓ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ । ସେଇଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର କବି ଗଙ୍ଗାଧର ପ୍ରବନ୍ଧର ଆରମ୍ଭରେ ଲେଖିଛନ୍ତି, "ସାହିତ୍ୟରେ କବିତାର ସ୍ଥାନ ଓ ସମାଜରେ କବିର ସ୍ଥାନ ବିଷୟରେ ଧାରଣା କ୍ରମଶଃ ବଦଳି ଯାଉଛି । ସାହିତ୍ୟ କ୍ଷେତ୍ରରେ ଏକଦା କବିତାର ସ୍ଥାନ ଥିଲା ସର୍ବଶ୍ରେଷ୍ଠ । ସେହିପରି ସମାଜରେ କବି ଥିଲେ ସର୍ବଶ୍ରେଷ୍ଠ ବ୍ୟକ୍ତି । ଐଶୀଶକ୍ତି ବିନା କବି ହେବା ଅସମ୍ଭବ ବୋଲି ଏକ ସମୟରେ ବିଶ୍ୱାସ ଥିଲା । କବି କହିଲେ ସିଦ୍ଧପୁରୁଷ ବୋଲି ବୁଝାଉଥିଲା । ସାଧନା କରି ଯେଉଁ ସମୟରେ କବିର ପ୍ରତିଷ୍ଠା ଅତି ଅଳ୍ପ ଲୋକେ ଲାଭ କରୁଥିଲେ, ସେତେବେଳେ କବି ଜଣେ ଦାର୍ଶନିକ, ଜଣେ ସମାଜ ବିଧାୟକ, ଜଣେ ଦୂରଦର୍ଶୀ ଓ ଜଣେ ଈଶ୍ୱରଙ୍କର ନିକଟତମ ବ୍ୟକ୍ତି ବୋଲି ସମାଜ ବିଚାରୁ ଥିଲା" । ତେଣୁ ଡକ୍ଟର ମହତାବଙ୍କ ବିଚାରରେ ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ସେହି ଅର୍ଥବୋଧର କବି । ସ୍ୱଚ୍ଛ ହୃଦୟ,ସ୍ୱଚ୍ଛଳ ଭାବାବେଶ, ଭାଷା ଉପରେ ଭାବର ପ୍ରାଧାନ୍ୟ ଓ ସର୍ବୋପରି ଈଶ୍ୱରାଭିମୁଖୀନତା ଏହା ହିଁ ଗଙ୍ଗାଧରଙ୍କର କାବ୍ୟ-କବିତାରେ ପରିସ୍ଫୁଟ ଆଉ ସେଇଥିପାଇଁ ସେ ସମାଜର ସର୍ବଶ୍ରେଷ୍ଠ ବ୍ୟକ୍ତି – କବି ।

ଗଙ୍ଗାଧରଙ୍କର ଏ ଅନନ୍ୟ ପ୍ରତିଭା ଖାଲି ସ୍ୱଭାବଜାତ ନୁହେଁ, ଜୀବନ ଓ ପ୍ରକୃତିର ଗଭୀର ଅନୁଶୀଳନ, ଅଧ୍ୟବସାୟ ଓ ଅଧ୍ୟୟନ ଯୋଗୁଁ ତାହା ଯେତିକି ପରିମାର୍ଜିତ ଆଉ ସ୍ୱଚ୍ଛ ସେତିକି ସଂଯତ ହୋଇ ତାଙ୍କୁ ଆମର ସାଂସ୍କୃତିକ ପ୍ରତୀକ ଭାବରେ ମର୍ଯ୍ୟାଦା ପ୍ରଦାନ କରିଛି । କବି-ରାଧାନାଥଙ୍କ ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସର୍ବାଧିକ ପ୍ରତିଭାଶାଳୀ କବି କେବଳ ନୁହନ୍ତି, ତାଙ୍କର ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ମଧ୍ୟ ଜନସାଧାରଣରେ ସର୍ବାଧିକ ଆଦୃତ । ସେ ସଂଖ୍ୟାଧିକ ସାଧାରଣ ଜନତାଙ୍କ ଅନ୍ତଃସ୍ୱରବାହୀ ସାହିତ୍ୟ ସାଧକ । ଋଷିପ୍ରାଣ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱର ମୂଳଦୁଆ, ତାଙ୍କ ବଞ୍ଚିବାର ଅସଲ ଆଧାର ଈଶ୍ୱର ସମର୍ପିତ ଜୀବନଧାରଣ ଯାହା ଏ ଭୂଖଣ୍ଡର ଅଗଣିତ ଜନତାଙ୍କ ପାଇଁ ସଦୈବ ଜୀବନର ମୂଳଧାର । କବି ମେହେର ବାଲ୍ୟକାଳରୁ ଥିଲେ ଈଶ୍ୱରବିଶ୍ୱାସୀ । ମାନବ ଜୀବନର ଶାଶ୍ୱତ ଅଭିଳାଷ ଭଗବତ୍ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ କବି ବିଶ୍ୱର ବିଚିତ୍ର ଲୀଳାକୁ ଅନୁଧ୍ୟାନ କରିଛନ୍ତି । ସନାତନ ଆର୍ଯ୍ୟବାଣୀ ତାଙ୍କ ପ୍ରାଣରେ ତୋଳିଥିଲା ସାତ୍ତ୍ୱିକ ମୂର୍ଚ୍ଛନା । ସୁଖ ଦୁଃଖର ସଂସାର ବନ୍ଧନରେ ବାନ୍ଧି ହୋଇବି ସେ ଈଶ୍ୱରଙ୍କ ଆଶୀର୍ବାଦକୁ ସଦାସର୍ବଦା ସ୍ମରଣ କରିଛନ୍ତି । ପାପତାପରେ ସନ୍ତୁଳିତ ମଣିଷର ବିଭୁକୃପା ବିନା ଅନ୍ୟ ଗତି ବା କାହିଁ? ସାଂସାରିକ ଜଞ୍ଜାଳ, ଦୁଃଖ, ବ୍ୟଥା ଆଦିକୁ ଅତିକ୍ରମ କରି ସେଇ ପରମ କାରୁଣିକଙ୍କର ପାଦରେ ଶରଣ ପଶି କରୁଣା ଭିକ୍ଷା କଲେ ଆମ୍ଳାଭର ଆନନ୍ଦ ମିଳେ । ତେଣୁ ସେ ଲେଖିଲେ, "ମନ ଭ୍ରମୁଛୁ କାହିଁକିରେ ନିଜ ଧନେ କରି ହେଳା ।" କବିଙ୍କର କାବ୍ୟ କବିତାର ଅନ୍ୟ ଏକ ଦୃଷ୍ଟିଭଙ୍ଗୀ ହେଉଛି ନୀତିକଥା । ମାନବର କର୍ମର ଉଚିତ୍ ଅନୁଚିତ ବିଚାର କରିବା ନୀତିଶାସ୍ତ୍ରର ଲକ୍ଷ୍ୟ । ଏହି ଦୃଷ୍ଟିକୋଣରୁ ତର୍ଜମା କଲେ କବି ଅତ୍ୟନ୍ତ ସରଳ ଓ ପ୍ରାଣସ୍ପର୍ଶୀ ଢଙ୍ଗରେ ଜୀବନରେ କର୍ମ ଆଉ ପରମ୍ପରାର ନିୟନ୍ତ୍ରଣ ନିମନ୍ତେ ପାଠକ ସମ୍ମୁଖରେ ନୀତିବଚନ ବାଢ଼ି ବସିଛନ୍ତି । ଯେମିତି ତାଙ୍କ ରଚିତ କବିତା 'ମହିମା' । କବିଙ୍କର ସାହିତ୍ୟ ଶିଳ୍ପ, ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଆଉ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ ।


'ମଧୁବାତା ଋତାୟନ୍ତେ, ମଧୁକ୍ଷରନ୍ତି ସିନ୍ଧବଃ'- ଏହି ବେଦବାଣୀରେ ଉଦ୍‌ବୁଦ୍ଧ ହୋଇ କବି ଏ ସୃଷ୍ଟିକୁ ମଧୁମୟ ଆଉ ନିଜକୁ ଅମୃତସାଗରର ବିନ୍ଦୁ ଭାବରେ ଚିତ୍ରଣ କରିଛନ୍ତି । ସେଇଥିପାଇଁ ଅମୃତମୟ କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ପ୍ରକୃତିର ତମୋମୟ ଓ ରଜୋମୟ ରୂପ ଶାନ୍ତପୂତ, ସତ୍ତ୍ୱମୟ ରୂପରେ ପୂର୍ଣ୍ଣତା ଲାଭ କରିଛି । ଏ ସମଗ୍ର ବିଶ୍ୱ ମଧୁମୟ । ସେହି ମଧୁମୟ ଭୂମାର ସୃଷ୍ଟି ଅତୀବ ବିଚିତ୍ର । ସୂର୍ଯ୍ୟ ଚନ୍ଦ୍ର, ଗ୍ରହ, ତାରା, ଅଚଳ, ଅନୀଳ, କୋଇଲିର କୁହୁତାନ-ସର୍ବତ୍ର ସେହି ମହିମାମୟ, ମଧୁମୟଙ୍କର ଆବାସସ୍ଥଳୀ । ପୁଷ୍ପିତ କାନନ, ଶିଶୁର ମୁଖମଣ୍ଡଳ, ନଦୀ, ଝରଣା,ତଡ଼ାଗ, ସମୁଦ୍ର-ସବୁରି ମଧ୍ୟରେ ସେଇ ମଧୁମୟଙ୍କର ସାଧୁ ସତ୍ତା କବିଙ୍କର କବିତାରେ ଉପଲବ୍ଧ ।

କବିଙ୍କ ରଚିତ କବିତାଗୁଡ଼ିକରେ ସେ କାଳରେ ଘଟି ଯାଉଥିବା ମୁଖ୍ୟ ଘଟଣାଗୁଡ଼ିକର ପ୍ରତିଫଳନ ଅତ୍ୟନ୍ତ ସ୍ପଷ୍ଟ । ତେଣୁ ସମୟ ସ୍ପନ୍ଦନ ସହିତ ଆଶା, ଆଶଙ୍କା ଆଉ ସୁଖ ଦୁଃଖର ପ୍ରତିବିମ୍ବ ବହନ କରି ଏମାନେ ମେହେରଙ୍କ ସ୍ପନ୍ଦନଶୀଳ ଅନ୍ତରର ସୂଚକ ହେବା ସହିତ ସମକାଳୀନ ଯୁଗ ଚେତନା ଓ ଯୁଗ ଯନ୍ତ୍ରଣାର ବାର୍ତ୍ତାବହ ରୂପେ ଇତିହାସର ଧାରା ଦର୍ଶାଇବାରେ ସହାୟକ ହୋଇଛନ୍ତି । ତେଣୁ ଗବେଷକମାନଙ୍କ ମତରେ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ପରମ୍ପରା ଓ ଆଧୁନିକତାର, ଗତାନୁଗତିକତା ଓ ମୌଳିକ ଚିନ୍ତନ ଶକ୍ତିର, ପରିଶୁଦ୍ଧ ଆଦର୍ଶ ଓ ଗ୍ରାମୀଣ ବାସ୍ତବତାର, ସଚେତନ ଶିଳ୍ପୀତ୍ୱ ଓ ଭାବପ୍ରବଣ କବିତ୍ୱର, ବିନମ୍ର ମାନବ ଓ ଅକୁତୋଭୟ ଆଦର୍ଶ ଋଷିଗତିକର ସଂହତ ଚାରିତ୍ରିକ ବୈଶିଷ୍ଟ୍ୟର ପ୍ରାକୃତିକ ସମାବେଶ । ଏଇଥିରେ ହିଁ ନିହିତ ତାଙ୍କର ଜନପ୍ରିୟତା ଆଉ ଅମରତ୍ୱର ଅସଲ ରହସ୍ୟ । ତେଣୁ ଡକ୍ଟର ମହତାବଙ୍କ ଭାଷାରେ- "ଗଙ୍ଗାଧର ସାହିତ୍ୟର ସମାଲୋଚନା ନାନା ଦିଗରୁ ନାନା ପଣ୍ଡିତମାନେ କରିଲେଣି, କରୁଛନ୍ତି, କରିବେ ମଧ୍ୟ । ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟ ପ୍ରତି ଧାରଣା ମଧ୍ୟ ପରିବର୍ତ୍ତିତ ହୋଇଯିବ । କିନ୍ତୁ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ, ଯାହା ତାଙ୍କର ସାହିତ୍ୟରେ ଫୁଟି ଉଠିଛି, ତାହାହିଁ ରହିଯିବ ଚିରକାଳ ପ୍ରତ୍ୟେକ ଲେଖକର ଅନୁକରଣୀୟ ଆଦର୍ଶ ହୋଇ ।" ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାର ଭାରତୀ
ପଟିଆ, ଭୁବନେଶ୍ୱର

## ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍

ସତ୍ୟବ୍ରତ ପାତ୍ର




ଧାରା ଶ୍ରୀରାଧା ଟ୍ରଷ୍ଟ
ମାତୃ ବିହାର, ରଘୁନାଥପୁର
ଭୁବନେଶ୍ୱର-୭୫୧୦୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୭୫ ଟଙ୍କା

ଶିଶୁମାନଙ୍କ ଭବିଷ୍ୟତ ଗଠନ କରିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଲ୍ୟ ସମୟରୁ ଯଦି ଉପଯୁକ୍ତ ପରାମର୍ଶ ଦିଆଯାଏ, ତେବେ ଭବିଷ୍ୟତରେ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ । ଶିଶୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବା ଉଚିତ, ତାହା ପ୍ରକାଶ ପାଇଛି ସତ୍ୟବ୍ରତ ପାତ୍ରଙ୍କ 'ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍' ପୁସ୍ତକରେ । ଇଂରାଜୀ ଭାଷାରେ ରଚିତ ଏହି ପୁସ୍ତକରେ ଶିଶୁମାନଙ୍କ ବ୍ୟବହାର, ଚରିତ୍ର ଗଠନ, ଶିକ୍ଷା, ଯୌନ ଶିକ୍ଷା ପ୍ରଦାନର ଆବଶ୍ୟକତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ବ୍ୟକ୍ତି ଚରିତ୍ର ଉପରେ ସର୍ବାଧିକ ପ୍ରଭାବ ପକାଇଥାଏ ବାଲ୍ୟ ବୟସ । ଉପଯୁକ୍ତ ବାତାବରଣ ନ ପାଇଲେ ଶିଶୁମାନଙ୍କର ସଂପୂର୍ଣ୍ଣ ବିକାଶ ହୋଇପାରେ ନାହିଁ । ବାଲ୍ୟ ସମୟରୁ ପିଲାର ସମସ୍ତ ଯତ୍ନ ନେବା ସହ ତା'ର ଆଧ୍ୟାତ୍ମିକ ବିକାଶ ଦିଗରେ କିପରି ପିତାମାତା ପଦକ୍ଷେପ ନେବା ଆବଶ୍ୟକ ତା' ଉପରେ ପୁସ୍ତକଟି ପର୍ଯ୍ୟବସିତ । ଦୋଷଗୁଣକୁ ସମାଲୋଚନା ନ କରି ସନ୍ତାନମାନଙ୍କ ଭିତରେ ଥିବ ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଦେଖିବା ପାଇଁ ଲେଖକ ପରାମର୍ଶ ଦେଇଛନ୍ତି । ସତପଥରେ ପରିଚାଳିତ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦିଆଯିବା ଆବଶ୍ୟକ । ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତି ବୀରଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା: ବାଚସ୍ପତି



ଭୁବନେଶ୍ୱର,୯ା୮ (ସମିସ): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ। ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି। ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କହିଛନ୍ତି।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି। ଏହି ଅବସରରେ ବାଚସ୍ପତି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭାଗିରଥ ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ପ୍ରାଣକୃଷ୍ଣ ପଡ଼ିଆରୀ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଚାର୍ଯ୍ୟ ହରିହର, ସଦାଶିବ ତ୍ରିପାଠୀ, ମା’ ରମାଦେବୀ, ସରଳା ଦେବୀ ପ୍ରମୁଖଙ୍କୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା। ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାକ୍ଷୀ ବାନ୍ଧିଥିଲେ। ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ୍ ଏବଂ କମିଶନରେଟ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା।

## ଡାକ୍ତର ଆସିଲେନି, ପ୍ରସବ କରାଇଲେ ନର୍ସ

# ନବଜାତକ ମୃତ୍ୟୁରୁ ତୀବ୍ର ଉତ୍ତେଜନା

### ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

ବଲାଙ୍ଗିର, ୯ା୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ନବଜାତକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିନା ଡାକ୍ତରଙ୍କ ଉପସ୍ଥିତିରେ ଦୁଇଜଣ ନର୍ସ ଗର୍ଭବତୀଙ୍କ ପ୍ରସବ କରିଥିଲେ। କିନ୍ତୁ ଜନ୍ମ ପରେ ଶିଶୁଟି କୌଣସି ପ୍ରକାର ପ୍ରତିକ୍ରିୟା ଦେଇନଥିଲା। ଫଳରେ ନର୍ସମାନେ ତରବରିଆ ଭାବେ ଉଭୟ ଶିଶୁ ଓ ମହିଳାଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୨୦କିମି ଦୂରରେ ଥିବା ଡାକ୍ତରଖାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ଡାକ୍ତରଖାନାରେ ଉଭୟ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରହିଥିବା ସତ୍ତ୍ୱେ ଏହିଭଳି ଘଟଣା ଡାକ୍ତରଖାନାରେ ରହିଥିବା ଦୋଷ ତ୍ରୁଟିକୁ ପଦାରେ ପକାଇଛି। କେବଳ ଏତିକି ନୁହେଁ, ସଂପୃକ୍ତ ମହିଳାଙ୍କୁ ଭର୍ତ୍ତି କରିବାଠାରୁ ଆରମ୍ଭ କରି ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ଜଣେ ବି ଡାକ୍ତର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ନଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା କୁମ୍ଭାରପଡ଼ାର ନବୀନ ରଣା ତାଙ୍କ ସ୍ତ୍ରୀଙ୍କୁ ଲୋଇସିଂହା ବ୍ଲକ୍ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ତ୍ରୀ ଗର୍ଭବତୀ ଥିବା ବେଳେ ନିୟମିତ ଡାକ୍ତରଙ୍କ ପରାମର୍ଶ ନେଇ ଯତ୍ନ କରିଥିଲେ। ସବୁକିଛି ଠିକ ଥିବା ବେଳେ ଶୁକ୍ରବାର ପ୍ରସବ ବେଦନା ହୋଇଥିଲା। ଫଳରେ ସେ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଭର୍ତ୍ତି କରିବା ପରେ ଅପରାହ୍ନରେ ଡ୍ୟୁଟିରେ ଥିବା ଦୁଇ ଜଣ ନର୍ସ ଆସି ତାଙ୍କୁ ଲେବର ରୁମ୍‌କୁ ନେଇଥିଲେ। ମହିଳାଙ୍କ ସହ ତାଙ୍କ ସମ୍ପର୍କୀୟ ମହିଳା ଓ ଆଶା କର୍ମୀ ମଧ୍ୟ ରହିଥିଲେ। ତେବେ ସଂପୃକ୍ତ ଦୁଇ ଜଣ ନର୍ସ ଡାକ୍ତରଙ୍କୁ ଅପେକ୍ଷା ନକରି ପ୍ରସବ ଆରମ୍ଭ କରି ଦେଇଥିଲେ। ପ୍ରସବ ସମୟରେ ଅଧାରେ ଶିଶୁ ଅଟକି ଯାଇଥିବାରୁ ବହୁ କଷ୍ଟରେ ଜବରଦସ୍ତି ଶିଶୁକୁ ଟାଣି ବାହାର କରିଥିଲେ। ଶିଶୁକୁ ବାହାର କରିବା ପରେ ସେ କୌଣସି ପ୍ରକାର ପ୍ରତିକ୍ରିୟା କରିନଥିଲା। ଫଳରେ ସଂପୃକ୍ତ ଦୁଇ ନର୍ସ ନିଜ ନିଜ ଭିତରେ ଆଲୋଚନା କରି ଶିଶୁକୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ଶିଶୁକୁ ସ୍ଥାନାନ୍ତର କରିବା ପାଇଁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ପ୍ରଥମେ ଆସିଥିବା ଆମ୍ବୁଲାନ୍ସରେ ଅକ୍ସିଜେନ୍ ବ୍ୟବସ୍ଥା ନଥିବାରୁ ଆଉ ଏକ ଆମ୍ବୁଲାନ୍ସକୁ ଅପେକ୍ଷା କରାଯାଇଥିଲା। ଏହାରି ଭିତରେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଭୀମଭୋଇ ମେଡିକାଲ ଡାକ୍ତରଖାନାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିବା ନବୀନ ଅଭିଯୋଗ କରିଛନ୍ତି। ଏହାସହ ସଂପୃକ୍ତ ଦୁଇ ନର୍ସ ହିଁ ତାଙ୍କ ଶିଶୁକୁ ମାରିଦେଇଥିବା ସେ ଅଭିଯୋଗ କରିଛନ୍ତି।

ତେବେ ଏଠି ପ୍ରଶ୍ନ ଉଠୁଛି, ବିନା ଡାକ୍ତରଙ୍କ ଉପସ୍ଥିତିରେ ପ୍ରସବ କରିବାକୁ ଦୁଇ ଜଣ ନର୍ସ ସାହସ କଲେ କେମିତି? ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର କୁଆଡ଼େ ଯାଇଥିଲେ। ଡାକ୍ତରଖାନାରେ ପ୍ରସୂତି ବିଭାଗ ଡାକ୍ତର ରହିଥିବା ସତ୍ତ୍ୱେ ଦୁଇଜଣ ନର୍ସଙ୍କ ଦ୍ୱାରା ପ୍ରସବ ହେବା କେତେ ଯୁକ୍ତିଯୁକ୍ତ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ନବୀନ ନିଜ ନବଜନ୍ମିତ ଶିଶୁକୁ ହରାଇବା ପଛରେ ଦାୟୀ କିଏ ? ଜନ୍ମ ହେବା ପରେ ଗୁରୁତର ଶିଶୁଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ନିୟୋଜିତ ଥିବା ଶିଶୁ ରୋଗ ବିଶେଷଜ୍ଞଙ୍କୁ ସୂଚନା ଦିଆଗଲା ନାହିଁ କାହିଁକି? ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ଏହି ଘଟଣାରେ ସଂପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଡାକ୍ତରଖାନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ଯଦି ଏହି ଡାକ୍ତରଖାନାରେ ଏହିଭଳି ଅବସ୍ଥା, ତେବେ ଜିଲ୍ଲାର ଅନ୍ୟ ଆଭ୍ୟନ୍ତରୀଣ ଡାକ୍ତରଖାନାଗୁଡ଼ିକର ଅବସ୍ଥା କେମିତି ଥିବ, ତାହା ଏଥିରୁ ସହଜରେ ଅନୁମେୟ। ଏନେଇ ମେଡିକାଲ ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହିଭଳି ହେବା କଥା ନୁହଁ। ଯଦି କିଛି ଏମିତି ହୋଇଛି, ଏହାର ଯାଞ୍ଚ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘର ଭୁଶୁଡ଼ି...

ଅଞ୍ଚଳରେ ପାଣି ଜମି ରହିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ଅନେକ ଅଣ୍ଡରପାସ ଅଞ୍ଚଳ ବୁଡ଼ି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବର୍ଷାପାଣି ଏକରୁ ଦୁଇ ଫୁଟ୍ ଉଚ୍ଚରେ ଚାଲୁଛି। ଫଳରେ ବିଭିନ୍ନ ରାସ୍ତା ଓ ସଡକରେ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଆଜି ଦିନ ତମାମ ଦିଲ୍ଲୀରେ ବର୍ଷା ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ରେଡ୍ ଆଲର୍ଟ ଜାରି କରାଯାଇଥିଲା। ବର୍ଷା ଯୋଗୁଁ ଯମୁନା ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଦିଲ୍ଲୀ ନିକଟରେ ଯମୁନା ବିପଦ ସଙ୍କେତର ନିକଟତର ହେଉଥିବାରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।

ଆଜି ବର୍ଷା ଯୋଗୁଁ ବିଶେଷ ଭାବେ ବିମାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଇନ୍ଦିରା ଗାନ୍ଧୀ ବାମାନବନ୍ଦରରେ ଆଜି ଅତିକମରେ ୩୦୦ରୁ ଅଧିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେଥିମଧ୍ୟରୁ ଶହେ ବିମାନ ବାତିଲ ହୋଇଥିବା ଜଣାପଡ଼ିଛି। ଏହି ବିମାନବନ୍ଦରରେ ଦୈନିକ ୧୩୦୦ରୁ ଅଧିକ ବିମାନ ଚଳାଚଳ କରୁଛି। ଫଳରେ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସେପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ବାଦଲଫଟା ବର୍ଷା ହୋଇଛି। ଫଳରେ ବନ୍ୟା ଆସିଛି। ଭୂସ୍ଖଳନ ଯୋଗୁଁ ଚଣ୍ଡିଗଡ଼- ମାନାଲି ରାଜପଥର ବନ୍ଦ ରହିଛି। ସେହିପରି ଉତ୍ତର ପ୍ରଦେଶରେ ମଧ ସପ୍ତାହ ସାରା ପ୍ରବଳ ବର୍ଷା ଜାରି ରହିଛି।

### ଦେଶକୁ ବର୍‌ବାଦ...

ଏପରି କରାଯାଇ ନାହିଁ। ଚୀନ୍ ସହ କିଛି ସମୟ ପାଇଁ ଶୁଳ୍କ ଯୁଦ୍ଧ ଚାଲିଥିଲା। ପରେ ଚୁକ୍ତି ହୋଇ ଯାଇଥିଲା। ହ୍ୱାଇଟ ହାଉସ୍‌ର ଶୁଳ୍କ ଏବଂ ଅନ୍ୟ ନୀତି ଯୋଗୁଁ ଭାରତ ଚୀନ୍ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛି। ବୋଲ୍ଟଙ୍କ ମତରେ, ଶତ୍ରୁ ଏବଂ ମିତ୍ର ଉପରେ ସମାନ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାର ସେହି ଭରସା ଏବଂ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଇଛି। ଏହାକୁ ବଜାୟ ରଖିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ଏହା ବଦଳରେ ବହୁତ ଆର୍ଥିକ ଲାଭ ମିଳିଛି, କିନ୍ତୁ ବଡ଼ କ୍ଷତି ହେବା ଆଶଙ୍କା ବୃଦ୍ଧି ପାଇଛି।

ସୂଚନାଯୋଗ୍ୟଯେ ବୋଲ୍ଟନ ଟ୍ରମ୍ପଙ୍କ ପୂର୍ବକାର୍ଯ୍ୟକାଳରେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଥିଲେ। ସେ ଗତ କିଛି ମାସ ହେଲା ଟ୍ରମ୍ପଙ୍କ ନୀତିକୁ ସମାଲୋଚନା କରି ଆସୁଛନ୍ତି। ସେହିପରି ଆମେରିକା ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପ୍ୟାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ଶୁଳ୍କ ଭାରତ-ଆମେରିକା ସମ୍ବନ୍ଧ ଉପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଆମେରିକାକୁ ଭାରତ ସନ୍ଦେହ ଦୃଷ୍ଟିରେ ଦେଖିବ ଏବଂ କେବେ ବି ଏହି ଶୁଳ୍କକୁ ଭୁଲିବ ନାହିଁ।

ଅନ୍ୟପକ୍ଷରେ ଟ୍ରମ୍ପ ଦାବି କରିଛନ୍ତି ଯେ ଶୁଳ୍କ ଯୋଗୁଁ ସେୟାର ବଜାରରେ ବଡ଼ ବୃଦ୍ଧି ଦେଖାଦେଇଛି। ପ୍ରତି ଦିନ ନୂଆ ରେକର୍ଡ ସୃଷ୍ଟି ହେଉଛି। ଏହାଦ୍ୱାରା ଶହ ଶହ ବିଲିୟନ ଡଲାର ସରକାରୀ ତହବିଲକୁ ଆସୁଛି।

### ‘ଉତ୍କଳ’ରେ ଅଧ୍ୟାପକ...

ଜଣେ ହେଲେ କେହି ଅଧ୍ୟାପକ ନାହାନ୍ତି। ଭାଗବାନ ଭରସାରେ ପାଠପଢ଼ା ଚାଲିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ସଚେତନ ହେବା ସହ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଖୁବ୍‌ଶୀଘ୍ର ଆଇନ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗରେ ଆବଶ୍ୟକ ଅତିଥି ଅଧ୍ୟାପକ ନିଯୁକ୍ତ କରାଯିବ।

### ରାଜ୍ୟବ୍ୟାପୀ ନକଲି...

ଅଣଦେଖାକୁ ସେମାନେ ସୁଯୋଗରେ ପରିଣତ କରି ଦେଇଛନ୍ତି।

ନକଲି ସାର ର୍‌ୟାକେଟ୍ ରୋକିବାକୁ ମାର୍କଫେଡ୍ ଅଧିକାରୀମାନେ ସଜାଗ ରହିଥିବା ସରକାର କହୁଥିବାବେଳେ ବାସ୍ତବରେ ଉପାନ୍ତ ଅଞ୍ଚଳରେ ଏହା ଶୂନ୍ ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ଚାଷୀମାନେ କଂପ୍ଲେକ୍ସ ସାରର ଅଧିକ ବ୍ୟବହାର କରୁଛନ୍ତି। ଏହି ସାର ଏବେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ମିଳୁନି। ଏହାର ଫାଇଦା ଏହି ଅସାଧୁ ବ୍ୟବସାୟୀମାନେ ଉଠାଉଛନ୍ତି। ଏହି ନକଲି ସାର ମାଟିରେ ଠିକ୍ ଭାବରେ ମିଶି ପାରୁ ନ ଥିବାବେଳେ କିଛି ସ୍ଥାନରେ ଟାଣ ହୋଇଯାଉଛି। ଫଳରେ ମୃତ୍ତିକାର ଉର୍ବରତା କମିବା ସହ ପ୍ରଦୂଷଣ ଭୟ ମଧ୍ୟ ବଢୁଛି। ନକଲି ସାର ଯୋଗୁଁ ଚାଷୀ ଖର୍ଚ୍ଚ କରି ମଧ୍ୟ ଏହାର ଲାଭ ପାଇପାରୁ ନାହିଁ। ନକଲି କମ୍ପାନିମାନେ ଡିଲରମାନଙ୍କୁ ବିଭିନ୍ନ ସ୍କିମ ଦେଇ ଆକର୍ଷିତ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ବିଭିନ୍ନ ଉପହାର ଓ ଆର୍ଥିକ ପ୍ୟାକେଜ୍ ଦେଉଥିବା ଯୋଗୁଁ ସେମାନଙ୍କ ଉପରେ ଚଢ଼ଉ ମଧ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ସରକାର ତୁରନ୍ତ ହସ୍ତକ୍ଷେପ କରି ମାର୍କଫେଡ୍ ଜରିଆରେ ଚଢ଼ଉ କଲେ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ଚାଷୀ ମହଲର ଦାବି ହେଉଛି।

ଉଲ୍ଲେଖଥାଉ କି, ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି। ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି। ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି। ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି। ମାତ୍ର ରାଜ୍ୟବ୍ୟାପୀ ସାରକୁ ନେଇ ଚାଷୀମାନେ ତିରୋଟାଭାବର ସାମ୍ନା କରୁଛନ୍ତି। ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି। ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି। ସେଇଠି ହିଁ ସେମାନେ ନକଲି ସାରର ଶିକାର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି।

### ହସ୍ପିଟାଲରେ ନର୍ସଙ୍କ...

ଓଭରଡୋଜ୍ ନିଦ ଇଞ୍ଜେକ୍ସନ ଦେଇଥିବା ସେଥିରେ ସେଥିରେ ଉଲ୍ଲେଖ କରିଛନ୍ତି। ଏହା ସହ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ କରିନଥିବା ଜଣାପଡ଼ିଛି। ‘ମମି ମିସ ୟୁ ମୋତେ ନୂଆ ଡ୍ରେସ ଦେବୁ ମୁଁ ସାଙ୍ଗରେ ନେବି’ ବୋଲି ସୁଇସାଇଡ୍ ନୋଟରେ ଲେଖିଛନ୍ତି। ସାନଭାଇ ଶ୍ରୀଧରକୁ ରକ୍ଷା ବନ୍ଧନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।

ଏମ୍‌ଏଲସି ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ନେଇ ପରିବାରଲୋକେ ଅଭିଯୋଗ କରିଛନ୍ତି। ତେବେ ପୁଲିସ ଅପମୃତ୍ୟୁ ମାମଲା ଆଧାରରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଘଟଣାର ତଦନ୍ତ କରାଯାଉଥିବା ବେଳେ ଅବଶ୍ୟକ ପଡ଼ିଲେ, ହତ୍ୟା ମାମଲା ରୁଜୁ କରାଯିବ ବୋଲି ପୁଲିସ କହିଛି।

### ଏମ୍‌ସରେ ଆଖି ବୁଜିଲେ...

ବିଭାଗର ଛାତ୍ର। ଗତ ମାସ ୧୩ ତାରିଖ ଦିନ କଳ୍ପନା ନର୍ସିଂ କଲେଜରୁ ମାର୍କେଟକୁ ଆସିଥିବା ବେଳେ ଅଚାନକ ସତ୍ୟଜିତ ଆସି କଳ୍ପନାଙ୍କୁ ମାରପିଟ୍ କରିଥିଲେ। ସ୍ଥାନୀୟ ପୁଲିସ ଏହି ଘଟଣା ଦେଖିବା ପରେ ଉଭୟଙ୍କୁ ଥାନାକୁ ନେଇଥିଲେ। ଖବର ପାଇ କଳ୍ପନାଙ୍କ ବାପା ଜୟପୁରରେ ପହଞ୍ଚିଥିଲେ। ପରେ କଳ୍ପନାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇଥଲା ପୁଲିସ। ପ୍ରାଥମିକ ଚିକିତ୍ସା ପରେ ଝିଅଙ୍କୁ ସେ ନିଜ ଘରକୁ ନେଇ ଆସିଥିଲେ। ୧୫ ତାରିଖ ଦିନ ସେ ଜୟପୁର ଯାଇ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏତଲା ପାଇବା ପରେ ସତ୍ୟଜିତକୁ ପୋଲିସ ଛାଡ଼ି ଦେଇଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଥିଲେ।

ସତ୍ୟଜିତ କଳ୍ପନାକୁ ଜୟପୁର ବଜାରରେ ମାଡ଼ ମାରିବା ସହ କିଛି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲା। ଏହା ଜାଣିବା ପରେ ଗତାସ ୧୭ ତାରିଖରେ କଳ୍ପନା ନିଜ ଘରେ ଥିବା ଘାସ ମରା ବିଷ ପିଇ ଦେଇଥିଲେ। ପରିବାର ଲୋକେ କଳ୍ପନାଙ୍କୁ ପ୍ରଥମେ ଉମରକୋଟ ପରେ ଛତିଶଗଡ଼ର କଣ୍ଡାଗାଁ ଏବଂ ସେଠାରୁ ରାୟପୁରକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମଏସ୍‌କୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି।

ଇତିମଧ୍ୟରେ ପରିବାର ଅଭିଯୋଗକୁ ଭିତ୍ତି କରି ପୁଲିସ ସତ୍ୟଜିତ ଏବଂ ଆଉ ଜଣେ ଯୁବକକୁ ଗିରଫ କରିଛି ।

## ‘ବ୍ରେନ୍‌ସ ଆଇକନିକ୍ ଟ୍ରଷ୍ଟ’ ଲୋକାର୍ପିତ

# ୫ ଆଦିବାସୀ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ



ଭୁବନେଶ୍ୱର,୯ା୮ (ସମିସ): ରାଜ୍ୟରେ ମହିଳା, ଛାତ୍ର ଓ ଶାରୀରିକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟ କରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ‘ବ୍ରେନ୍‌ସ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ’। ଏ ନେଇ ଶନିବାର ଗୀତଗୋବିନ୍ଦ ସଦନଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡ୍‌ମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ ରାଜ୍ୟରେ ଆଦିବାସୀ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଟ୍ରଷ୍ଟ ତା’ କାମ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

ବରିଷ୍ଠ ପ୍ରଶାସକ ଡ. ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବାରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଭଳି ଏକ ଉଦ୍ୟମ ପାଇଁ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଭୂୟାଁଙ୍କୁ ଧନ୍ୟବାଦ ଜଣାଇଥିଲେ। କହିଥିଲେ ଯେ ସମାଜରେ ଶିକ୍ଷା ଓ ଦକ୍ଷତାକୁ ମିଶାଇ ଯଦି ମାନବସମ୍ବଳର ସଠିକ୍ ଭାବେ ସଦୁପଯୋଗ କରିପାରିବା ତେବେ ସକ୍ଷମ ଓ ଭିନ୍ନକ୍ଷମ ଭିତରେ ଦୂରତା ରହିବ ନାହିଁ।

# ବଇଣ୍ଡାରେ ରହିବ ୪ଟି ଏକ୍ସପ୍ରେସ ଟ୍ରେନ୍

ବଇଣ୍ଡା, ୯ା୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନରେ ପୁରୀ-ଦୁର୍ଗ, ଦୁର୍ଗ-ପୁରୀ, ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ହେବ। ଏନେଇ ରେଳ ବିଭାଗ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଚିଠି ନମ୍ବର ୨୦୯/୨୦୨୫ ଜରିଆରେ ଏ ନେଇ ଅବଗତ କରାଯାଇଛି। ଏହି ଟ୍ରେନଗୁଡ଼ିକ ବଇଣ୍ଡା ଷ୍ଟେସନ ଦେଇ ଯାଉଥିଲେ ମଧ୍ୟ ଏଠାରେ ରହଣି କରୁନାହିଁ। କାରୋନା ପୂର୍ବରୁ ଏହି ବଇଣ୍ଡାରେ ରହୁଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ରହୁନଥିଲା। ଏହି ଷ୍ଟେସନ ମାସକୁ ୬ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଦେଉଥିବା ବେଳେ ୧୪ଟି ଟ୍ରେନ ରହୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଏନେଇ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖରୁ ବଇଣ୍ଡାଠାରେ ପ୍ରତ୍ୟେକ ଦିନ ଯାଉଥିବା ପୁରୀ-ଦୁର୍ଗ, ଦୁର୍ଗ-ପୁରୀ ଏକ୍ସପ୍ରେସ ଓ ସାପ୍ତାହିକ ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପରେ ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

**AFFIDAVIT**

I, Pooja Sudhakar Bhosale W/o Amar Bharat Gaikwad, Resident of Flat No-A 602, NBCC Imperia, New Government Colony, PS-Mancheswar, Bhubaneswar, Dist - Khordha, Odisha - 751005, declare by this affidavit No.1526 dtd 08.08.2025 that now onwards I shall be known as **POOJA AMAR GAIKWAD** for all future purposes.

**AFFIDAVIT**

I, Sonya Ray W/o Satyajit Ray, Resident of Chunabhati, OMP Square, PO - College Square, PS-Chauliaganj, Dist-Cuttack, Odisha-753003, declare by this affidavit No.7585 dtd 07.08.2025 that now onwards I shall be known as **SONYA LEANNE RAY** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, No. 1530, dated- 01/08/2025, I **Muna Panda,** S/o- Bhaskar Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare that I have changed my daughter's name from **Priyanka Priyadarsni Panda to Priyanka Priyadarshani Panda.** Henceforth, my daughter shall be known as **Priyanka Priyadarshani Panda** for all purposes.
**Sd/- Muna Panda**

**AFFIDAVIT**

I, Rakesh Kuanar, S/o- Late Rajib Kuanr, resident of Plot No. LB-68, Stage-I, B.D.A. Colony, Laxmisagar, Near Laxmisagar Sub Post Office, P.S.- Laxmisagar, Bhubaneswar, Dist- Khordha, Pin-751006, Odisha declare by this affidavit No. 65, dated 21.06.2025 that now onwards I shall be known as **RAKESH KUANR** for all future purposes.

**AFFIDAVIT**

I, Nisha Pritwani, age about 43 years, W/o- Jeeten Shivani, resident of Plot No. 61, Bhagabanpur Industrial Estate, PO- Patrapada, PS-Tamando, Bhubaneswar, District-Khordha, PIN-751019, Odisha declared by this affidavit No. 105, dated- 08.08.2025 that now onwards I shall be known as **BHAVIKA SHIVANI** for all future purposes.

**AFFIDAVIT**

I, Parida Biswajit Sanjay, S/o- Sanjaya Kumar Parida, resident of Vill.- Kabisuryanagar (Trinath Nagar), Po./Ps.- Kabisuryanagar, Dist.- Ganjam declare by this affidavit No.384 dtd.- 08/08/2025 that now onwards I shall be known as **BISWAJIT SANJAYA PARIDA** for all future purposes.

**AFFIDAVIT**

By virtue of Affidavit No 21 dated 06.08.25 (15AA 346860)before the Executive Magistrate, Bhubaneswar, I, Kala Pattnaik, W/o Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar affirm that, my correct name is 'Kala Pattnaik', but wrongly recorded as 'Kala Das Mohapatra' in my husband's passport no Y7008524. That, I and 'Kala Das Mohapatra' is one and same person i.e. myself and I have signed as 'Kala Pattnaik' for all purposes and records. This affidavit is required to be produced before the Regional Passport Office, Bhubaneswar for correcting my name as 'Kala Pattnaik' in my husband's passport.

**AFFIDAVIT**

I, Shipra Mandal, H/o- Shivanarayan Mohanty, resident of At-Bankasahi, Po-Bhadrak, Odisha, Pin Code-756100 declared by the affidavit No-9448, dated-09/11/2017 that I shall be known as **SHIPRA RAY** for all future purposes.

**AFFIDAVIT**

By virtue of an affidavit Sl. No.2, dtd.06.08.2025 before the Notary Public, Nuapada, I, Sukanti Mallik of Lachhipur, Po- Sargadi, Dist.- Nuapada have changed my name from Jaksan Mallik to Sukanti Mallik. Henceforth I shall be known as Sukanti Mallik for all purposes.
**Sd/- Sukanti Mallik**

**AFFIDAVIT**

By virtue of an affidavit No- 119 sworn before the Executive Magistrate, Deogarh on dtd-15/05/2025, I **Renubala Naik,** aged 36 years, W/o- Late Bijay Kumar Behera, resident of At/Po-Ballam, Ps- Deogarh, Dist- Deogarh, Odisha I have changed my name from Renubala Behera (old name) to Renubala Naik (new name). My real name is Renubala Naik which is mentioned in my Aadhar bearing no- 6864 1308 5058, My Pass book bearing account no- 5278945822. Henceforth, both the names Renubala Behera and Renubala Naik is one & same person she will be known as Renubala Naik for all future purposes.

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj, dated 08.08.2025, I, Santosh Kumar Behera, At- Bardangua, PO/PS-Khunta, Dist- Mayurbhanj, PIN-757019 declare that I have changed the name of my Son from RONAK KUMAR BEHERA to RANAK KUMAR BEHERA. Henceforth, he shall be known as RANAK KUMAR BEHERA for all purposes.
**Santosh Kumar Behera**

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 07-08-2025 I, Pani Hembram, Address AT-Kudiakhunta, PO- Ranibandh, PS- Khunta, Dist- Mayurbhanj, PIN-757026 declare that I have changed the name of my daughter from Sara Hembram to Sumati Hembram. Henceforth, she shall be known as Sumati Hembram for all purposes.
**Pani Hembram**

**LOST**

**I, Mrs. Moutusi Ghosh,** aged about 35 years, W/o.: Rajkumar Ghosh, residing At: Sri Ram Bazar, PO.: Dadhibamanpur, 42 Mouza, PS: Bentkar, Dist.: Cuttack-754112, do hereby solemnly affirm that I have purchased property at Khata No.: 263/717, Plot No.: 1860/3745, measuring an Area: A0.056 dec., Situated at Mouza: Dadhibamanpur from Durjyadhan Behera and Ramesh Chandra Behera, Both are sons of Late Mahendra Behera vide Regd. Sale Deed document No.: 10392402223, dtd.15.03.2024 before the learned registering Authority, Cuttack. That, at the time of execution of the above mentioned sale deed the said Durjyadhan Behera had served me the Original Regd. Sale Deed vide document No.:10391606004, dtd.14.12.2016, which was purchased from Ashok Kumar Das & others as well as original ROR in respect of Khata No.: 263/717 at Mouza: Dadhibamanpur, in the name of Durjyadhan Behera and Ramesh Chandra Behera. That, when I have gone through to Cuttack from Sri Ram Bazar the above mentioned original Regd. Sale deed vide document No.:10391606004, dtd.14.12.2016, as well as Original ROR have been misplaced somewhere on 10.07.2025 after best efforts I unable to trace out the same. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that. If any one found the above deed, is in possession or have any claim on the same please contact Advocate **Mr. Santosh Behera, Mob No.: 9937180725** within **7 days** of this publication. If no claim received during this period the validity of above mentioned original deeds is null and void.

## ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ ପାଳିତ

# 'ସମ୍ବିଧାନ ବଞ୍ଚିଲେ ଆଦିବାସୀ ବଞ୍ଚିବେ'


ନନ୍ଦପୁର


ସେମିଳିଗୁଡ଼ା


ଜୟପୁର


ପଟାଙ୍ଗୀ


ବୈପାରୀଗୁଡ଼ା


ପୋଡ଼ାଗଡ଼

ନନ୍ଦପୁର, ୯।୮ (ସମିସ): ବିଶ୍ୱ ଆଦିବାସୀ ଦିବସ ମହାଆଡ଼ମ୍ବର ଓ ଆନନ୍ଦ ଉଲ୍ଲାସରେ ନନ୍ଦପୁର ସଦର ମହକୁମାରେ ପାଳିତ ହୋଇଯାଇଛି। ସହିଦ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚ ସଭାପତି ଭଗବାନ ପେଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶ୍ୱ ଆଦିବାସୀ ଦିବସରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ବିଧାୟକ ଦଳୀୟ ନେତା ତଥା ବିଧାୟକ ରାମଚନ୍ଦ୍ର କାଡାମ ଯୋଗଦେଇ ଆଦିବାସୀମାନଙ୍କର ଶିକ୍ଷା, ଉନ୍ନତି ଓ ଜୀବିକା ଉପରେ ଗୁରୁତ୍ୱ ଦେବା ସହ କୋରାପୁଟ ଜିଲ୍ଲାରେ ସମ୍ପୂର୍ଣ୍ଣ ପେସା ଆଇନ ଲାଗୁ କରିବାକୁ ଦାବି କରିବା ସହ ସମ୍ବିଧାନ ବଞ୍ଚିଲେ ଆଦିବାସୀ ବଞ୍ଚିବେ ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରଥମେ ବିରାଟ ଶୋଭାଯାତ୍ରାରେ ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସଭାସ୍ଥଳକୁ ପହଞ୍ଚି ସଭାକାର୍ଯ୍ୟ ଆରମ୍ଭ କରିବା ସହ ଆଦିବାସୀ ଏକତା ଉପରେ ଆଲୋଚନା ଦୃଢ଼ୀଭୂତ ହୋଇଥିଲା। ସେପଟେ ସଂଘର ସଭାପତି ଭଗବାନ ପେଟିଆ ବାର୍ଷିକ ବିବରଣୀ ପାଠକରି ଆଦିବାସୀଙ୍କୁ ଭାଗ ଭାଗ କରିବାକୁ ଯେଉଁ ପ୍ରୟାସ ଚାଲିଛି ସେଥିରେ କିଏ ମଧ୍ୟ କର୍ଣ୍ଣପାତ ନ କରି ଆଦିବାସୀମାନଙ୍କ ଏକତା ଉପରେ ସଂଗଠିତ ହେବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ପ୍ରୋଜେକ୍ଟ ଲିଡ଼ର ଧନୁର୍ଜୟ ମୁଦୁଲି, ଜଗରାମ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ରେଲିସାସା, ବାଲଡ଼ା ସରପଞ୍ଚ ବିକ୍ରମ ସାସା, କାର୍ତ୍ତିକ ଖେମୁଡୁ, ନାକାଟୁର ହଂଶା ସମେତ ସହସ୍ରାଧିକ ଆଦିବାସୀ ନେତା, ସମାଜସେବୀ ଯୋଗ ଦେଇଥିବା ବେଳେ ପରେ ସଂଘ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ଆଦିବାସୀ ନେତା ଆକାଶ ଖିଲ ଓ ଉପସଭାପତି ପ୍ରଭାତ ଗୁରୁ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ କେଶବ ଖରା ଧନ୍ୟବାଦ ଅର୍ପଣ କରିଥିଲେ।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲା ସେମିଳିଗୁଡ଼ାଠାରେ ଶନିବାର ବିଶ୍ୱ ଆଦିବାସୀ ଦିବସ ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡ଼ା ଆଦିବାସୀ ମିଳିତ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ସ୍ଥାନୀୟ ଭେଣ୍ଟିକୋନ୍ଠାରୁ ପଦଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। କଂଗ୍ରେସ ବିଧାୟକ ଦଳ ନେତା ତଥା ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗଦେଇଥିଲେ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀ ପୋଷାକ ପରିଧାନ କରି ବାଦ୍ୟଯନ୍ତ୍ରର ତାଳେତାଳେ ଢେମ୍ସା ନାଚି ନାଚି ବ୍ଲକ୍ କାର୍ଯ୍ୟାଳୟ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସେମିଳିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ୍ୟ ଅର୍ପଣ କରିଥିଲେ। ଏହି ଦିବସରେ ସମ୍ପାଦକ ରାଜୁଅଲଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ବିଶ୍ୱନାଥ ଦିଶାରୀ, ବିଜୟ ଓଡ଼ିଙ୍ଗ, ଦାନେଶ ଖରା, ସୁନ୍ଦର ଜାନି, ଅଶୋକ ଗମେଲ, ଦାନୁ ଗୁଣ୍ଡା, ରମେଶ ଜାନି, ରବି ସଡ଼ାପେଲି, ଡମ୍ବୁ ଗୁଣ୍ଡା, ପ୍ରେମଦୟା ଦିଶାରୀ, ଧନପତି ଓଡ଼ିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଜୟପୁର :** ଜୟପୁରଠାରେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟର ପୁରୁଷ ଓ ମହିଳାମାନେ ନିଜ ନିଜ ପାରମ୍ପରିକ ପୋଷାକ ପରିଧାନ କରିବା ସହ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ୧୦ ଦଫା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ କୋରାପୁଟ ଜିଲ୍ଲାରେ ସ୍ଥାନୀୟ ବାସିନ୍ଦାଙ୍କୁ ଜିଲ୍ଲାଭିତ୍ତିକ ନିଯୁକ୍ତି, ବିଶ୍ୱ ଆଦିବାସୀ ଏବଂ ଚଇତି ପରବକୁ ସରକାରୀ ଛୁଟି ଘୋଷଣା, କେବିକେ ରାଜ୍ୟ ଗଠନକୁ ସମର୍ଥନ, ଜାତିଭିତ୍ତିକ ଭାଷା ମାଧ୍ୟମରେ ଶିକ୍ଷକ ନିଯୁକ୍ତି, ଆଦିବାସୀ ଜମିକୁ ସରକାରୀ ଏବଂ ବ୍ୟାଙ୍କ ବନ୍ଧକ ଋଣ ପ୍ରଦାନ କରିବା, ଆଦିବାସୀ ସମାଜ ସ୍ୱୀକୃତ ଅନୁଯାୟୀ ଜାତି ପ୍ରମାଣପତ୍ର, ନକଲି ଆଦିବାସୀ ଯଥାଶୀଘ୍ର ଚିହ୍ନଟ, ଆଇଟିଡିଏ ବିଭିନ୍ନ ଯୋଜନାରେ ଆଦିବାସୀମାନଙ୍କୁ ଅଧ୍ୟକ୍ଷ ଏବଂ ଉନ୍ନତିମୂଳକ କାର୍ଯ୍ୟ ଆଦିବାସୀ ଲୋକଙ୍କ ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନବେଳେ ସଂଘର ସଭାପତି ଜିତେନ୍ଦ୍ର ନାୟକ, ଉପସଭାପତି ଆନନ୍ଦ ହାଲବା, ସହସମ୍ପାଦକ ଭଗବାନ କେନ୍ଦୁ, ସହସମ୍ପାଦକ ନବୀନ ଜାନି, କୋଷାଧ୍ୟକ୍ଷ ଟଙ୍କଧର ହାଲବା, ସହକୋଷାଧ୍ୟକ୍ଷ ଶଶିଭୂଷଣ ସୌରା, ଉପଦେଷ୍ଟା ଦିନୁ ହିକକା, ତ୍ରିନାଥ ମୁଦୁଲି, କୃଷ୍ଣ ଚନ୍ଦ୍ର ନାୟକ, ଭଦ୍ର ପୂଜାରୀ, ବାସୁ ନାୟକ, ଧନୁର୍ଜୟ ଗାଦବା, ରାମଚନ୍ଦ୍ର ନାୟକ, କମଳ ନନ୍ଦବାଲି ପ୍ରମୁଖ ଉପସ୍ଥିତ ଥିଲେ।

**ପଟାଙ୍ଗି :** କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟାଙ୍ଗି ବ୍ଲକ୍‌ର ମିନି ଷ୍ଟାଡିୟମ୍‌ଠାରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶୁକ୍ରା ଖରା, ଅନ୍ୟତମ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲ ପ୍ରମୁଖ ଉପସ୍ଥିତ ଥିଲେ। ମିନି ଷ୍ଟାଡିୟମ୍‌ଠାରେ ସହିଦ ଲକ୍ଷ୍ମଣ ନାୟକ, ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଏବଂ ସମ୍ବିଧାନ ନିର୍ମାତା ଡ. ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ପ୍ରାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ପଟାଙ୍ଗି ସରପଞ୍ଚ ଆଲମେ ଫୁଲ, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଡା, ନୂଆଗାଁ ସରପଞ୍ଚ ସୁବାସ ଖରା, ପୁକାଲି ସରପଞ୍ଚ ତ୍ରିପତୀ ସାରା, ପୂର୍ବତନ ସରପଞ୍ଚ ଭଗବାନ ଖରା, ଗଙ୍ଗରାଜପୁର୍ ସମିତିସଭ୍ୟା ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ବିମଳା ପାଙ୍ଗି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ସମାଜସେବୀ ଗୋବିନ୍ଦ ଖରା, ସମ୍ବାଇ ପୂର୍ବତନ ସରପଞ୍ଚ ପିଲକ ଗୁଣ୍ଡା, ସମାଜସେବୀ ନାଗେଶ ହନ୍ତାଳ, ରଞ୍ଜିତ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପଟାଙ୍ଗି ବ୍ଲକ୍ ମାଳିପୁଟ ପଞ୍ଚାୟତ ଅନ୍ତର୍ଗତ ସିପାଇପୁଟ ଗ୍ରାମରେ କମାର ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କମାର ସମାଜର ସଭାପତି ଭଗବାନ ଗୋଲରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିପାଇପୁଟ ଗ୍ରାମର ଛକ ନିକଟରେ ବିଭିନ୍ନ ପ୍ରକାରର ବୃକ୍ଷ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ମାନ୍ୟତା ପାଇଥିବା ଦୋରାଘର ସଭାପତି ବୈଦ୍ୟନାଥ ଗେମେଲ ଏବଂ ଜଗତରାୟ ଖରା, ସୋମୁଲୁ ପାତ୍ର, ଜଗନ୍ନାଥ ଗେମେଲ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କମାର ସମାଜର ବ୍ଲକ୍ ସଭାପତି କୃଷ୍ଣ ଗୋଲରୀ, ଜିଲ୍ଲା ସହସମ୍ପାଦକ ସରୋଜ କୁମାର ଗୋଲରୀ ପ୍ରମୁଖ ଉପସ୍ଥିତ ଥିଲେ।

**ବୈପାରୀଗୁଡ଼ା :** ବୈପାରୀଗୁଡ଼ାଠାରେ ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିମେଶ୍ୱର ମନ୍ଦିରରୁ ଆଦିବାସୀ ନାଚଗୀତରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ ସଙ୍ଘର କର୍ମକର୍ତ୍ତା। ଶହଶହ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ଏଥିରେ ଅଂଶଗ୍ରହଣ କରିଥିବାବେଳେ ବିଶେଷକରି ଦୁରୁଆ ଆଦିବାସୀ ଜନଜାତି ଏବଂ ଭୂମିଆ, ପରଜା, ଗାଦବା, କନ୍ଧ ସମ୍ପ୍ରଦାୟ ଲୋକେ ଏଥିରେ ସାମିଲ୍ ହୋଇଥିଲେ। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ସହିଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଧନପତି ନାୟକ, ନାରାୟଣ କଦମଗୁଡ଼ିଆ, ଜଗା ମାଝୀ, ଲଛମନ ପରଜା, ପ୍ରଭୁନନ୍ଦ ଜାନୀ, ମୋହନ ଶ୍ରୀକର୍ଲିଆ, ଜଗନ୍ନାଥ ନାୟକ, କୁଶ ବାଲିଆ, ସନୁ ମାସାଦୀ, ଗଙ୍ଗାଧର ମସିଆଙ୍କ ସହ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇଥିଲେ।

**ପୋଡ଼ାଗଡ଼ :** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ରେ ଧୁମ୍‌ଧାମରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ଆଦିବାସୀ ସଂଘ ସଭାପତି ରାଜେନ୍ଦ୍ର ହୁଇକାଙ୍କ ନେତୃତ୍ୱରେ ଏହି ଦିବସ ପାଳନ କରାଯାଇଥିଲା। ପ୍ରଥମେ ବାଣୁଆଗୁଡ଼ା ଗାଁ ନିଶାଣି ମୁଣ୍ଡା ଦେବୀ ପୀଠରେ ପୂଜାର୍ଚ୍ଚନା କରି ଆଦିବାସୀ ବାଦ୍ୟନୃତ୍ୟରେ ମଶାଲ ଶୋଭାଯାତ୍ରାରେ ବାହାରିଥିଲେ। ଖଣି ପାଣି ଜଙ୍ଗଲ ଆମର ଅଧିକାର, ଆମର ହକ୍ ଆମକୁ ଦିଅ ସରକାର ବୋଲି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସାଇ କଲ୍ୟାଣ ମଣ୍ଡପଠାରେ ଆଦିବାସୀମାନଙ୍କୁ ନେଇ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଦିବାସୀମାନଙ୍କ ବିକାଶ ପାଇଁ ସରକାରଙ୍କଠାରେ ଦାବି କରିବା ଲାଗି ମଞ୍ଚାସୀନ ଅତିଥିମାନେ କହିଥିଲେ। ସମସ୍ତେ ହାତକୁ ହାତ ମିଳାଇ ଆଦିବାସୀ ଏକତା ହେବା ଦରକାର। ଆମର ଏକତା ନ ଥିବାରୁ ଆମ ହକ୍ ପାଇପାରୁ ନାହେଁ। ବର୍ତ୍ତମାନ ଯୁଗରେ ଆମ ଆଦିବାସୀମାନେ ମଧ୍ୟ ଆମ ପରମ୍ପରାକୁ ଭୁଲିଗଲେଣି ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କନ୍ହେଇ ଜାନୀ, ଆନନ୍ଦ ସାଉନ୍ତା ଗାଦିଆଗୁଡ଼ା, ସରପଞ୍ଚ ଆନନ୍ଦ ନାୟକ, ଦଶରଥ ମୁଦୁଲି, ମନୋହର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା, ଆଦିବାସୀ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ମୁଦୁଲି, ବଳରାମ ଜାନୀ, ଭଗବାନ ଜାନୀଙ୍କ ସମେତ ୧୬ଟି ପଞ୍ଚାୟତର ସମସ୍ତ ଜନପ୍ରତିନିଧି ଏବଂ ବହୁ ଆଦିବାସୀ ବ୍ୟକ୍ତି ଉପସ୍ଥିତ ଥିଲେ।

**କୋଷାଗୁମୁଡ଼ା :** ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ୍ ସଦର ମହକୁମାସ୍ଥିତ ଜାହାଜଭୋଟା ପଡ଼ିଆରେ ଜିଲ୍ଲାସ୍ତରୀୟ ବାର୍ଷିକ ଆଦିବାସୀ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୧୧ଟି ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ଏକତ୍ରିତ ହୋଇ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଆଦିବାସୀ ସମ୍ପ୍ରଦାୟର ପ୍ରତ୍ୟେକ ଜାତିର ବ୍ଲକ୍ ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ତଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ସହିତ ୭ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ସମସ୍ତେ ପ୍ରଥମେ ରାଜଚଉଁରିଆ ମନ୍ଦିରଠାରେ ପୂଜାର୍ଚ୍ଚନା କରିଥିଲେ। ୧୧ଟି ଜାତି ରୁଣ୍ଡ ହେବା ପରେ ଏକ ବିରାଟ ଶୋଭାଯାତ୍ରାରେ ବ୍ଲକ୍ କାର୍ଯ୍ୟାଳୟ ହୋଇ ଜାହାଜଭଟା ବିଦ୍ୟାଳୟ ନିକଟ ପଡ଼ିଆରେ ପହଞ୍ଚିଥିଲେ। ପାରମ୍ପରିକ ବେଶରେ ସମସ୍ତେ ସଜେଇ ହୋଇ ପାରମ୍ପରିକ ବାଜାର ତାଳେ ତାଳେ ନାଚିଗାଇ ମଞ୍ଚ ନିକଟରେ ପହଞ୍ଚିବା ପରେ ପ୍ରଥମେ ଦେବଦେବୀଙ୍କ ପୂଜାର୍ଚ୍ଚନା ସାରି ପତାକା ଉତ୍ତୋଳନ କରିଥିଲେ। ପରେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ମଞ୍ଚାସିନ ଅତିଥିମାନଙ୍କ ମଧ୍ୟରେ ବ୍ଲକ୍ ଚେୟାରମ୍ୟାନ୍ ସର୍ବେଶ୍ୱରୀ ମାଝୀ, ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ହରିବନ୍ଧୁ ମାଝୀ, ମଧୁସୂଦନ ଭତ୍ରା, ଦାମୋଦର ପୂଜାରୀ, ରୋମାଞ୍ଚ ନାୟକ, ଯୋଗେନ୍ଦ୍ର ନାୟକ, କାମଦେବ ଭତ୍ରା, ପ୍ରସାଦ ମାଝୀ, ପର୍ଶୁରାମ ଭତ୍ରା, ବାଳକ ଦାସ ରନ୍ଧାରୀ, ବୋଲିଭଦ୍ର ଭତ୍ରା, ସୁନାଧର ଭତ୍ରା, ଛବି ରନ୍ଧାରୀ, କୁସିଆ ମାଝୀ, ପ୍ରେମଚାନ୍ଦ ଭତ୍ରା, ଜିଲ୍ଲା ପରିଷଦ କ୍ଷୀରୋଦ ନାୟକ ମଞ୍ଚାସୀନ ଥିଲେ। ସମସ୍ତେ ଆଦିବାସୀଙ୍କ ଅଧିକାର ଓ ସୁରକ୍ଷା ଉପରେ ନିଜ ନିଜ ଅଭିଭାଷଣ ରଖିବା ସହିତ ଆଦିବାସୀ ପରମ୍ପରା, ସଂସ୍କୃତି ତଥା ଆଞ୍ଚଳିକ ପର୍ବପର୍ବାଣୀକୁ ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ। ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ଭାବେ ସରକାରୀ ଛୁଟି ଘୋଷଣା କରାଯିବା ସହିତ ଆଦିବାସୀମାନଙ୍କ ପ୍ରମୁଖ ପର୍ବପର୍ବାଣୀଗୁଡ଼ିକ ସରକାରୀସ୍ତରରେ ଛୁଟି ଘୋଷଣା କରାଯାଉ ବୋଲି ସମସ୍ତ ମଞ୍ଚାସିନ ଅତିଥି ଦାବି କରିଥିଲେ।

**କୋରାପୁଟ :** କୋରାପୁଟସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ) ପରିସରରେ ଏଫ୍‌ଇଏସ୍, ଇନ୍‌ଟାକ୍ ଓ କୋଟସର ମିଳିତ ଉଦ୍ୟମରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। କୋଟସ୍ ନିର୍ଦ୍ଦେଶକ ପ୍ର. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ର. ମାଗୁଣି ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ର. ଜଗବନ୍ଧୁ ସାମଲ, ସମ୍ମାନିତ ଅତିଥି, ଯୀଶୁଦାନ ଦିଶାରୀ ଅନ୍ୟତମ ସମ୍ମାନିତ ଅତିଥି ଓ ଏଫ୍‌ଇଏସ୍ ଅନୁଷ୍ଠାନର ମୁଖ୍ୟ ପ୍ରଦୀପ କୁମାର ମିଶ୍ର ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ପ୍ର. ବେହେରା ବିଶ୍ୱ ଆଦିବାସୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଜଗବନ୍ଧୁ ସାମଲ ଆଦିବାସୀ ସଂସ୍କୃତିରେ ରହିଥିବା ମୂଲ୍ୟବୋଧଭିତ୍ତିକ ମହନୀୟ ଗୁଣାବଳୀ ବିଷୟରେ ଆଲୋକପାତ କରିଥିଲେ। ଯୀଶୁଦାନ ଦିଶାରୀ ପ୍ରକୃତି ଓ ସଂସ୍କୃତିକୁ ନେଇ ଆଦିବାସୀର ଜୀବନଜୀବିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ କୁମାର ମିଶ୍ର ଜଳ, ଜମି ଓ ଜଙ୍ଗଲ ଅଧିକାର କ୍ଷେତ୍ରରେ ଏଫ୍‌ଇଏସ୍‌ର ସଫଳ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଗବେଷକ ଡ. ରାଜେନ୍ଦ୍ର ପାତ୍ରୀ ଆଦିବାସୀଙ୍କ ପାରମ୍ପରିକ ଜ୍ଞାନକୌଶଳ ଓ ଅଧିକାର ସୁରକ୍ଷା ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। ଏହି ସଭାରେ ସନ୍ତୋଷ କୁମାର ପଣ୍ଡା ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦିବାସୀଙ୍କ ସଂସ୍କୃତି ଓ ଦେଶୀୟ ଜ୍ଞାନ କୌଶଳ ସବୁକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ମେଧା (ଇଓ) ମାଧ୍ୟମରେ ସଂରକ୍ଷଣ କରିବା ଉପରେ ନିଜର ମତ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ବାନୁ ବିହାରି ହନ୍ତାଳଙ୍କ ସମେତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ନାରାୟଣ ପଣ୍ଡା, ରବି ଶତପଥି, ଶିବପ୍ରସାଦ ଗନ୍ତାୟତ, ଡ. ଅଶୋକ କୁମାର ନନ୍ଦଙ୍କ ସମେତ କୋଟସର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଏମ୍‌ଏ ପାଠ୍ୟକ୍ରମର ଛାତ୍ରଛାତ୍ରୀ, ଏଫ୍‌ଇଏସ୍ ଓ ଇନ୍‌ଟାକ୍ କୋରାପୁଟର ସଭ୍ୟସଭ୍ୟା ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଚନ୍ଦ୍ରପୁର :** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍‌ର ନୋଡାଲ ହାଇସ୍କୁଲ ଖେଳପଡ଼ିଆଠାରେ ଶନିବାର ବ୍ଲକ୍‌ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ସମାରୋହ ପାଳିତ ହୋଇଯାଇଛି। ବ୍ଲକ୍ ଆଦିବାସୀ କମିଟି ସଭାପତି ବିଜୟ ଉଲାକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଉପସ୍ଥିତ ରହି ଆଦିବାସୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଏବଂ ଆଦିବାସୀ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହ ଡାଙ୍ଗସୋରଡ଼ା, ବୁଡୁବାଲି, ଚନ୍ଦ୍ରପୁର, ନେହୁରୁପଙ୍ଗା, ଏସ୍‌ଏସ୍‌ଡି ବିଦ୍ୟାଳୟର ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା କରିଥିବା ଯୋଗୁଁ ପ୍ରମାଣ ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆଦର୍ଶ ଶିକ୍ଷକ ଭାବେ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ, କୃଷି ଶିକ୍ଷକ ପ୍ରଦୀପ ଚୌଧୁରୀ, ରାଜୁପାଲ୍ ଓ ଚନ୍ଦ୍ରପୁର ପିଓ ଆଶୁତୋଷ ପାଣିଗ୍ରାହୀଙ୍କୁ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବ୍ଲକ୍ ବିଇଓ ଗଣେଶ ଶବର, ଅଧ୍ୟକ୍ଷ କଇଁନ କିମ୍ବାକା, ସାମାଜିକ କର୍ମୀ ଭାବେ ଭୀମ ଗୋଗେରେଙ୍ଗା, ବିଜୟ ଉଲାକା, ସରପଞ୍ଚ ଫକିର ଗୁମିଡଟାଙ୍ଗା, ହାଡ଼ିବନ୍ଧୁ ବ୍ରେକବେଡ଼ା, ସାହେବ ବ୍ରେକବେଡ଼ାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କଇନ କିମ୍ବାକା, ସମ୍ମାନିତ ଅତିଥି ଭାବେ ବୁଡ଼ିବାଲି ସରପଞ୍ଚ ଭୀମଗୋଗେରେଙ୍ଗା, ରଞ୍ଜିତା ବ୍ରେକବେଡ଼ାଙ୍କ ସମେତ ଶତାଧିକ ଆଦିବାସୀ ଯୁବକଯୁବତୀ ଉପସ୍ଥିତ ଥିଲେ। ଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।


କୋଷାଗୁମୁଡ଼ା


କୋରାପୁଟ


ଚନ୍ଦ୍ରପୁର

## ମୁଖ୍ୟମନ୍ତ୍ରୀଙ୍କ ସଭାକାର୍ଯ୍ୟ ପାଇଁ ଅଖାପାଖ ଗ୍ରାମବାସୀ ହନ୍ତସନ୍ତ

ଜୟପୁର, ୯।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ନିକଟସ୍ଥ ବାଙ୍କବିଜ ରେଳ ଷ୍ଟେସନ ନିକଟସ୍ଥ ପଡ଼ିଆଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଭିନ୍ନ ଗ୍ରାମାଞ୍ଚଳର ମହିଳା ଓ ପୁରୁଷ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବସ୍ ଯୋଗେ ଆସିଥିଲେ। ଫଳରେ ଜୟପୁର ରେଳ ଷ୍ଟେସନ ରାସ୍ତା ଅଣଓସାରିଆ ରହିଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଏହିପରି ପୁଲିସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଗାଗନାପୁର- ପେପର ମିଲ୍ ରାସ୍ତା ଦେଇ ସଭାସ୍ଥଳୀକୁ ଯିବାର କାର୍ଯ୍ୟକ୍ରମ ରହିଥିବା ଯୋଗୁଁ ଉକ୍ତ ରାସ୍ତାକୁ ସାଧାରଣ ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଫଳରେ କାଳିଗାଁ, ବଡ଼ଜିଉନ, ଏକମ୍ବା, ଧନୁପୁର ପ୍ରଭୃତି ଗ୍ରାମକୁ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଫଳରେ ସାଧାରଣ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖିନ ହୋଇଥିଲେ।

ଏହିପରି ଶନିବାର ରକ୍ଷାବନ୍ଧନ ସହ ପାରମ୍ପରିକ କୃଷିଭିତ୍ତିକ ହଳଧୂଆ ପୂଜାର୍ଚ୍ଚନା ରହିଥିଲା। କିନ୍ତୁ ରାସ୍ତା ବନ୍ଦ ଏବଂ ଟ୍ରାଫିକ୍ ସମସ୍ୟା ଯୋଗୁଁ ଗ୍ରାମବାସୀମାନେ ସହରକୁ ଏବଂ ଆଖପାଖ ଗ୍ରାମର ବାସିନ୍ଦା ଯାତାୟାତ କରି ନ ପାରି ଅସନ୍ତୋଷ ପ୍ରକଟ କରିଥିଲେ। ଏହିପରି ଗ୍ରାମବାସୀମାନେ ଅସନ୍ତୋଷବ୍ୟକ୍ତ କରିବା ସହ ସିଧାସଳଖ ଯାତାୟାତ ବଦଳରେ ୫ରୁ ୧୦ କିଲୋମିଟର ବୁଲି ବୁଲି ଯାତାୟାତ କରିଥିବାର ଦେଖିବାକୁ ମିଳିଥିଲା। ଜୟପୁର ସହରର ପାରାବେଡ଼ା ଅଞ୍ଚଳରେ ମୁଖ୍ୟମନ୍ତ୍ରୀଙ୍କ ଦୁଇଟି କାର୍ଯ୍ୟକ୍ରମ ରହିଥିବା ଯୋଗୁଁ ପାରାବେଡ଼ା ଛକଠାରେ ପୁଲିସ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଯାତାୟାତ ଉପରେ କଟକଣା କରିଥିଲେ। ଫଳରେ ଶ୍ରୀରାମ ନଗର, ସନ୍ତୋଷୀ ମା' ନଗର ଏବଂ ଅରବିନ୍ଦ ନଗର ଅଞ୍ଚଳର ବାସିନ୍ଦା ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଭାଷଣବେଳେ ସିଟ୍ ଖାଲିକଲେ ଲୋକେ



ଜୟପୁର, ୯।୮ (ସମିସ): ଜୟପୁରଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ତୃତୀୟ କିସ୍ତି ବଣ୍ଟନରେ ପ୍ରଥମେ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନଙ୍କ ଭାଷଣ ଦେବା ପରେ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଷଣ ଦେବା ଆରମ୍ଭ କରିଥିଲେ। ଏହିପରି ସୁଭଦ୍ରା ଯୋଜନାର ସଫଳତା ଏବଂ ରାଜ୍ୟ ଓ କୋରାପୁଟ ଜିଲ୍ଲାର ବିଭିନ୍ନ ବିକାଶ ଯୋଜନା ଉପରେ ନିଜ ଭାଷଣ ମାଧ୍ୟମରେ ଆଲୋକପାତ କରିଥିଲେ। ସମୁଦାୟ ୪୦ ମିନିଟ୍ ଭାଷଣବେଳେ ବିଜେପି କର୍ମୀଙ୍କ ସମେତ ସାଧାରଣ ଲୋକମାନେ ଉଠି ବାହାରକୁ ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଏହିପରି ମୁଖ୍ୟମନ୍ତ୍ରୀ ଜୟ ସୁଭଦ୍ରା ଯୋଜନାର ସ୍ଲୋଗାନବେଳେ ସଭାସ୍ଥଳୀରେ ପାଲଟା ଉକରା କମିବାରୁ ଭୋକ ଲାଗିବା ଯୋଗୁଁ ଲୋକମାନେ ସ୍ଲୋଗାନ କମିଯାଇଥିବା ନେଇ କହିଥିଲେ। ଏହିପରି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟବେଳେ ଭିଆଇପି ସିଟ୍‌ରେ ବସିଥିବା ବିଜେପି କର୍ମୀମାନେ ମଧ୍ୟ ନିଜ ସିଟ୍ ଛାଡ଼ି ବାହାରକୁ ବାହାରିଥିଲେ।

## ତାରାଙ୍କ ଜୟ ଜଗନ୍ନାଥ ଓ ବିଜେପି କର୍ମୀଙ୍କ ଜୟଶ୍ରୀ ରାମ ସ୍ଲୋଗାନ ପ୍ରତିଯୋଗିତା

ଜୟପୁର, ୯।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁରଠାରେ ସୁଭଦ୍ରା ଯୋଜନା ତୃତୀୟ କିସ୍ତି ପ୍ରଦାନ ଶୁଭାରମ୍ଭ ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ମଞ୍ଚରେ ଉପସ୍ଥିତ ଥିଲେ। ଏହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ତାଙ୍କ ଭାଷଣ ଆରମ୍ଭ କରିବା ମାତ୍ରେ ଜୟ ଜଗନ୍ନାଥ ସ୍ଲୋଗାନ ଦେଇଥିଲେ। ଏହିପରି ମାଇକ୍‌ରେ ଜୟ ଜଗନ୍ନାଥ ସ୍ଲୋଗାନ ଶୁଣିବା ପରେ ବୈଠକସ୍ଥଳରେ ଭିଆଇପି ସିଟ୍‌ରେ ବସିଥିବା ଭାରତୀୟ ଜନତା ପାର୍ଟିର କର୍ମୀମାନେ ଜୟ ଶ୍ରୀରାମ ସ୍ଲୋଗାନ ଦେଇଥିଲେ। ଏହିପରି ବିଧାୟକ ଶ୍ରୀ ବାହିନୀପତି ପୁଣି ଜୟ ଗନ୍ନାଥ ସ୍ଲୋଗାନ ଦେଇଥିବାବେଳେ ପାଲଟା ତାଙ୍କୁ କାଉଣ୍ଟର ଦେଇ ବିଜେପି କର୍ମୀମାନେ ମିଳିତ ଭାବେ ଜୟଶ୍ରୀରାମ ନାରା ଦେଇଥିଲେ। ଏହି ପରିସ୍ଥିତି ଦେଖି ଶେଷରେ ବିଧାୟକ ଶ୍ରୀ ବାହିନୀପତି ତାଙ୍କ ଭାଷଣ ଆରମ୍ଭ କରିଥିଲେ। କିନ୍ତୁ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତାଙ୍କ ବକ୍ତବ୍ୟ ଶେଷ କରିବାବେଳେ ଜୟଜଗନ୍ନାଥ କହି ଶେଷ କରିଥିଲେ। ଅନ୍ୟପକ୍ଷରେ ଉପସ୍ଥିତ ସାଧାରଣ ଲୋକମାନେ ପଛ ସିଟ୍‌ରେ ବସିଥିଲେ ସୁଦ୍ଧା ବିଧାୟକ ଶ୍ରୀ ବାହିନୀପତିଙ୍କ ଜୟ ଜଗନ୍ନାଥ ସ୍ଲୋଗାନ ଶୁଣି ଜୟ ଜଗନ୍ନାଥ ସ୍ଲୋଗାନ ଦେଇଥିଲେ। ଏହିପରି ବୈଠକସ୍ଥଳରେ ଜୟ ଜଗନ୍ନାଥ ଏବଂ ଜୟ ଶ୍ରୀରାମ ସ୍ଲୋଗାନ ନେଇ କିଛି ସମୟ ପାଇଁ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା।

# କଳିଙ୍ଗ ସାହିତ୍ୟ ଘର ତରଫରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ



ଗୁଣୁପୁର, ୯।୮ (ସମିସ): ଗୁଣୁପୁର କଳିଙ୍ଗ ସାହିତ୍ୟ ଘର ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆବାହକ ଶକ୍ତି ଦାଶଙ୍କ ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ଘର ସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଗୁଣୁପୁର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଜଗନ୍ନାଥ ଦୀପ, ମୁଖ୍ୟବକ୍ତା ଭାବେ ଶତାୟୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା ଯୋଗଦେଇଥିଲେ। ସାହିତ୍ୟ ଘର ସମ୍ପାଦକ ଅନନ୍ତ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଦୀପ ନିଜ ଅଭିଭାଷଣରେ ଗଙ୍ଗାଧରଙ୍କ ଜୀବନୀ, କୃତୀ, ସାଧନା ଉପରେ ବକ୍ତବ୍ୟ ରଖିବା ସହ କାବ୍ୟ ସାହିତ୍ୟରେ ବିରାଟ ପରିବର୍ତ୍ତନର ବ୍ୟକ୍ତିତ୍ୱ ଗଙ୍ଗାଧର ଥିଲେ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ବରିହା ଗଙ୍ଗାଧରଙ୍କ ଅବଦାନ, ଚାଷ, ଚାଷୀ ଓ କୃଷି ପ୍ରତି ଗଙ୍ଗାଧରଙ୍କ କୃତୀ ସବୁକୁ ମନେ ପକାଇଥିଲେ। କବୟିତ୍ରୀ ରଜନୀରାଣୀ ମିଶ୍ର କବିତାରେ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିବାବେଳେ କ୍ରିଷ୍ଟ ପ୍ରସାଦ ଦାସ ଜର୍ମାନରେ ଗଙ୍ଗାଧରଙ୍କ କୃତୀ କିପରି ଅଛି ତାହା ଉପସ୍ଥାପନା କରିଥିଲେ। ସଭାପତି ଶ୍ରୀ ମଲ୍ଲିକ ଗଙ୍ଗାଧରଙ୍କ ଜୀବନୀ, ସାହିତ୍ୟରେ ସମାଜ ପ୍ରତି ଭଲ ପାଇବା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ କଳିଙ୍ଗ ସାହିତ୍ୟ ଘରର ଉପସଭାପତି ଇନ୍ଦ୍ରାକ୍ଷୀ ଦାସ ସଂଯୋଜନା କରିବା ସହ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ସାହିତ୍ୟ ଘରର ସଂଗଠନ ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଣ୍ଡା, ସଦସ୍ୟ ସୂର୍ଯ୍ୟ ପଟ୍ଟନାୟକ, ରଞ୍ଜିତ୍ ପାଢ଼ୀ ଓରଫ ଟୁଟୁ ପାଢ଼ୀ, ସନ୍ତୋଷ କୁମ୍ଭାର, ସୀମାଞ୍ଚଳ ଗୌଡ଼, ରାମ କୁମ୍ଭାର, ସମାଜସେବୀ ଆମରାପୁ ବିଶ୍ୱନାଥ ସେଠୀ, ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନୀଲ ସାହୁକାର ଓ ଦେବୀ ପ୍ରସାଦ ମିଶ୍ର, ଯୁବ ସାମ୍ବାଦିକ ସନ୍ତୋଷ କୁମାର ଗୁରୁ, ଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀଙ୍କ ସମେତ ବହୁ କବି କବୟିତ୍ରୀ ଯୋଗଦେଇଥିଲେ। ଶେଷରେ ଅତିଥି ବୃନ୍ଦଙ୍କୁ ସମ୍ମାନିତ କରିବା ସହ ଏଥି ନିମନ୍ତେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବିଶ୍ୱ ଆଦିବାସୀ ଦିବସ ସମାରୋହ

# ଏକାଠି ହେଲେ ହଜାର ହଜାର ଆଦିବାସୀ




ବିଷମ କଟକ, ୯।୮ (ସମିସ): ବିଶ୍ୱ ଆଦିବାସୀ ସମାରୋହ ଅଗଷ୍ଟ ୯ ତାରିଖକୁ କନ୍ଧକୂଳ ଉନ୍ନୟନ ପରିଷଦ ମହାଆଡ଼ମ୍ବରରେ ପାଳନ କରିଛନ୍ତି। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ସଦର ମହକୁମାର କନ୍ଧକୂଳ ଉନ୍ନୟନ ପରିଷଦ ତରଫରୁ ବିଶ୍ୱ ଆଦିବାସୀ ଦିବସ ମହାଆଡ଼ମ୍ବରରେ ପାଳନ କରାଯାଇଛି। ବିଷମ କଟକ ବ୍ଲକ୍ ସମେତ ୨୧ଟି ପଞ୍ଚାୟତରେ ରହିଥିବା କୋଣ ଅନୁକୋଣର ସମସ୍ତ ଆଦିବାସୀ ସମ୍ପ୍ରଦାୟର ହଜାର ହଜାର ପରିବାର ଏକାଠି ହୋଇଛନ୍ତି। ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ସମସ୍ତ ଆଦିବାସୀ ସମ୍ପ୍ରଦାୟ ପରିବାର ଏକାଠି ହୋଇ ବେଶ୍ ଧୂମଧାମରେ ବିଶ୍ୱ ଆଦିବାସୀ ଦିବସ ପାଳନ କରିଛନ୍ତି। ଶନିବାର ସକାଳୁ ସକାଳୁ ବିଷମ କଟକ ସ୍ଥାନୀୟ ମା' ମାର୍କମା ମନ୍ଦିର ପରିସରରେ ହଜାର ହଜାର ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷ ଏକାଠି ହେବାପରେ ଏକ ବିରାଟ ପଟୁଆରରେ ସହର ପରିକ୍ରମା କରିଥିଲେ। ପାରମ୍ପରିକ ବାଜା ବାଜଣା, ନାଚଗୀତ ସହ ବାଣ ଫୁଟାଇ ସହର ପରିକ୍ରମା କରିଥିଲେ। ଏହା ପରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ ଆୟୋଜିତ ସାଧାରଣ ସଭାସ୍ଥଳରେ ପହଞ୍ଚିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ବିଧାୟକ ନୀଳମାଧବ ହିକକା ମଞ୍ଚାସୀନ ଥିବାବେଳେ ବିଏସ୍‌ପି ଜିଲ୍ଲା ସଭାପତି ଜିତୁ ଜାକାସିକା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ଆଦିବାସୀ ସଂଘ ସଭାପତି ଅଙ୍ଗଦ କୁଟ୍ରୁକା, ସମ୍ପାଦକ ଜୟରାମ ଉଲାକା, ଉପଦେଷ୍ଟା ବେଣୁଧର ଚୌଧୁରୀ, ରାମଚନ୍ଦ୍ର ନିଶିକା, ଜଳନ୍ଧର ପୁଶିକା, ୱାଲ୍‌ସା ୱାଡକା, ଭବାନୀ ଶଙ୍କର କୁଟ୍ରୁକା, ସୁରେଶ ୱାଡକା, ଅଜିତ ସାରକା, ଭରତ ହିକାବାଡ଼ି ଅଭିକଳକା, ଶ୍ରୀପତି ଉଲ୍ଲାକା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ଜୟରାମ ହିକକା ଏବଂ ଗୌତମ ଉଲ୍ଲାକା ପରିଚାଳନା କରିଥିଲେ। ଏହି ସଧାରଣ ସଭାରେ ଆଦିବାସୀଙ୍କ ଜଙ୍ଗଲ, ଜମି, ଜଳ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ଦିନକୁ ଦିନ ଜଙ୍ଗଲ ଲୋପ୍ ପାଉଥିବାରୁ ବାତାବରଣ ଉପରେ ବେଶ୍ ପ୍ରଭାବ ପଡୁଥିବାରୁ ଜଙ୍ଗଲରେ ଥିବା ଗଛକୁ ସୁରକ୍ଷା ରଖିବା ପାଇଁ ଆଲୋଚନା ମାଧ୍ୟମରେ ସଚେତନ କରାଯାଇଥିଲା। ଆଦିବାସୀ ସମାଜକୁ କିପରି ସୁରକ୍ଷା ରଖିବା। ଅଭାବ ଅନାଟନରେ ଥିବା ଆଦିବାସୀଙ୍କୁ ସାହାଯ୍ୟ ସହଯୋଗ କରିବା ଏବଂ ତା' ସାଙ୍ଗକୁ ଆଦିବାସୀ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ କେମିତି ଆଗେଇ ଯିବେ ତା' ସହ ଆଦିବାସୀ ସମାଜରେ ଗୌରବ ଅର୍ଜନ କରିବେ ତାକୁ ନେଇ ଛାତ୍ରଛାତ୍ରୀଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ଶେଷରେ ମଞ୍ଚ ଉପରେ ଆଦିବାସୀ ଯୁବକ ଯୁବତୀମାନେ ସେମାନଙ୍କ କଳା ସଂସ୍କୃତି ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ।

# ନାବାଳକ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା, ୯।୮ (ସମିସ): ରାୟଗଡ଼ାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଶ୍ରମିକ ହେଲେ ଶେଷଖାଲ ଥାନା ଅନ୍ତର୍ଗତ ଟୁରୀହଂସା ଗ୍ରାମର ୧୭ ବର୍ଷୀୟ ଚିଣ୍ଟୁ ମାଣ୍ଡାଙ୍ଗି। ଗତ ୧ ମାସ ତଳେ ଆନ୍ଧ୍ରପ୍ରଦେଶ ଯାଇଥିଲେ ଦାଦାନ ଖଟିବାକୁ। ଦେହ ଅସୁସ୍ଥ ହେବାରୁ ଘରକୁ ଆସି ଘରୁ ଚିକିତ୍ସା ପାଇଁ ଜେମାଦେଇପେଣ୍ଟ ଡାକ୍ତରଖାନା ଯାଉଥିବା ସମୟରେ ବାଟରେ ମୃତ୍ୟୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶେଷଖାଲ ଥାନା ଅନ୍ତର୍ଗତ ଠୁରିହଂସା ଗ୍ରାମର ଚିଣ୍ଟୁ ନିଜ ପରିବାର ପ୍ରତିପୋଷଣ ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ଜ୍ୱର ହେବାରୁ ଶୁକ୍ରବାର ନିଜ ଘରକୁ ଫେରିଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସାଙ୍ଗମାନେ ଜେମାଦେଇପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଘରେ ବାପା ସମାରାଓ ମାଣ୍ଡାଙ୍ଗିଙ୍କ ସହିତ ଦୁଇଜଣ ସାନ ଭଉଣୀ ଅଛନ୍ତି। ମାଆ ୪ ବର୍ଷ ତଳୁ ନିଜ ପିଲାଙ୍କୁ ଛାଡ଼ି କୁଆଡ଼େ ପଳାଇଯାଇଥିବା ବେଳେ ବାପା କିଛି କାମ ନ କରି ଘରେ ରୁହନ୍ତି। ମାଆ ଛାଡ଼ିଗଲା ପରେ ଘର ଚଳିବା କଷ୍ଟକର ହୋଇପଡ଼ିବାରୁ ନିଜ ଦୁଇ ସାନ ଭଉଣୀଙ୍କୁ ପାଠ ପଢ଼ାଇବା ପାଇଁ ନିଜେ ପାଠ ଛାଡ଼ି ବାହାରକୁ କାମ ପାଇଁ ବାହାରି ଯାଇଥିଲେ ଚିଣ୍ଟୁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଅଣାଯାଇଥିବା ଜଣାପଡ଼ିଛି।

## ବିକଳ୍ପ ଅନୁଷ୍ଠାନ ତରଫରୁ ବୃକ୍ଷରୋପଣ

# ବାଲ୍ୟ ବିବାହ, ଗୁଣିଗାରେଡ଼ି ଓ ନାରୀ ସୁରକ୍ଷା ସଚେତନତା ଶିବିର



ରାୟଗଡ଼ା, ୯।୮ (ସମିସ): ବିକଳ୍ପ ଅନୁଷ୍ଠାନ ତରଫରୁ ବାଇସିଙ୍ଗ ଗ୍ରାମ ପଞ୍ଚାୟତର ଜୁରୁଡ଼ି ଗ୍ରାମଦାଣ୍ଡରେ ଏକ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ ନିରୋଧ ତଥା ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଜୁରୁଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ନିଜର ସୁରକ୍ଷା, ସମତା, ଚରିତ୍ର ଗଠନ ଏବଂ ନାରୀଙ୍କୁ ଦୁଷ୍କର୍ମ, ନିର୍ଯାତନା ଓ ଶୋଷଣରୁ ମୁକ୍ତି ସହ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଦି ବିଷୟରେ ସଚେତନ କରାଯାଇଥିଲା। ଶେଷରେ ବିକଳ୍ପ ପକ୍ଷରୁ ଗ୍ରାମବାସୀଙ୍କୁ ଅମ୍ବ, ଲେମ୍ବୁ, ମୁନିଗା, ଅମୃତଭଣ୍ଡା, ପିଜୁଳି, ସୀତାଫଳ ଆଦି ଫଳଗଛ ଚାରା ବଣ୍ଟନ ଓ ବୃକ୍ଷରୋପଣ କରାଯାଇଥିଲା। ସଚେତନତା ଶିବିରରେ ବିକଳ୍ପର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ଜଗଦୀଶଚନ୍ଦ୍ର ଦୋରା, ସଦସ୍ୟ ଡ. ପ୍ରଶନ୍ନ କୁମାର ଗନ୍ତାୟତ, ଶଶିଭୂଷଣ ପଟ୍ଟନାୟକ, କୃଷ୍ଣପ୍ରୀୟା ସାହାଣୀ, ତ୍ରିବେଣୀ ମିଶ୍ର, ରାଜେନ୍ଦ୍ର ସାହୁ, ଡ. ବିପିନ ବିହାରୀ ବିଶ୍ୱାଳ, ମନ୍ମଥ ତୁଳ, କୁମୁଦ ଚନ୍ଦ୍ର ସାମନ୍ତରାୟ, ନୀଳାଞ୍ଚଳ ମିଶ୍ର, ବାବୁଲାଲ ଗନ୍ତାୟତ, ରବି ଶତପଥି ଆଦି ବିକଳ୍ପର ସକ୍ରୀୟ ସଦସ୍ୟ, ବାଇସିଙ୍ଗି ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ବିଜୟ ନାୟକ, ୱାର୍ଡ ସଭ୍ୟା କମ୍ବୁରୁ ସିରିକା ପ୍ରମୁଖ ଉପସ୍ଥିତ ରହି ନିଜର ସଚେତନତାମୂଳକ ବକ୍ତବ୍ୟ ରଖିଥିଲେ। ଗ୍ରାମବାସୀ ସମସ୍ତ ସଦସ୍ୟଙ୍କୁ ସାଦରେ ସ୍ୱାଗତ କରିଥିଲେ ଓ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବାଇସିଙ୍ଗି ସରପଞ୍ଚ ବିରିମା ମାଝୀ ତାଡ଼ିଙ୍ଗିଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ଉକ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସୁବାରାଓ, ବାଚେଲି, ଉମେଶ ହୁଇକା, ପ୍ରଣତି ହିମିରିକା, ମମତା ପ୍ରଧାନ, ସୁବାସ ବିଡିକା ଓ ଚିରଙ୍ଗିନୀ ନାୟକ ତଥା ଗ୍ରାମବାସୀ ସେନ୍ତା ଦେବୀ, ପ୍ରଦୀପ ତାଡିଙ୍ଗି ଓ ଗୌରୀ ସିରିକା ପ୍ରମୁଖ ଶିବିର ଆୟୋଜନ ଓ ବୃକ୍ଷରୋପଣରେ ସହଯୋଗ କରିଥିଲେ। ଶେଷରେ ନୀଳାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍କୁର ଫାଉଣ୍ଡେସନ ତରଫରୁ ରକ୍ଷା ବନ୍ଧନ



ରାୟଗଡ଼ା, ୯।୮ (ସମିସ): ଅଙ୍କୁର ଫାଉଣ୍ଡେସନ ତରଫରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ପୋଷ୍ୟ ଗ୍ରାମ ଅଡ଼ପତିଗୁଡ଼ା ଓ ନୂଆକୁଶଠାରେ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ଗଛ ଲଗାଇବା ପରେ ତାହାର ଯତ୍ନ ନେବା ପାଇଁ ଗ୍ରାମର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମିଶି ଗଛକୁ ଭାଇ ରୂପରେ ଗ୍ରହଣ କରି ରାକ୍ଷୀ ବାନ୍ଧିଥିଲେ ଓ ଗଛର ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ପରିବେଶ ସୁରକ୍ଷା ଦିଗରେ ସଚେତନତା ଆଣିବା ସହ ଆମର ସଂସ୍କୃତି ଓ ପର୍ବପର୍ବାଣୀ ପାଳନ ପାଇଁ ପ୍ରତିବର୍ଷ ଅଙ୍କୁର ଫାଉଣ୍ଡେସନ ତାହାର ପ୍ରୟାସ ଜାରି ରଖିଛି ବୋଲି ମ୍ୟାନେଜିଂ ଡାଇରେକ୍ଟର ଚିନ୍ମୟୀ ପଣ୍ଡା ପ୍ରକାଶ କରିଛନ୍ତି। ଏହିଭଳି କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଅଙ୍କୁର ଫାଉଣ୍ଡେସନ ଏହିଭଳି କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ୱାକର୍ସ କ୍ଲବ୍ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ରାୟଗଡ଼ା, ୯।୮ (ସମିସ): ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ୱାକର୍ସ କ୍ଲବ୍ ରାୟଗଡ଼ା ଆନୁକୂଲ୍ୟରେ ରାୟଗଡ଼ା ପୌରାଞ୍ଚଳ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ର ଆକାଶ ରଞ୍ଜନ ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟରେ ଅର୍ପିତା ପଣ୍ଡା, ତୃତୀୟରେ ଏମ୍. ଦର୍ଶନୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୀକ୍ଷିତା ଭାଲ୍ ସଙ୍ଗୀତରେ ଆକାଶ ରଞ୍ଜନ ପାଢ଼ୀ ପୁରସ୍କୃତ ହୋଇଥିଲେ। ସେହିପରି ପ୍ରତିଯୋଗିତାରେ ବିଚାରକ ଭାବରେ ଡ. ଦୁଷ୍ମନ୍ତ ମହାନ୍ତି, ଟି. ଜୟରାମ, ସୁବାସ ଚନ୍ଦ୍ର ରଥ, ଜଗଦୀଶ ଚନ୍ଦ୍ର ଦୋରା, ବାବୁ ରାଓ ମହାନ୍ତି ପ୍ରମୁଖ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ରାଜେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋପାଳ ଜୈନ ଓ ମନ୍ମଥ ତୁଳ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ କ୍ଲବ୍ ବରିଷ୍ଠ ସଦସ୍ୟମାନେ ପୁରସ୍କାର ବିତରଣ କରିଥିଲେ।

# ଭାରତୀୟ ମଜଦୁର ସଂଘ ଚାରାରୋପଣ କାର୍ଯ୍ୟକ୍ରମ

ରାୟଗଡ଼ା/କୋଲନରା, ୯।୮ (ସମିସ): ଭାରତୀୟ ମଜଦୁର ସଂଘ ପକ୍ଷରୁ ରାୟଗଡ଼ା ବ୍ଲକ ଅନ୍ତର୍ଗତ ଅମଲାଭଟା ଛକ ସ୍ଥିତ ଶିବ ମନ୍ଦିର ପଡିଆ ଚାରି ପାଶ୍ୱର୍ରେ ଏବଂ ହନୁମାନ ମନ୍ଦିର ପରିସରରେ ଔଷଧୀୟ ଚାରାରୋପଣ କରାଯାଇଥିଲା। ଭାରତୀୟ ମଜଦୁର ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ୍ ଏବଂ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଅମଲାଭଟା ହନୁମାନ ମନ୍ଦିରର ପି ରମେଶ ବାବୁ, ସଭାପତି ଜି ଚିନାମ ନାଇଡୁ, ସମ୍ପାଦକ, ଲାଲୁ ଭାଇ ଯୋଗ ଦେଇ ଔଷଧୀୟ ଚାରା ରୋପଣ କରିଥିଲେ। ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମକୁ ଭାରତୀୟ ମଜଦୂର ସଂଘର ଜିଲ୍ଲା କୋଷାଧ୍ୟକ୍ଷ ଉଷାରାଣୀ ଦାଶ, ନେହା ସିଂ, କାମିନୀ କାରୁଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ, ପର୍ଯ୍ୟାବରଣ ମଞ୍ଚ, ବିଶ୍ୱକର୍ମା ମଜଦୁର ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବିଶ୍ୱ ଆଦିବାସୀ ଦିବସରେ ସାଗବାରୀରେ ଗଣସମାବେଶ



ରାୟଗଡ଼ା, ୯।୮ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସୁଙ୍ଗର ଗ୍ରାମ ପଞ୍ଚାୟତର ସାଗବାରୀଠାରେ ଥିବା ସିଜିମାଳି ଅଞ୍ଚଳରେ ବିଶ୍ୱ ଆଦିବାସୀ ଦିବସ ଅବସରରେ ସଭା ଓ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ମା', ମାଟି ମାଳି ସୁରକ୍ଷା ମଞ୍ଚ ଆହ୍ୱାନରେ ସହସ୍ରାଧିକ ଆଦିବାସୀ ଓ ଦଳିତ ଅଧିବାସୀ ସାଗବାରୀର ପୋଡ୍ ବନ୍ଧା ଘାଟିରେ ବିଶ୍ୱ ଆଦିବାସୀ ଦିବସ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଲିଙ୍ଗରାଜ ଆଜାଦ, ସନାତନ ପ୍ରଧାନ, ସୁରେଶ ସଂଗ୍ରାମ, କଲ୍ୟାଣ ଆନନ୍ଦ ସମେତ ଆଦିବାସୀ ନେତା ଜୟରାମ ପାଙ୍ଗୀ, ବିଭୀଷଣ ମାଝୀ, ଆଇନଜୀବୀ ଉତ୍ତମ ମାଝୀ, ସତ୍ୟ ମାହାର, ସାନୁ ମାଝୀ, ୟୁଟ୍ୟୁବର୍ ବୁଲୁ ମୁଦୁଲି ଓ ଅନ୍ୟମାନେ ଏହି ସଭାରେ ଯୋଗଦେଇଥିଲେ। ଜୟରାମ ପାଙ୍ଗି 'ଆଗେ ମାଟି ତା'ପରେ ପାର୍ଟି' ବୋଲି ଲୋକଙ୍କ ସହ ଲଢ଼େଇରେ ରହିବାର କଥା ଦେଇଥିଲେ। ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରେ ସଂଗଠନ ପକ୍ଷରୁ ସୁବାସିଂ ମାଝୀ, ଉଲାଙ୍ଗ ଦେଇ ମାଝୀ, ପାର୍ବତୀ ମାଝୀ, ମୁନିଦେଇ ମାଝୀ, ଦୟା ନାଏକ, ସାନୁ ମାଝୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଆମ ସଂକଳ୍ପ ନିଶା ନୁହେଁ; ଜୀବନ ଅଭିଯାନ

ରାୟଗଡ଼ା, ୯।୮ (ସମିସ): ଓଡିଶା ସରକାରଙ୍କ ଅବକାରୀ ବିଭାଗ ରାୟଗଡ଼ା, ଜିଲ୍ଲା ତରଫରୁ ଆମ ସଂକଳ୍ପ ନିଶା ନୁହେଁ, ଜୀବନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଶୁକ୍ରବାର ସ୍ଥାନୀୟ ରାୟଗଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାୟଗଡା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିବା ବେଳେ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା ରେଞ୍ଜ ଅବକାରୀ ଥାନା ନିରୀକ୍ଷକ ସତ୍ୟ ନାରାୟଣ ଦାଶ, ଓଆଇସି ସଂଜୟ କୁମାର ପ୍ରଧାନ, ଏଏସଆଇ ରାଶି ନାୟକଙ୍କ ସମେତ ଅନ୍ୟ ଅବକାରୀ ପୁ ଲିସ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ପ୍ରତିଯୋଗିତା ଶେଷ ହେବା ପରେ କୃତି ଛାତ୍ରଛାତ୍ରୀଙ୍କୁ ଆସନ୍ତା ଅଗଷ୍ଟ ୧୫, ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ଅବକାରୀ ଅଧୀକ୍ଷକ ଶ୍ରୀ ଧଳସାମନ୍ତ ସୂଚନା ଦେଇଛନ୍ତି।

## ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ

# ଜିଲ୍ଲାରେ ନୂତନ ୭୬୬ ମହିଳାଙ୍କୁ ମିଳିଲା ଟଙ୍କା



ରାୟଗଡ଼ା, ୯।୮ (ସମିସ): ଶନିବାର ପବିତ୍ର ରକ୍ଷା ବନ୍ଧନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟର ଜୟପୁରରୁ ସିଧା ପ୍ରସାରଣ ମାଧ୍ୟମରେ ରାଜ୍ୟର ୧କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରିଛନ୍ତି। ମହିଳାମାନଙ୍କୁ ଆତ୍ମନିର୍ଭର ଓ ସଶକ୍ତ କରିବା ଉଦ୍ଦେଶ୍ୟରେ ୫୦୦୦ ଟଙ୍କା ପ୍ରଦାନ କରିଛନ୍ତି। ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଚନ୍ଦ୍ରକାନ୍ତ ମାଝୀ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାୟଗଡ଼ା ବିଜୟ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତି ଦେଓ, ସହକାରୀ ବନ ସଂରକ୍ଷକ ଅଶୋକ ପ୍ରଧାନ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ବେହେରା, ପ୍ରୋଗ୍ରାମ ଅଫିସର ଶୈଳଜା ଦାଶ, ସୁରକ୍ଷା ଅଧିକାରୀ ପ୍ରତିମା ରାଣୀ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଭଉଣୀମାନେ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧି ଭାଇ-ଭଉଣୀ ସମ୍ପର୍କ ନିବିଡ଼ ବନ୍ଧନକୁ ସଦୃଢ଼ ଉଜ୍ଜୀବିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ଜଣ ମହିଳାଙ୍କୁ ୫ହଜାର ଟଙ୍କାର ନମୁନା ସଦୃଶ ଚେକ୍ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ତୃତୀୟ କିସ୍ତିର ସୁଇଚ୍ ଟିପି ଶୁଭାରମ୍ଭ କରିବା ମାତ୍ରେ ୨ ଲକ୍ଷ ୨୮ ହଜାର ୩୯ ପୂର୍ବରୁ ପାଉଥିବା ଏବଂ ନୂତନ ଭାବରେ ୭୬୬ ଜଣ ମହିଳାଙ୍କ ବ୍ୟାଙ୍କ ଖାତାକୁ ଡେବିଟି ମାଧ୍ୟମରେ ସିଧାସଳଖ ଜମା ହୋଇଯାଇଛି। ଏଥିରେ ସମାଜସେବୀ ରଜତ ମାଦଳା, ଓର୍‌ମାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲ୍ଲା ସାମଜ କଲ୍ୟାଣ ବିଭାଗର ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟ କର୍ମକର୍ତ୍ତାମାନେ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜିକା ବିଦିଶା ଶତପଥି ସଂଯୋଜନା କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାକ୍ଷୀ ପୂର୍ଣ୍ଣିମା



ରାୟଗଡ଼ା, ୯।୮ (ସମିସ): ଶନିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ାଠାରେ ପବିତ୍ର "ରାକ୍ଷୀ ପୂର୍ଣ୍ଣିମା' ଉତ୍ସବ ପାଳନ କରାଯାଇଛି। ଉକ୍ତ ଉତ୍ସବରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାଏକ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ପ୍ରଦୀପ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିସହିତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ଓ ଉପସଭାପତି ରଘୁନନ୍ଦନ ନନ୍ଦ ମଞ୍ଚାସିନ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ପୂର୍ବ ପରିଚାଳନା ସମିତିର ସମସ୍ତ ସଦସ୍ୟ ମଧ୍ୟ ନିମନ୍ତ୍ରିତ ଅତିଥି ରୂପେ ଉପସ୍ଥିତ ହୋଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପଜ୍ୱଳନ ପରେ ପ୍ରଧାନଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଠାକୁରଙ୍କୁ ରାକ୍ଷୀ ବାନ୍ଧିବା ପରେ ବିଦ୍ୟାଳୟର ଗୁରୁମା'ମାନେ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏହା ପରେ ବୃକ୍ଷପୂଜନ ଓ ଗୋ-ପୂଜନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ନିଜ ବକ୍ତବ୍ୟ ମାଧ୍ୟମରେ ଶିଶୁଙ୍କୁ ରକ୍ଷା ବନ୍ଧନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଶିଶୁ ଭାଇ-ଭଉଣୀମାନେ ପରସ୍ପରକୁ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ଖୁଆଇଥିଲେ। ଉପସଭାପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଶେଷରେ ବିଦ୍ୟାଳୟର ଗୁରୁଜୀ ଗୁରୁମା'ମାନେ ନିକଟସ୍ଥ ସିଆର୍‌ପିଏଫ୍ କ୍ୟାମ୍ପସ୍ ଓ ବିଦ୍ୟାଳୟ ସହ ଜଡ଼ିତ ଦୁଇଟି ସଂସ୍କାର କେନ୍ଦ୍ର ଯାଇ ରାକ୍ଷୀ ବାନ୍ଧିଥିଲେ।

# ଭାଇ-ଭଉଣୀ 'ବନ୍ଧନ' ଆଗରେ ଫିକା ପଡ଼ିଲା ଜେଲ୍‌ର ବନ୍ଧନ

## ବ୍ରହ୍ମପୁର ଜେଲ୍‌ରେ ଭାଇ ହାତରେ ରାକ୍ଷୀ ବାନ୍ଧିଲେ ୭୨ ଭଉଣୀ

ବ୍ରହ୍ମପୁର, ୯।୮ (ସମିସ): ଝରକା ଆରପଟୁ ବଢ଼ାଇ ଦେଇଥିବା ହାତରେ ରାକ୍ଷୀ ବାନ୍ଧୁବାନ୍ଧୁ ଭଉଣୀ ଆଖିରୁ ଛଳଛଳ ହୋଇ ବୋହି ଆସୁଥିଲା ଅମାନିଆ ଲୁହ। ଭାଇର ମନ ବି କୋଉ ସମ୍ଭାଳ ପଡୁଥିଲା। ମନରେ ଅଜସ୍ର କୋହକୁ ଚାପି ଧରି ଭଉଣୀ ମୁଣ୍ଡରେ ଆଶୀର୍ବାଦଭରା ହାତ ବୁଲାଇ ଦେଉଥିଲା। ଆଜି ବ୍ରହ୍ମପୁର ମଣ୍ଡଳ କାରାଗାରର ଏ ଭାବବିହ୍ୱଳର ଦୃଶ୍ୟ ମୂକସାକ୍ଷୀ ଭଳି ଜେଲ୍ ଚାରିକାନ୍ଥ, ଲୁହାବାଡ଼ ଦେଖି ଚାଲିଥିଲେ। ହେଲେ, ଅନ୍ୟ ଦିନ ଭଳି ଭାଇ-ଭଉଣୀର ଅତୁଟ ସଂପର୍କରେ ସେମାନେ ବାଧା ସାଜି ନଥିଲେ।

ଆଜି ହାତରେ ହଳଦୀ, ସିନ୍ଦୂର, ଚନ୍ଦନ ଓ ରାକ୍ଷୀ ଧରି କାରାଗାର ପରିସରକୁ ଆସିଥିଲେ ୭୨ଜଣ ଭଉଣୀ। କଏଦୀମାନେ ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲରେ ସଜା କାଟୁଛନ୍ତି। ଭିତରେ ୬ଜଣ ଭଉଣୀ ସେମାନଙ୍କ ଭାଇଙ୍କୁ ରାକ୍ଷୀ ବାନ୍ଧିଥିବା ବେଳେ ବାହାରୁ ୭୨ଜଣ ଭଉଣୀ ଜେଲ ଭିତରେ ଥିବା ଭାଇଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଥିପାଇଁ ଶନିବାର ସକାଳୁସକାଳୁ ବ୍ରହ୍ମପୁର ମଣ୍ଡଳ କାରାଗାର ସମ୍ମୁଖରେ ଭଉଣୀମାନଙ୍କର ଭିଡ଼ ଜମିଥିଲା। ସେହିପରି ବିଭିନ୍ନ ସଂଗଠନର ସଦସ୍ୟମାନେ ବ୍ରହ୍ମପୁର ଜେଲକୁ ଯାଇ ଜେଲ ଅଧୀକ୍ଷକଙ୍କ ସମେତ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ଜେଲ୍‌ର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ, ଜେଲର୍ ଲକ୍ଷ୍ମୀକାନ୍ତ ଧାଙ୍ଗେଡ଼ାମାଝୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ବଢୁଛି ରହସ୍ୟ; ହଟୁନି ପରଦା

ପଟ୍ଟାମୁଣ୍ଡାଇ, ୯।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗାଁରେ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ୪ ଦିନ ପରେ ଏହା ଉପରୁ ରହସ୍ୟ ଉନ୍ମୋଚନ ହୋଇପାରୁନାହିଁ। ପୁଲିସ ଟିମ୍ ଜୋରଦାର ତନାଘନା ଚଳାଇଥିଲେ ମଧ୍ୟ

- ପୁଣି ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମର ତନାଘନା
- ଆଉ ଏକ ଏତଲା ଦେଲେ ଛାତ୍ରୀଙ୍କ ବାପା
- ମୃତ ଛାତ୍ରୀଙ୍କ ବାପା-ଭାଇକୁ ପଚରାଉଚରା

ଆତ୍ମଦାହର କାରଣ ଏବେ ବି ରହସ୍ୟଘେରରେ ରହିଛି।

ଦୁଇ ଦିନ ଧରି କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପୁଲିସ ଓ ସାଇଣ୍ଟିଫିକ ଟିମ ଧରି ଘଟଣାର ତନାଘନା କରୁଛନ୍ତି। ଛାତ୍ରୀ ପୋଡ଼ି ହୋଇଥିବା ଶିଡ଼ି ଘର, ଶିଡ଼ି ଘର ନିକଟ ରୋଷେଇଘର, ଛାତ ଉପର ଗ୍ରିଲ ଓ ଛାତ୍ରୀ



ମୃତ୍ୟୁବେଳେ ଭିତରୁ ବନ୍ଦ ଥିବା ଘରର ମୁଖ୍ୟ କବାଟ ଖୋଲି ଛାନଭିନ୍ କରିଛନ୍ତି। ଭିତରୁ କବାଟ ବନ୍ଦ ଥିବା ଓ ଏବଂ ବାପା ମା' ଶାବଳ ଦ୍ୱାରା ପ୍ରବେଶ ଦ୍ୱାର ମୁଖ୍ୟ କବାଟ ତାଡ଼ି ଘର ଭିତରେ ପଶିଥିଲେ ମଧ୍ୟ କବାଟରେ ଲାଗିଥିବା ଡମଣି ଓ ଲକର ଅକ୍ଷତ ରହିଛି। ନିଆଁରେ ପୋଡ଼ି ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ମୃତ୍ୟୁସ୍ଥଳ ପୂର୍ବବତ୍ ପରିଷ୍କାର ରହିବା ପୁଲିସର ସନ୍ଦେହ ବଢ଼ାଇ ଦେଇଛି।

ଆଜି ରାକ୍ଷୀ ପୂର୍ଣ୍ଣିମାରେ କାଠିଆପଡ଼ା ଗାଁ ଶୂନଶାନ ଥିବା ବେଳେ ମୃତ ଛାତ୍ରୀଙ୍କ ଘର ଆଗରେ ଭିଡ଼ ଲାଗି ରହିଥିଲା। ଉକ୍ତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ବ୍ଲାକମେଲ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଯୋଗୁଁ ଛାତ୍ରୀ ଓ ପରିବାର ଅତିଷ୍ଠ ହୋଇ ଗତ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଏବେ ପୁରୁଷ ବନ୍ଧୁଙ୍କୁ ଚେନାଇରୁ ଉଠାଇ ଆଣି ଜେରା କରାଯାଉଛି। ଏପଟେ, ମୃତ ଛାତ୍ରୀଙ୍କ ବାପା ବାରମ୍ବାର ବୟାନ ବଦଳାଇବା ଓ ପୂର୍ବ ଏତଲା ଅସ୍ପଷ୍ଟ ଥିବାରୁ ଶନିବାର ପୁଣି ଏକ ସାନି ଏତଲା ଦେଇଛନ୍ତି। ଆଜି ଆଇଜି ପ୍ରବୀଣ କୁମାରଙ୍କ ସହ ଏସପି ଭିନ୍ନ ଭିନ୍ନ ସ୍ଥାନରେ ପ୍ରତ୍ୟକ୍ଷ ଭାବେ ତନାଘନା କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରି ଘଟଣାର କିଛି ସୁରାକ ଖୋଜିବାକୁ ଚେଷ୍ଟା କରିଥିଲେ। ଏନେଇ ଆଇଜି ଏସ୍‌ପିଙ୍କ ସହ ଏକ ସମୀକ୍ଷା ବୈଠକ କରିଥିବା ଜଣାପଡ଼ିଛି। କିଛି ପ୍ରମାଣ ହସ୍ତଗତ ହୋଇଥିବା ଜଣାପଡିଛି। ପୁଲିସ ମୃତ ଛାତ୍ରୀଙ୍କ ମୋବାଇଲକୁ ଜବତ କରି ଗୁରୁତ୍ୱର ସହ ଯାଞ୍ଚ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରି ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ ଜାରି ରଖିଛି।

ତଦନ୍ତ ପ୍ରକ୍ରିୟାକୁ ଚୂଡ଼ାନ୍ତ କରିବା ପାଇଁ ଆଜି ସନ୍ଧ୍ୟାରେ ପୁଲିସ ଉକ୍ତ କଲେଜ ଛାତ୍ରୀ ପିଡି ସଂଗୀତାଙ୍କ ବାପା ଶଶିକାନ୍ତ ପରିଡ଼ା ଓ ଏକମାତ୍ର ଭାଇ ପିଡି ସାଗର ଓରଫ ସୋନୁଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଡାକି ଜେରା କରିଛି। ତଥାପି ପୋଷ୍ଟମର୍ଟମ ରିପୋର୍ଟ ଉପରେ ଏହି ତଦନ୍ତ ପ୍ରକ୍ରିୟା ନିର୍ଭର କରୁଥିବା ଏସପି ସୂଚନା ଦେଇଛନ୍ତି। ଖୁବଶୀଘ୍ର ମାମଲାର ଫର୍ଦ୍ଦାଫାସ ସହ ବଡ଼ କାର୍ଯ୍ୟାନୁଷ୍ଠାନ ହେବାର ସ୍ପଷ୍ଟ ସୂଚନା ମିଳୁଛି।

**ଯବାନଙ୍କୁ ମହଙ୍ଗା ପଡ଼ିଲା ପ୍ରେମିକାକୁ ଚାପୁଡ଼ା**

# ନିର୍ଘୁମ୍ ଛେଚିଲେ ମହିଳା କନଷ୍ଟେବଲ

ବ୍ରହ୍ମପୁର, ୯।୮ (ସମିସ): ମହିଳା ପୁଲିସ୍ ବାରାକ୍‌ରେ ପଶି ପ୍ରେମିକାକୁ ମାରପିଟ୍ କରିବା ଜଣେ ଯବାନଙ୍କୁ ମହଙ୍ଗା ପଡ଼ିଛି। ଏକାଧିକ ପୁଲିସ୍ କନେଷ୍ଟବଳ ତାଙ୍କୁ ନିର୍ଘୁମ୍ ମାଡ଼ ମାରିବା ସହ ପୁଲିସ୍ ଜିମା ଦେଇଛନ୍ତି। ଆମ୍ବପୁଆସ୍ଥିତ ପୁଲିସ ବାରାକ୍‌ରେ ଆଜି ଏହି ଘଟଣା ଘଟିଛି। ମାଡ଼ ଖାଇଥିବା ଯବାନଜଣଙ୍କ ହେଲେ, ପୁରୁଷୋତ୍ତମପୁର ଶାହାପୁର କେଉଟସାହିର ପ୍ରଭଞ୍ଜନ ବେହେରା। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଯବାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ପ୍ରଭଞ୍ଜନ ବିବାହିତ। କିଛି ବର୍ଷ ତଳେ ତାଙ୍କର ଛାଡ଼ପତ୍ର ହୋଇଛି। ସେ ବ୍ରହ୍ମପୁର ପୁଲିସ ଜିଲ୍ଲାର ୨୦୨୩ ବ୍ୟାଚ୍‌ର ଜଣେ ମହିଳା କନେଷ୍ଟବଳଙ୍କୁ ପ୍ରେମ କରୁଥିଲେ। କିଛି ଦିନ ତଳେ ପ୍ରେମିକା ଛୁଟିରେ ଗାଁକୁ ଯାଇଥିବା ବେଳେ ଗତକାଲି ଡ୍ୟୁଟିରେ ଯୋଗ ଦେଇଥିଲେ। ଆଜି ସକାଳୁ ବୁଲିବାକୁ ଯିବା ଲାଗି ଗତକାଲି ଉଭୟ ସ୍ଥିର କରିଥିଲେ। ପ୍ରଭଞ୍ଜନ ଆଜି ସକାଳେ ରିଜର୍ଭ ଅଫିସ ନିକଟରେ ଥିବା ଏକ ମନ୍ଦିରରେ ଅପେକ୍ଷା କରିଥିଲେ। ଦୀର୍ଘ ଦେଢ଼ଘଣ୍ଟାରୁ ଅଧିକ ଅପେକ୍ଷା କରିବା ପରେ ମଧ୍ୟ ପ୍ରେମିକା ଆସିନଥିଲେ। ଏଥିରେ



ରାଗିଯାଇ ପ୍ରଭଞ୍ଜନ ମଦ ପିଇ ମହିଳା ପୁଲିସ ବାରାକ୍‌ରେ ପଶି ଯାଇଥିଲେ। ସେଠାରେ ପ୍ରେମିକାଙ୍କୁ ପଛପଟୁ ଭିଡ଼ି ଧରିବା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ। ନିକଟରେ ଥିବା ଅନ୍ୟ ପୁଲିସ କର୍ମଚାରୀମାନେ ଏହା ଦେଖି ପ୍ରଭଞ୍ଜନଙ୍କୁ କାବୁ କରି ମାଡ଼ ମାରି ପୁଲିସରେ ଜିମା ଦେଇଥିଲେ। ଏନେଇ ଅସଦାଚରଣ ଶିକାର ହୋଇଥିବା ମହିଳା କନେଷ୍ଟବଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯବାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

**ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ**

# ପ୍ରଥମରେ ୪୨ ମୌଜା, ଦ୍ୱିତୀୟରେ ବଡ଼ଗଡ଼ ଥାନା

ଭୁବନେଶ୍ୱର, ୯।୮ (ସମିସ):ଗତ ୭ ମାସ ମଧ୍ୟରେ ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟ ଅପରାଧ ନଥି ସଂସ୍ଥା (ଏସସିଆରବି) ଓ ସିସିଟିଏନ୍‌ଏସ୍ ପକ୍ଷରୁ ସ୍ଥିର ହୋଇଥିବା ଉପୋରକ୍ତ ପରିମାପକ ଅନୁସାରେ ଗତ ୭ ମାସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ଥାନା ଅଧିକାରୀମାନେ କରୁଥିବା ଏସ୍‌ଆର୍ କେସ୍, ନନ୍ ଏସ୍‌ଆର୍ କେସର ତଦନ୍ତ, ସୁପରଭିଜନ୍ ନୋଟ୍ ଓ ବିଭିନ୍ନ ମାମଲା ତଦାରଖ କାର୍ଯ୍ୟକୁ ନେଇ ଏହି ରିପୋର୍ଟ ପ୍ରକାଶ ପାଇଛି। କମିସନରେଟ ପୁଲିସ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାର ୪୨ମୌଜା ଥାନା ରାଜ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଥିବାବେଳେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବଡ଼ଗଡ଼ ଥାନା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଶ୍ରୀ ଲିଙ୍ଗରାଜ ଥାନା ରାଜ୍ୟରେ ୮ମ ସ୍ଥାନ ହାସଲ କରିଛି। ସଫଳତା ପାଇଁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କୁ ପ୍ରଶଂସା କରିବା ସହ ସମ୍ମାନିତ କରିଛନ୍ତି।

## ବିଶ୍ୱ ବାଣିଜ୍ୟ

**■ ଆଇସିଆଇସିଆଇ ବ୍ୟାଙ୍କର ନୂଆ ନିୟମ**

# ସଞ୍ଚୟ ଖାତାରେ ୫୦ ହଜାର ରଖିବା ଜରୁରୀ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଆଇଆଇସିଆଇ ବ୍ୟାଙ୍କର ଖାତାଧାରକଙ୍କୁ ନିଜ ଖାତାରେ ଏଥର ୫୦ ହଜାର ଟଙ୍କା ଲେଖାଏଁ ରଖିବାକୁ ପଡ଼ିବ। ଏହାଠାରୁ କମ୍ ଟଙ୍କା ରହିଲେ ଗ୍ରାହକଙ୍କୁ ଜୋରିମାନା ଦେବାକୁ ପଡ଼ିବ। ତେବେ ଏହି ନିୟମ କେବଳ ଚଳିତ ମାସ ୧ ତାରିଖ ପରଠାରୁ ଖୋଲା ଯାଇଥିବା ଖାତା ପାଇଁ କାର୍ଯ୍ୟକାରୀ ହେବ। ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବାର ନିୟମ ସହର, ଗାଁ ଏବଂ ମେଟ୍ରୋ ସିଟି ଗୁଡିକ ପାଇଁ ଅଲଗା ଅଲଗା ରହିଛି। ବ୍ୟାଙ୍କୁ ସବୁ କ୍ଷେତ୍ରର ଜମା ସୀମା ବୃଦ୍ଧି କରିଛି। ଏବେ ମେଟ୍ରୋ ସହରଗୁଡିକରେ ଅତିକମରେ ୫୦ ହଜାର ଟଙ୍କା, ସେମି-ଅର୍ବାନ (ଅର୍ଦ୍ଧ-ସହରୀ) ଅଞ୍ଚଳରେ ୨୫ ହଜାର ଲେଖାଏଁ ଏବଂ ଗ୍ରାମାଞ୍ଚଳରେ ଖୋଲା ଯାଇଥିବା ଖାତାରେ ୧୦ ହଜାର ଟଙ୍କା ରଖିବାକୁ ହେବ। ଏହା ପୂର୍ବରୁ ମେଟ୍ରୋ ଏବଂ ସହରରେ ଅତିକମ୍‌ରେ ୧୦ ହଜାର ଟଙ୍କା, ସେମି-ଅର୍ବାନରେ ୫ ହଜାର ଟଙ୍କା, ଗାଁ ପାଇଁ ୨୫୦୦ ଟଙ୍କା ରଖିବାର ବ୍ୟବସ୍ଥା ଥିଲା। ଏହି ନିୟମ ସହିତ ଘରୋଇ ବ୍ୟାଙ୍କରେ ସର୍ବାଧିକ ଟଙ୍କା ରଖିବାର ସୀମା ଆଇସିଆଇସିଆଇ ବ୍ୟାଙ୍କ ନାମରେ ହୋଇଛି। ଏହି ବ୍ୟାଙ୍କ ୧୦ ବର୍ଷ ପରେ ସର୍ବନିମ୍ନ ଟଙ୍କା ରଖିବା ନିୟମ ପରିବର୍ତ୍ତନ କରିଛି।

**ଦିନ ଦ୍ୱିପହରେ ଲୁଟ୍‌ର ଖେଳ; ନିୟମ ପ୍ରତି ନିଘା ନାହିଁ**

# ନର୍ମାଲ ନାହିଁ, ସ୍ପିଡ୍ ପେଟ୍ରୋଲ ଦେଇ ୭ ଟଙ୍କା ଲୁଟ୍

ଭୁବନେଶ୍ୱର, ୯।୮ (ସମିସ)

ପ୍ରତ୍ୟେକ ଦିନ ଲୋକେ ତେଲ ଟାଙ୍କିକୁ ଯାଇ ପେଟ୍ରୋଲ ପକାଉଛନ୍ତି। କେଉଁ ପ୍ରକାରର ପେଟ୍ରୋଲ ଦିଆଯାଉଛି ତାହା ବି ଅନେକ ଦେଖନ୍ତି ନାହିଁ। ଜାଣିବାକୁ ବି ପ୍ରୟାସ କରନ୍ତି ନାହିଁ। ଲୋକଙ୍କ ଏହି ଅବହେଳା ସେମାନଙ୍କ ପକେଟକୁ ଖାଲି କରିଦେଉଛି। ଅଜାଣତରେ ଲୋକେ ପେଟ୍ରୋଲ ପିଛା ଅଧିକ ୭ ଟଙ୍କା ଦେଉଛନ୍ତି। ଆଉ ଏହା ଅସାଧୁ ମାଲିକ ତଥା କର୍ମଚାରୀଙ୍କୁ ସୁହାଉଛି। ସେମାନଙ୍କ ପକେଟ ଗରମ ହେଉଥିବାବେଳେ ଲୋକଙ୍କର ଖାଲି ହେବାରେ ଲାଗିଛି। ପେଟ୍ରୋଲ ଆଳରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଉଛି। ପ୍ଲାଷ୍ଟିକ ବୋତଲରେ ତେଲ ଦେବାକୁ ସରକାର ମନା କରିଦେଇଛନ୍ତି। ଏହି ଅଜବ ନିୟମକୁ ନେଇ ସଡ଼କଠାରୁ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଚର୍ଚ୍ଚା ଜାରି ରହିଥିବାବେଳେ ବଡ଼ ଠକେଇ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଦିନେ ଅଧେ ପେଟ୍ରୋଲ ପକାଇବାକୁ ଟାଙ୍କି ଯାଉ ନ ଥିବା ଲୋକ ବି ଏବେ ଗାଡ଼ି ଲଦି ଧାଉଁଥିବା ଦେଖାଯାଉଛି। କିନ୍ତୁ ଏପରି ସମୟରେ ନିୟମ ବି ପାଳନ କରାଯାଉନାହିଁ।

ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଏହି ଠକେଇର ଖେଳ ବେଶି ଚାଲିଛି। ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଯାଉଥିବା ଲୋକଙ୍କୁ ସ୍ପିଡ୍ କି ନର୍ମାଲ ପକାଇବେ ନ କହି ସିଧା ସ୍ପିଡ୍ ପକାଇ ଦିଆଯାଉଛି। ଅନେକ ଲୋକେ ଏହି ଲୁଟ୍ ପ୍ରତି ଦୃଷ୍ଟି ଦେଉନାହାନ୍ତି। କିନ୍ତୁ ଯିଏ ଟିକେ ସଚେତନ ହୁଅନ୍ତି ସେ ଅନ୍ୟ ଟାଙ୍କିରେ ପେଟ୍ରୋଲ ପକାଇବାକୁ ପଳାନ୍ତି। ନର୍ମାଲ ପେଟ୍ରୋଲ କଥା ପଚାରିଲେ ସରି ଯାଇଛି ବୋଲି କହୁନ୍ତି। ଆଉ କିଛି ଲୋକେ ବାଧ୍ୟବାଧକତାରେ ଏହି ଲୁଟ୍‌ର ଖେଳର ଶିକାର ହେଉଛନ୍ତି। ଗାଡ଼ିରେ ପେଟ୍ରୋଲ ସରିଯିବା ସ୍ଥିତିରେ ଲୋକେ ସ୍ପିଡ୍ ପକାଉଛନ୍ତି। ଲୋକଙ୍କ ଏହି ପରିସ୍ଥିତିର ଫାଇଦା ନେଉଛନ୍ତି ପେଟ୍ରୋଲ ପମ୍ପ ମାଲିକମାନେ। ସିଧା ଲିଟର ପିଛା ୭ ଟଙ୍କା ଲେଖାଏଁ ଲୁଟି ନେଇଯାଉଛନ୍ତି। ଏବେ ଭୁବନେଶ୍ୱରରେ ନର୍ମାଲ ପେଟ୍ରୋଲ ଲିଟର ୧୦୧.୨୯ ଟଙ୍କା ଏବଂ ସ୍ପିଡ୍ ପେଟ୍ରୋଲ ୧୦୮.୩୦ ଟଙ୍କା ରହିଛି। ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ଗାଡ଼ିରେ ୧୦ ଲିଟର ସ୍ପିଡ୍ ପେଟ୍ରୋଲ ପକାଇଲେ ସିଧା ୭୦ ଟଙ୍କା କ୍ଷତି ସହୁଛି। ସେହିପରି ଭାବେ ଯଦି ଗୋଟିଏ ଦିନରେ




ଲକ୍ଷେ ଲିଟର ପେଟ୍ରୋଲ ବିକ୍ରି ହୁଏ ତେବେ ୭ ଲକ୍ଷ ଟଙ୍କା ଲୁଟ୍ ହେଲାଣି। ସରକାର ଯାଞ୍ଚକୁ ନେଇ ବଡ଼ ବଡ଼ କଥା କହୁଛନ୍ତି, କିନ୍ତୁ ଏଭଳି ଲୁଟ୍ ପ୍ରତି କାହାର ଦୃଷ୍ଟି ପଡୁନାହିଁ ତାହା ପ୍ରଶ୍ନବାଚୀ ପାଲଟିଛି। ଭୁବନେଶ୍ୱରରେ ଥିବା ଅନେକ ପେଟ୍ରୋଲ ପମ୍ପରେ ଏଭଳି ଲୁଟ୍ ଖୁଲମ୍‌ଖୋଲା ଚାଲିଛି। ଗତ ୫ ତାରିଖରେ ଭୁବନେଶ୍ୱର ପାତ୍ରପଡ଼ା ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। କେହି କିଛି ନ ପଚାରିଲେ ସ୍ପିଡ୍ ପେଟ୍ରୋଲ ଦିଆଯାଉଥିଲା। ଆଉ ଯିଏ ନିଜ ଆଡୁ ପଚାରିଲା ନାହିଁ କହି ଦିଆଯାଉଥିଲା। ଯାହାର ଜରୁରୀ ହୋଇଥାଏ ସେ ଶେଷରେ ବାଧ୍ୟ ହୋଇ ସ୍ପିଡ୍ ପେଟ୍ରୋଲ ପକାଇ ଯାଇଥାନ୍ତି। ଏ ଦିଗରେ ପ୍ରଶାସନ ଏବଂ ପେଟ୍ରୋଲିୟମ ବିଭାଗ ଦୃଷ୍ଟି ଦେବ ବୋଲି ଆଶା।

# ଓଡ଼ିଶାର ବିକାଶ ପାଇଁ ଶିଳ୍ପ-ସଂସଦ ଆଲୋଚନା




ନୂଆଦିଲ୍ଲୀ ୯।୮ (ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ, ଓଡ଼ିଶା) ରାଜ୍ୟର ସାଂସଦଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା। ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା।

ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ଏକ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହନ ପାଇଁ ନୀତି ନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସିଆଇଆଇ ଏହାର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି।

**ପ୍ରତିରକ୍ଷା ଉତ୍ପାଦନରେ ଭାରତର ରେକର୍ଡ**

# ୧.୫ ଲକ୍ଷ କୋଟିର ସାମଗ୍ରୀ ପ୍ରସ୍ତୁତ

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ପ୍ରତିରକ୍ଷା ଉତ୍ପାଦନରେ ଭାରତ କ୍ରମାଗତ ଭାବେ ରେକର୍ଡ ସୃଷ୍ଟି କରିଚାଲିଛି। ୨୦୨୪- ୨୫ ଆର୍ଥିକ ବର୍ଷରେ ଭାରତର ଉତ୍ପାଦନ ୧, ୫୦, ୫୯୦ କୋଟି ଟଙ୍କା ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର ଏ ନେଇ ସୂଚନା ଦେଇଛନ୍ତି। ଗତ ଆର୍ଥିକ ବର୍ଷରେ ଏହା ୧.୨୭ ଲକ୍ଷ କୋଟି ଟଙ୍କା ଥିଲା। ଏବର୍ଷ ଏଥିରେ ୧୮ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୯-୨୦ରେ ଏହା ୭୯, ୦୭୧ କୋଟି ଟଙ୍କା ଥିଲା ଓ ଏଥର ୯୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ପ୍ରତିରକ୍ଷା ରପ୍ତାନୀରେ ମଧ୍ୟ ଭାରତ ରେକର୍ଡ କରିଛି। ୨୦୨୪-୨୫ରେ ଏହା ରେକର୍ଡ ୨୩, ୬୨୨ କୋଟି ଟଙ୍କା ଥିଲା। କିନ୍ତୁ ଗତ ବର୍ଷ ଏହା ୨୧, ୦୮୩ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ ଏଥିରେ ୧୨.୦୪ ପ୍ରତିଶତ ବୃଦ୍ଧି ହୋଇଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ସାରା ବିଶ୍ୱରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏ କ୍ଷେତ୍ରରେ ଭାରତର ସ୍ଥିତି ଦିନକୁ ଦିନ ଦୃଢ ହେବାରେ ଲାଗିଛି। ଭାରତର ପ୍ରତିରକ୍ଷା ଉତ୍ପାଦନରେ ରେକର୍ଡ ବୃଦ୍ଧିକୁ ଦେଖି ଆମେରିକା ଓ ପାକିସ୍ତାନ ଭଳି ଦେଶ ଇର୍ଷାନ୍ୱିତ ହୋଇଛନ୍ତି। ଏବେ ବିଭିନ୍ନ ଦେଶ ଭାରତଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଡିଆରଡିଓ ତରଫରୁ କୁହାଯାଇଛି।

# ୧୩ ରେ କଟକରେ ଖୋଲିବ ଜୟଆଲୁକ୍କାସର ପ୍ରଥମ ଶୋ'ରୁମ୍

କଟକ, ୯।୮ (ସମିସ): ବିଶ୍ୱର ପ୍ରସିଦ୍ଧ ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍ କଟକରେ ପ୍ରଥମ ଶୋ'ରୁମ୍ ଖୋଲିବାକୁ ଯାଉଛି। ଆସନ୍ତା ୧୩ ତାରିଖ ସନ୍ଧ୍ୟା ୫ଟାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସମଗ୍ର ଅଞ୍ଚଳର କ୍ରେତାଙ୍କୁ ଆକୃଷ୍ଟ କରିବା ବୋଲି ଆଶା। ଏହି ବିଶେଷ ଅବସରରେ ଜୟଆଲୁକ୍କାସ୍ ଡାଇମଣ୍ଡ ଏବଂ ଅନ୍‌କଟ୍ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଏବଂ ଲକ୍ଷେ ଟଙ୍କା ଓ ତାଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନ୍‌ର ଅଳଙ୍କାର ଉପରେ ୫ ଗ୍ରାମ ରୂପା ବିସ୍କୁଟ (ବାର) ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ପ୍ରତ୍ୟେକ କ୍ରେତା ଅଫର ଅବଧି ମଧ୍ୟରେ ପ୍ରତି କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ। ନୂତନ ଜୟଆଲୁକାସ୍ ଶୋ'ରୁମ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି। ବିସ୍ତୃତ ଆଭ୍ୟନ୍ତରୀଣ ସାଜସଜ୍ଜା ଏକ ସମସାମୟିକ ଲେଆଉଟ ଏବଂ ଆମର ବିଶ୍ୱସ୍ତରୀୟ ଆତିଥ୍ୟ ସହିତ କ୍ରେତାମାନେ ପାରମ୍ପରିକ ସୁନା ଏବଂ ବିବାହ ଅଳଙ୍କାରଠାରୁ ଆରମ୍ଭ କରି ଚମତ୍କାର ଡାଇମଣ୍ଡ ଏବଂ ମୂଲ୍ୟବାନ ଷ୍ଟୋନ୍ ଖଣ୍ଡ ପର୍ଯ୍ୟନ୍ତ ଚକ୍ରମିକିଆ ସଂଗ୍ରହର ଏକ ବିସ୍ତୃତ ସମ୍ଭାର ରହିଛି। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ଜୟ ଆଲୁକ୍କାସ୍ କହିଛନ୍ତି ଯେ ପରମ୍ପରାରେ ପରିପୂର୍ଣ୍ଣ, ସୂକ୍ଷ୍ମ କାରିଗରୀର ସହର କଟକରେ ନୂଆ ଶୋ'ରୁମ ଆଣି ଆମେ ବହୁତି ଖୁସି। ସମସ୍ତଙ୍କୁ ଜୟବାଲୁକ୍କାସକୁ ଆମେ ସ୍ୱାଗତ କରୁଛୁ।

**ଖାଦ୍ୟରୁ ସାମଗ୍ରୀ, ସବୁ ମହଙ୍ଗା**

# ଆମେରିକା ଭୋଗୁଛି 'ଟ୍ରମ୍ପ ଟାରିଫ୍'ର ପରିଣତି

ୱାଶିଂଟନ, ୯।୮ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ନିଜେ ନିଜକୁ ଧ୍ୱଂସ କରୁଛନ୍ତି ବୋଲି ଆମେରିକା ଅର୍ଥଶାସ୍ତ୍ରୀ ତଥା ଜନ୍ ହପ୍‌କିନ୍ସ ୟୁନିଭର୍ସିଟିର ପ୍ରାଧ୍ୟାପକ ଷ୍ଟିଭେ ହାନ୍‌କେ କହିଛନ୍ତି। ତାଙ୍କ ମତରେ ଟ୍ରମ୍ପଙ୍କ ଶୁଳ୍କଅକ ନିଷ୍ପତ୍ତି ସବୁଠୁ ଖରାପ ଏବଂ ଏହା ସବୁ କିଛି ଧୂଳିସାତ କରିଦେବ। ଅର୍ଥନୀତି ହିଁ ଭୁଲ୍ ହୋଇଯାଇଛି। ଟ୍ରମ୍ପ ନିଜେ ନିଜକୁ ହିଁ ଧ୍ୱଂସ କରୁଛନ୍ତି। ନିଜେ ନିଜକୁ ଧ୍ୱଂସ କରୁଥିବା ଶତ୍ରୁର କାର୍ଯ୍ୟରେ ହସ୍ତକ୍ଷେପ କରିବା ଅନୁଚିତ। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ହାନ୍‌କେ ଏଭଳି ମନ୍ତବ୍ୟ ଦେଇଛନ୍ତି। ହାନ୍‌କେ ଭାରତକୁ ନେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଶୁଳ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖି କିଛି ସମୟ ଅପେକ୍ଷା କରିବେ। କାରଣ ଟ୍ରମ୍ପଙ୍କ ତାସର ଘର ଭୁଶୁଡ଼ି ପଡ଼ିବ। ଶୁଳ୍କ ପାଇଁ ହେଉଥିବା ଆର୍ଥିକ କମ୍ପନ ବାଲିଘର ଉପରେ ଛିଡ଼ା ହୋଇଛି। ହାନକେ କହିଛନ୍ତି ଯେ ଆମେରିକାର ବାଣିଜ୍ୟ କ୍ଷତି ବହୁତ ଅଧିକ ରହିଛି। କାରଣ ଆମେରିକୀୟଙ୍କ ବ୍ୟୟ ମୋଟ ଜାତୀୟ ଉତ୍ପାଦଠାରୁ ଅଧିକ। ଏଥିପାଇଁ ଅର୍ଥଶାସ୍ତ୍ର ସମ୍ପୂର୍ଣ୍ଣ ଭୁଲ୍ ହୋଇଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ନୀତିର ଖରାପ ପ୍ରଭାବ ଦେଶ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି।

ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି। ଏଥିରେ ବିଚଳିତ ହୋଇ ଆମେରିକୀୟ ଲୋକମାନେ ସେମାନଙ୍କର କିଣାକିଣି ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି। ସେମାନେ ଏବେ ଅର୍ଥନୀତିକୁ ନେଇ ଚିନ୍ତିତ। ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳୁଛି। ଏହା ସହିତ ସେମାନଙ୍କ ନିଜ ଘର ମଧ୍ୟ ତାପ ଅନୁଭବ କରୁଛି। ରିପୋର୍ଟ ଅନୁଯାୟୀ, ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡିଛି ଯେ ଅଧାରୁ ଅଧିକ ଆମେରିକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟକୁ ନେଇ ଚିନ୍ତିତ। ୫୩% ଲୋକ କହିଛନ୍ତି ଯେ ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା। ସର୍ଭେରୁ ଜଣାପଡ଼ିଛି ଯେ ଆମେରିକୀୟ ଲୋକମାନେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ଏବଂ ଅର୍ଥନୀତିର ଅବସ୍ଥାକୁ ନେଇ ଚିନ୍ତିତ। ବିଶେଷକରି ଅଣ୍ଡା, ମାଂସ, କମଳା ରସ ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବହୁତ ବୃଦ୍ଧି ପାଇଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ବିଦେଶରୁ ଆସୁଥିବା ଫଳ, କ୍ୟାନ ସାମଗ୍ରୀ, କଫି ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି। ଲୋକେ ବାହାରେ ଖାଇବାପିଇବା ମଧ୍ୟ ବନ୍ଦ କରିଦେଇଛନ୍ତି।

# ପରିଚୟ ଦେଉଛି ଫୁଲକରୀ

ଆଧୁନିକତାର ଯୁଗରେ ଲୋକେ ଏବେ ହାତ ତିଆରି ଜିନିଷ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ବିଶେଷ କରି ଫୁଲକରୀ ଡିଜାଇନ ପ୍ରତି ମହିଳାଙ୍କର ସଉକ୍ ରହିଥାଏ । ଏହା ପଞ୍ଜାବର ଏକ ପାରମ୍ପରିକ ଏମ୍ବ୍ରୋଡରୀ କଳା । ଅବଶ୍ୟ ମେସିନ୍ ନିର୍ମିତ ପୋଷାକ ପରିଧାନ ହେତୁ, ଫୁଲକରୀ ଧୀରେ ଧୀରେ ଲୁପ୍ତ ହେବାକୁ ବସିଲାଣି ; କିନ୍ତୁ ଏହି କଳାକୁ ଜୀବନ୍ତ ରଖି, ଭଳିକି ଭଳି ଫୁଲକରୀ ସୁଟ୍ , ଟପ୍‌ସ, ଜ୍ୟାକେଟ୍, ଓଢ଼ଣୀ ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ପଞ୍ଜାବ ପଟିଆଲାର ଲାଜବନ୍ତୀ ଛାବଡ଼ା । ଏହାଦ୍ୱାରା ସେ ଫୁଲକରୀ କଳାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର, କରିବା ସହ ଗାଁ ମହିଳାଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।



୬୫ ବର୍ଷୀୟା ଲାଜବନ୍ତୀ ଫୁଲକରୀ କଳାକାର ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର କାରୁକାର୍ଯ୍ୟ ମାଧ୍ୟମରେ ଫୁଲକରୀକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ମାତ୍ର ଛଅବର୍ଷ ବୟସରେ ସେ ଫୁଲକରୀ ଏମ୍ବ୍ରୋଡୋରୀ ଆରମ୍ଭ କରିଥିଲେ । ୧୯୪୭ ମସିହା ବିଭାଜନ ସମୟରେ ଲାଜବନ୍ତୀଙ୍କ ପରିବାର ପାକିସ୍ତାନ ମୁଲତାନରୁ ଭାରତ ଆସିଥିଲେ । ସେବେଠୁ ଏହି ପାରମ୍ପରିକ ଫୁଲକରୀ କଳା ତାଙ୍କ ପରିବାରରେ ରହିଥିଲା । ଘରେ ସେ ଜେଜେ ମାଆଙ୍କୁ ଏହି କାର୍ଯ୍ୟ କରିବାର ଦେଖିଥିଲେ । ଧୀରେ ଧୀରେ ଏହି କଳା ଶିଖିଥିଲେ । ଏଥିପାଇଁ ସେ କୌଣସି ସ୍ଥାନରୁ ପ୍ରଶିକ୍ଷଣ ନେଇ ନଥିଲେ । ପ୍ରଥମେ ପରିବାରରେ ଏହାକୁ ସଉକ୍ ଭାବେ ତିଆରି କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ଏହା ତାଙ୍କ ଜୀବିକା ପାଲଟିଥିଲା ।

ଫୁଲ୍‌କରୀ ପଞ୍ଜାବର ଏକ ପ୍ରସିଦ୍ଧ ପାରମ୍ପରିକ ଏମ୍ବ୍ରୋଡୋରୀ କଳା । ଏହା ଦୁଇଟି ଶବ୍ଦରୁ ତିଆରି ହୋଇଛି । 'ଫୁଲ' ଏବଂ 'କରୀ' । ଏହାର ଅର୍ଥ 'ଫୁଲର କାର୍ଯ୍ୟ' । ଏଥିରେ ସୂତା କପଡ଼ାରେ ରଙ୍ଗିନ୍ ସୂତାକୁ ବ୍ୟବହାର କରି ଭଳିକି ଭଳି ଫୁଲ, ପତ୍ର, ସହ ଅନ୍ୟାନ୍ୟ ଆକର୍ଷଣୀୟ ଚିତ୍ର ଏମ୍ବ୍ରୋଡୋରୀ କରାଯାଇଥାଏ । ଏହି କଳା ପଞ୍ଜାବ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପଞ୍ଜାବରେ ବିବାହରେ ଏହାକୁ ଉପହାର ସ୍ୱରୂପ ଝିଅକୁ ଦିଆଯାଏ ।



ସେ ଫୁଲ୍‌କରୀରୁ ଭଳିକି ଭଳି ସୁଟ୍, ଶାଢ଼ି, ଓଢ଼ଣୀ ଆଦି ତିଆରି କରନ୍ତି । ଏହାକୁ ବିଭିନ୍ନ ହସ୍ତତନ୍ତ ପ୍ରଦର୍ଶନୀରେ ବିକ୍ରି କରିଥାନ୍ତି । ଏଥିସହ ଅନଲାଇନ ମାଧ୍ୟମରେ ମଧ୍ୟ ସେ ନିଜର ବ୍ୟବସାୟ ଜାରି ରଖିଛନ୍ତି । ତାଙ୍କ କହିବାନୁଯାୟୀ, ମହିଳାମାନେ ଫୁଲକରୀ ନିର୍ମିତ ସୁଟ୍ ଶାଢ଼ି ଆଦି ପିନ୍ଧିବାକୁ ସେତେ ପସନ୍ଦ କରନ୍ତିନି । କିନ୍ତୁ ଏଥିରୁ ନିର୍ମିତ ସାର୍ଟ, ଟପ୍ସ, କୁର୍ତ୍ତୀ ପିନ୍ଧିବାକୁ ପସନ୍ଦ କରନ୍ତି । ତେଣୁ ସେ ଫୁଲକରୀରୁ ଭଳିକି ଭଳି ଡିଜାଇନର ପୋଷାକ ତିଆରି କରନ୍ତି । ପ୍ରଥମେ କେବଳ ରେଶମ ସୂତାରେ ଏହି ଫୁଲକରୀ କଳାକୃତି ହେଉଥିଲା, କିନ୍ତୁ ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଦେଖାଯାଇଛି । ଏହି କଳାକୃତି ଦ୍ୱାରା ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ତାଲିମ୍ ପ୍ରଦାନ କରୁଛନ୍ତି । ଏହାଦ୍ୱାରା ଗାଁର ମହିଳାମାନେ ରୋଜଗାରକ୍ଷମ ହେବା ସହ ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି । ବିଦେଶୀ ମହିଳାମାନେ ମଧ୍ୟ ଏହି କଳାକୁ ପସନ୍ଦ କରୁଛନ୍ତି, ବୋଲି ଲାଜବନ୍ତୀ କୁହନ୍ତି । ସେହିପରି ବଲିଉଡ ଅଭିନେତ୍ରୀଙ୍କ ମଧ୍ୟରେ ଏହି ଫୁଲକରୀର ଚାହିଦା ରହିଛି । ଫୁଲକରୀ ଭାରତୀୟ ହସ୍ତତନ୍ତରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁ ୨୦୨୧ ମସିହାରେ ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ବିନା ଫାଉଣ୍ଡେସନ୍‌ରେ ଚମକିବ ଚେହେରା



ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ ଚାହାନ୍ତି । ଏଥିପାଇଁ ଫାଉଣ୍ଡେସନ, ସିରମ, ଆଦି ମେକ୍‌ଅପ୍ ପ୍ରସାଧନ ଲଗାଇଥାନ୍ତି । କିନ୍ତୁ ଅନେକ ସମୟରେ ବାହାରକୁ ଯିବାବେଳେ ଫାଉଣ୍ଡେସନ୍ ସରିଯାଏ । ଏପରିସ୍ଥଳେ, ଘରେ ଥିବା ଜିନିଷକୁ ଲଗାଇ ଏକ ଚମକଯୁକ୍ତ ଚେହେରା ପାଇପାରିବେ ।

- ମେକ୍‌ଅପ୍ ପୂର୍ବରୁ ତ୍ୱଚାକୁ ପରିଷ୍କାର କରି ଧୁଅନ୍ତୁ । ପରେ ଏକ ଟୋନର୍ କିମ୍ବା ଗୋଲାପଜଳ ଲଗାଇ ତ୍ୱଚାର ପିଏଚ୍ ସେଟ୍ କରନ୍ତୁ । ଏହାପରେ ଏକ ହାଲୁକା ମଏଶ୍ଚରାଇଜର୍ ଲଗାଇ ମୁହଁକୁ କୋମଳ କରନ୍ତୁ ।
- ଫାଉଣ୍ଡେସନ ଆବଶ୍ୟକତା ପୁରା କରିବା ପାଇଁ ତ୍ୱଚା ଅନୁଯାୟୀ, ଅଳ୍ପ କନସିଲର୍, ବିବି, ସିସି କ୍ରିମ୍ ଲଗାଇପାରିବେ । ଏହା ନଥିଲେ ଏକ କମ୍ପାକ୍ଟ ପାଉଡର୍‌ରେ ଅଳ୍ପ ମଏଶ୍ଚରାଇଜର୍ ମିଶାଇ ଏକ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଫାଉଣ୍ଡେସନ୍ ଭଳି ଲଗାନ୍ତୁ । ଏହି ଉପାୟ ମୁହଁରେ ଏକ ଉଜ୍ଜ୍ୱଳତା ଆଣିଥାଏ ।
- ଏଥିସହ ଚାହିଁଲେ, ଲିକୁଇଡ୍ ହାଇଲାଇଟର୍ କିମ୍ବା ଆଲୋଭେରା ଜେଲ୍‌ରେ ସାମାନ୍ୟ ହଳଦୀ ପକାଇ ଏହାକୁ ତ୍ୱଚାରେ ଲଗାଇପାରିବେ, ଏହାଦ୍ୱାରା ତ୍ୱଚାରେ ଏକ ପ୍ରାକୃତିକ ଚମକ ଆସିଥାଏ ।
- ସେହିପରି ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ଲଶ୍ ବ୍ୟବହାର କରିପାରିବେ । ବ୍ଲଶ୍ ନଥିଲେ, ଲିପ୍‌ଷ୍ଟିକ୍‌କୁ ହାଲୁକା ଗାଲରେ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ । ଏହା ତ୍ୱଚାକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ ।

ମୋ ହାଣ୍ଡିଶାଳରୁ...

# ପଣସମାଞ୍ଜି ତରକାରି

**ଆବଶ୍ୟକ ସାମଗ୍ରୀ**

ପଣସମାଞ୍ଜି- ୨୦୦ ଗ୍ରାମ, ବେସନ – ଅଧା କପ୍, କାଜୁ-ପାଞ୍ଚ, ଛଅଟି, ରସୁଣ ବୁଦା - ଗୋଟିଏ, ଅଦା – ଖଣ୍ଡେ, କଟା ଟମାଟୋ- ଅଧା କପ୍, କଟା ପିଆଜ – ଏକ କପ୍, ତେଜପତ୍ର– ଦୁଇଟି, କଞ୍ଚାଲଙ୍କା – ଦୁଇଟି, ରାଶି – ଏକ ଚାମଚ, ଜିରା – ଅଧା ଚାମଚ, ଗରମ ମସଲା– ଏକ ଚାମଚ, ହଳଦୀଗୁଣ୍ଡ –ଅଧା ଚାମଚ, କସୁରୀ ମେଥି –ଅଳ୍ପ, ଦନିଆ ପତ୍ର – ଅଳ୍ପ, ଗୋଟା ଗରମ ମସଲା – ଅଳ୍ପ, ଲୁଣ – ସ୍ୱାଦାନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।



**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ପଣସ ମଞ୍ଜିରୁ ଚୋପା ଚଢ଼ାଇ ଧୋଇ ରଖନ୍ତୁ । ଏହାକୁ ଏକ ଜାର୍‌ରେ ଦେଇ ସେଥିରେ ବେସନ, କାଜୁ, ରସୁଣ, ଅଦା, କଞ୍ଚାଲଙ୍କା, କସୁରୀମେଥି, ଗରମମସଲା, ଲୁଣ ଓ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ପଣସମଞ୍ଜି ବଟାକୁ ଦେଇ ଅଳ୍ପ ସମୟ ଜନ୍ତନ୍ତୁ । ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଏହାକୁ ଥାଳିରେ କାଢ଼ିଦିଅନ୍ତୁ । ଥଣ୍ଡା ହୋଇଗଲେ ଛୋଟ, ଛୋଟ ଖଣ୍ଡରେ ଏହାକୁ କାଟନ୍ତୁ । ଆଉ ଗୋଟେ କଡ଼େଇରେ ତେଲ ଦେଇ କାଟି ରଖିଥିବା ପଣସମଞ୍ଜି ବଟାକୁ ପକାଇ ଛାଣନ୍ତୁ । ଏହାପରେ ଏକ ପ୍ୟାନରେ ଅଳ୍ପ ତେଲ ଦେଇ ସେଥିରେ ଜୀରା, ତେଜପତ୍ର, ଲବଙ୍ଗ ପିଆଜ ପକାଇ ଭାଜନ୍ତୁ । ଏହାପରେ ଟମାଟୋ, ଅଦା ରସୁଣ ପେଷ୍ଟ ଦେଇ କଷନ୍ତୁ । ଏଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଛାଣି ରଖିଥିବା ପଣସମଞ୍ଜିକୁ ଦେଇ ମସଲାରେ ମିଶାନ୍ତୁ । ପରେ ଏଥିରେ ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ ଫୁଟାନ୍ତୁ । ଫୁଟିଗଲା ପରେ ଗରମ ମସଲା, ଧନିଆ ପତ୍ର ପକାଇ ପରଷନ୍ତୁ 'ପଣସ ମଞ୍ଜି ତରକାରି' ।

# ବାଥ୍ରୁମ୍ ମିରର୍ ଡିଜାଇନ୍



ସାଧାରଣତଃ ଘର ସଜାଇବାକୁ ସମସ୍ତେ ଚାହାନ୍ତି । ଏଥିପାଇଁ ଲୋକେ ବିଭିନ୍ନ ଇଣ୍ଟେରିୟର ଡିଜାଇନ୍ କରିଥାନ୍ତି । ଘର ପରି ବାଥ୍ରୁମ୍ ସାଜସଜ୍ଜା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ବାଥରୁମ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆକର୍ଷୀୟ କରିବାକୁ ଚାହୁଁଥିଲେ, ବଜାରରେ ମିଳୁଥିବା ଡିଜାଇନର୍ ମିରର୍ ଲଗାଇପାରିବେ ।

**ବ୍ରାସ ମିରର୍**

ବାଥ୍ରୁମ୍‌କୁ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ବ୍ରାସ ମିରର୍ ଲଗାଇପାରିବେ । ଏହା ବାଥ୍ରୁମ୍‌କୁ ଗୋଲ୍ଡ ରୟାଲ୍ ଲୁକ୍ ଦେଇଥାଏ । ଏଥିସହ ଗାଢ଼ ରଙ୍ଗ ଟାଇଲ କିମ୍ବା ୱାଲ୍‌ପେପର୍ ମଧ୍ୟ ଲଗାଇପାରିବେ । ଏହା ବାଥ୍ରୁମ୍‌କୁ ସୁନ୍ଦର କରିଥାଏ ।

**ଛାଡ଼ନ୍ତୁ ଆକାରର ଚିନ୍ତା**

ବାଥ୍ରୁମ୍ ଡିଜାଇନ୍‌କୁ ଭିନ୍ନ କରିବାକୁ ଚାହୁଁଥିଲେ, ଏହାକୁ କାନ୍‌ଭାସ ଷ୍ଟାଇଲ୍‌ରେ ସଜାନ୍ତୁ । ଏଥିରେ ଦୁଇ କିମ୍ବା ଅଧିକ ମିରର ବ୍ୟବହାର କରିପାରିବେ । ବାଥ୍ରୁମ୍ ଆକାର ଅନୁସାରେ ମିରର୍ ଚୟନ କରନ୍ତୁ । ଏଥିସହ ଚାହିଁଲେ, ବଲ୍‌ବ ଲଗାଇପାରିବେ ।

**ଭିନ୍‌ଟେଜ୍ ଲୁକ୍**

ବାଥ୍ରୁମ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଭିନ୍‌ଟେଜ୍ ମିରର ବ୍ୟବହାର କରିପାରିବେ । ବାଥ୍ରୁମ୍ ଟାଇଲ୍ସ ଗାଢ଼ ହେଉ କିମ୍ବା ଫିକା ଏହା ସବୁଥିରେ ସୁନ୍ଦର ଦିଶିଥାଏ । ବାଥରୁମ୍ ଆକାର ଅନୁସାରେ ମିରର୍ ଲଗାଇବା ଆବଶ୍ୟକ । ଅବଶ୍ୟ ବଡ଼ ମିରର ବାଥରୁମକୁ ସୁନ୍ଦର କରିଥାଏ ।

**ମଲ୍‌ଟିପଲ୍ ମିରର୍**

ବାଥରୁମ୍ ଛୋଟ ଥିଲେ ଏହାକୁ ବଡ଼ ଆକାର ଦେବାପାଇଁ, ମଲ୍‌ଟିପୁଲ୍ ମିରର୍ ପାଟର୍ଣ୍ଣ ବ୍ୟବହାର କରିପାରିବେ । ଏଥିରେ ଏକା ସହିତ ଦୁଇ ବା ତାଠୁ ଅଧିକ ମିରର ଲଗାଯାଇଥାଏ । ଏଥିପାଇଁ ଛୋଟ ବାଥ୍ରୁମ୍ ବଡ଼ ଦେଖାଯାଏ । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଏକ ମଡର୍ଣ୍ଣ ଲୁକ୍ ଦେଇଥାଏ ।

# ବୟସ ଅନୁସାରେ ଲଗାନ୍ତୁ ସନ୍‌ସ୍କ୍ରିନ୍

ତ୍ୱଚା ପାଇଁ ସନ୍‌ସ୍କ୍ରିନ୍ ବେଶ ଜରୁରୀ ହୋଇଥାଏ । ଏହାକୁ ସଭିଏଁ, ଘରେ ଓ ବାହାରକୁ ଯିବା ସମୟରେ ଲଗାଇଥାନ୍ତି । ସାଧାରଣତଃ ତେଲିଆ, ଶୁଷ୍କ, ତ୍ୱଚା ଅନୁସାରେ ମହିଳାମାନେ ଏହାକୁ ଲଗାଇଥାନ୍ତି । କିନ୍ତୁ ଏହା ତ୍ୱଚା ପାଇଁ ଯଥେଷ୍ଟ ହୋଇ ନଥାଏ । ବୟସ ବଢ଼ିବା ସହ ତ୍ୱଚାରେ ନାନା ପରିବର୍ତ୍ତନ ଦିଶିଥାଏ, ତେଣୁ ବୟସ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

**୧୩ ରୁ ୧୯ ବର୍ଷ**

ସାଧାରଣତଃ କିଶୋରବସ୍ଥାରେ ପିଲାଙ୍କଠାରେ ହରମୋନ୍ ପରିବର୍ତ୍ତନ ହୋଇଥାଏ । ଏପରିସ୍ଥଳେ ତ୍ୱଚାର ଯତ୍ନ ପାଇଁ ଜେଲ୍ କିମ୍ବା ୱାଟର୍ ବେସ୍‌ଡ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ । ବାହାରକୁ ଯିବାର ୨୦ ମିନିଟ୍ ପୂର୍ବରୁ ଏହାକୁ ଲଗାଇପାରିବେ । ଧ୍ୟାନ ରଖିବେ ସର୍ବଦା ଫେସ୍‌ୱାସ୍ ପରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

**୨୦ ରୁ ୩୦ ବର୍ଷ**

ଏହି ସମୟରେ ତ୍ୱଚାରେ ପିଗ୍‌ମେଣ୍ଟସନ୍, ଟ୍ୟାନିଂ, ଚର୍ମ କୁଞ୍ଚନ, ଆଦି ସମସ୍ୟା ରହିଥାଏ । ଏଥିପାଇଁ ହାଇଡ୍ରେଟିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏଥିରେ ଏସ୍‌ପିଏଫ୍ ୫୦ ଥିବା ଆବଶ୍ୟକ । ଏଥିସହ ସହ ଚାହିଁଲେ, କ୍ରିମ୍ କିମ୍ବା ଜେଲ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏହାକୁ ଆଖି ତଳେ ଲଗାଇବା ଆବଶ୍ୟକ । ସେହିପରି ଏହାକୁ ଭିଟାମିନ୍ ସି ସିରମ ସହ ଲଗାଇଲେ ଦ୍ୱିଗୁଣା ଲାଭ ମିଳିଥାଏ ।



**୪୦-୫୦ ବର୍ଷ**

ଏହି ସମୟରେ ତ୍ୱଚାର ଇଲାଷ୍ଟିସିଟି କମିଯାଏ । କଳାଦାଗ ଆଦି ସମସ୍ୟା ବଢ଼ିଥାଏ । ତେଣୁ ଏହି ବୟସରେ ଆଣ୍ଟି ଏଜିଙ୍ଗ ଗୁଣଥିବା ମଏଶ୍ଚରାଇଜିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇ ଭଲ ।

# ପାଦକୁ ସୁନ୍ଦର ସରୁ ପାଉଁଜି

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମହିଳାମାନେ ସାଧା ଓ ଆକର୍ଷଣୀୟ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହାକୁ ଧ୍ୟାନ ଦେଇ ଏବେ ବଜାରରେ ମିନିମାଲିଷ୍ଟ ଡିଜାଇନର ପାଉଁଜି ଓ ଆଙ୍କ୍‌ଲେଟ୍ ମିଳୁଛି । ଏହା ଦେଖିବାକୁ ସିମ୍ପଲ ଓ ଆକର୍ଷଣୀୟ ହୋଇଥାଏ । କେବଳ ସେତିକି ନୁହେଁ, ଏହା ଫେଶନ ଷ୍ଟେଟ୍‌ମେଣ୍ଟ ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏଥି ସହ ଏହା ବିଭିନ୍ନ ଆଉଟ୍‌ଫିଟ୍‌କୁ ମାନିଥାଏ ।



**ସାଧା ଚେନ୍**

ସାଧା ସହ ପାଦକୁ ଏକ କ୍ଲାସି ଲୁକ୍ ଦେବାକୁ ଚାହୁଁଥିଲେ, ପତଳା ଚେନ୍ ପାଉଞ୍ଜି ପିନ୍ଧିପାରିବେ । ଏହାକୁ ଅଫିସ୍, ସ୍କୁଲ୍, ଯିବା ସହ ନିତିପିନ୍ଧା ମଧ୍ୟ କରିପାରିବେ । ଏହା ପାଦକୁ ସୁନ୍ଦର କରିଥାଏ ।

**ବିଡସ୍**

ଷ୍ଟାଇଲିସ ସହ ରଙ୍ଗିନ ମାଳି ଚାହୁଁଥିଲେ, ବିଡ୍‌ସ ପାଉଞ୍ଜି କିଣିପାରିବେ । ଏଥିରେ ଚେନ୍ ସାଙ୍ଗକୁ ଛୋଟ ମାଳି ରହିଥାଏ । ଏହା ସିମ୍ପୁଲ ସହ ଅଧିକ ଷ୍ଟାଇଲିଶ୍ ଲାଗିଥାଏ । ଏଥ୍‌ନିକ୍‌ରୁ ନେଇ ୱେଷ୍ଟର୍ଣ୍ଣ ଏହା ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ ।

**ଡବଲ୍ ଲେୟାର୍ଡ**

ଏହି ପାଉଞ୍ଜି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏଥିରେ ଦୁଇଟି ପତଳା ଚେନ୍ ଲାଗିଥାଏ । ଏହା ଚାଲିବା ସମୟରେ ପାଦରେ ଝୁଲି ରହିଥାଏ । ଏହା ପାଦ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ପୂଜା ପର୍ବରେ ଏ ପ୍ରକାର ପାଉଞ୍ଜି ପିନ୍ଧିଲେ ଏହା ଖୁବ୍ ସୁନ୍ଦର ଦେଖାଯାଏ ।

■ ଭାରତରେ ଡୋପ୍ ଟେଷ୍ଟ

## ୨୦୨୪ରେ ଧରାପଡ଼ିଛନ୍ତି ୨୬୦

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତରେ ଅନୁବନ୍ଧିତ ଡ୍ରଗ୍ସ ସେବନକାରୀ ଆଥ୍ଲେଟଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହା ମଧ୍ୟରେ ୨୦୨୪ରେ ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ୭,୪୬୬ଟି ଡୋପ୍ ଟେଷ୍ଟରୁ ୨୬୦ଟି କେସ ପଜିଟିଭ୍ ହୋଇଛନ୍ତି। ଭାରତରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଏହା ସର୍ବାଧିକ କେସ୍। ୨୦୧୯ରେ ଏହି ସଂଖ୍ୟା ୨୨୪ ଥିଲା। ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାରେ ଦିଆଯାଇଥିବା ତଥ୍ୟରୁ ଏହା ଜଣାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ବିଭାଗ ଅବଗତ ଅଛନ୍ତି ଓ କ୍ରୀଡ଼ାବିତ୍‌ଙ୍କୁ ଡ୍ରଗ୍ସମୁକ୍ତ କରିବାକୁ ବଦ୍ଧ ପରିକର ଅଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

■ ଜାତୀୟ ଜୁନିଅର ମହିଳା ହକି

## ପୁଣି ଓଡ଼ିଶାକୁ କ୍ୱାର୍ଟର ଝଟ୍‌କା

ଭୁବନେଶ୍ୱର, ୯।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଦଳ କ୍ୱାର୍ଟରରେ ନିରାଶ କରିଛି। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ମହିଳା ଦଳ ୧-୪ ଗୋଲରେ ହରିୟାଣା ନିକଟରୁ ହାରି ଅଭିଯାନ ଶେଷ କରିଛି। ଓଡ଼ିଶା ପକ୍ଷରୁ ଅମିଶା ଏକ୍କା ୪୭ତମ ମିନିଟ୍‌ରେ ଏକମାତ୍ର ଗୋଲଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ, ଚଣ୍ଡିଗଡ଼ ଓ ଉତ୍ତର ପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ, ଏଥିପୂର୍ବରୁ ନିକଟରେ ତାମିଲନାଡୁରେ ଶେଷ ହୋଇଥିବା ୧୫ତମ ଜାତୀୟ ସବ୍‌ଜୁନିଅର ବାଳକ ହକିରେ ମଧ୍ୟ ଓଡ଼ିଶା କ୍ୱାର୍ଟରଫାଇନାଲରେ ହାରି ଅଟକି ଯାଇଥିଲା।

■ ଭାରତ-ଏ' ବିପକ୍ଷ ଟି-୨୦ ସିରିଜ୍

## ଅଷ୍ଟ୍ରେଲିଆ ଆଗୁଆ ବିଜୟୀ

ମ୍ୟାକୟ, ୯।୮ (ଏଜେନ୍ସି): ଅନ୍ତର୍ଜାତୀୟ ତାରକା ଅଲିଶା ହିଲି (୪୪ ବଲରେ ୭୦ ରନ୍)ଙ୍କ ଅର୍ଦ୍ଧଶତକ ଓ କିମ୍ ଗାର୍ଥ (୭ ରନ୍‌ରେ ୪ ୱିକେଟ୍)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଅନ୍‌ଅଫିସିଆଲ ମହିଳା ଟି-୨୦ରେ ଅଷ୍ଟ୍ରେଲିଆ-ଏ ୧୧୪ ରନ୍‌ର ବିଶାଳ ବ୍ୟବଧାନରେ ଭାରତ-ଏ'କୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଅଷ୍ଟ୍ରେଲିଆ ଆଗୁଆ ଜିତିନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ-ଏ' ୧୩ ରନ୍‌ରେ ଜିତିଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଆସନ୍ତାକାଲି ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୪ ୱିକେଟରେ ୧୮୭ ରନ୍‌ର ବଡ଼ ସ୍କୋର କରିଥିଲା। ଜବାବରେ ଭାରତ-ଏ ୧୫.୧ ଓଭରରେ ମାତ୍ର ୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଦୁଇଜଣ ବ୍ରିନ୍ଦା ଦିନେଶ ୨୧ ଓ ମିନୁ ମାନି ୨୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅଧିନାୟିକା ରାଧା ଯାଦବଙ୍କୁ ପ୍ରତିପକ୍ଷ ଇନିଂସରେ ୨ଟି ୱିକେଟ ମିଳିଥିଲା।

## ପ୍ରଥମ ଦିନିକିଆରେ ପାକିସ୍ତାନ ବିଜୟୀ

ତାରୋବା, ୯।୮ (ଏଜେନ୍ସି): ଅଧିନାୟକ ମହମ୍ମଦ୍ ରିଜୱାନ୍ ଓ ହାସନ ନୱାଜ୍‌ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପାକିସ୍ତାନ ଘରୋଇ



ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୪୯ ଓଭରରେ ୨୮୦ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଏଭିନ ଲୁଇସ୍ ସର୍ବାଧିକ ୬୦, ଅଧିନାୟକ ସାଇ ହୋପ୍ ୫୫ ଓ ରୋଷ୍ଟୋନ ଚେଜ୍ ୫୩ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାହିନ୍ ଆଫ୍ରିଦୀ ୪ଟି ଓ ନସୀମ ଶାହ ୩ଟି ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୪୮.୫ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ନୱାଜ୍ ୫୪ ବଲ୍‌ରେ ଅପରାଜିତ ୬୩, ହୁସେନ ତଲତ ଅପରାଜିତ ୪୧, ଅଧିନାୟକ ରିଜୱାନ୍ ୫୩ ଓ ବାବର ଆଜମ ୪୭ ରନ୍ କରିଥିଲେ। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ପାକିସ୍ତାନ ୧-୦ରେ ଆଗୁଆ ରହିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ଟି-୨୦ ସିରିଜ୍‌କୁ ପାକିସ୍ତାନ ୨-୧ ବ୍ୟବଧାନରେ ଜିତିନେଇଥିଲା।



### ଆଜି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ୍

# କଳିଙ୍ଗରୁ ଟୋକିଓକୁ ଯୋଗ୍ୟତା ଲକ୍ଷ୍ୟ

ଭୁବନେଶ୍ୱର, ୯।୮ (ସମିସ):

ଭାରତୀୟ କ୍ରୀଡ଼ା ଇତିହାସରେ ରବିବାର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ପ୍ରଥମଥର ଲାଗି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ଭାରତରେ ଆୟୋଜିତ ହେବାକୁ ଯାଉଛି। ଆଇକନିକ କଳିଙ୍ଗ ଷ୍ଟାଡିୟମ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ଦୁଇ ଦୁଇଥର ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩), ଏସିଆନ ଆଥ୍ଲେଟିକ୍ସ ଚାମ୍ପିଅନସିପ୍ (୨୦୧୭), ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ (୨୦୨୨) ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିଥିବା କଳିଙ୍ଗ କ୍ରୀଡ଼ା ଇତିହାସରେ ମଧ୍ୟ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବ।

ରବିବାର ଅପରାହ୍ଣରେ ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌କୁ ବିଶ୍ୱ ଆଥ୍ଲେଟିକ, ଭାରତୀୟ ଆଥଲେଟିକ ମହାସଂଘ ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରୁଛନ୍ତି। ସାଢ଼େ ୩ ଘଣ୍ଟାର ଏହି ଦୌଡ଼କୁଦ ପ୍ରତିଯୋଗିତାରେ ବିଶ୍ୱର ୧୭ ଦେଶର ୧୫୬ଜଣ ଆଥଲେଟ ଭାଗନେବେ। ଯେଉଁଥିରେ ଆୟୋଜକ ଭାରତରୁ ସର୍ବାଧିକ ୯୩ଜଣ ରହିଛନ୍ତି। ୧୯ଟି ମେଡାଲ ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଓ ମହିଳାରେ ୯ଟି ଲେଖାଏ କ୍ରୀଡ଼ା ଇଭେଣ୍ଟ ରହିଥିବାବେଳେ ଗୋଟିଏ ମିକ୍ସଡ ରିଲେ ରେସ୍ ରହିଛି। ଆଥ୍ଲେଟଙ୍କ ପାଇଁ ଏହା କେବଳ ଯେ ଏକ ପଦକ ପ୍ରତିଯୋଗିତା ନୁହେଁ, ବରଂ କଳିଙ୍ଗରେ ଭଲ ପ୍ରଦର୍ଶନ କରି ଆସନ୍ତା ମାସରେ ଜାପାନର ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପକୁ ଯୋଗ୍ୟତା ଅର୍ଜନ କରିବାକୁ ଆଥଲେଟଙ୍କ ଲାଗି ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ଏହି ଯୋଗ୍ୟତା ସିଧାସଳଖ ଧାର୍ଯ୍ୟ ଟାଇମିଂ ମାଧ୍ୟମରେ ହୋଇପାରେ କିମ୍ବା ୱାର୍ଲ୍ଡ ର‌୍ୟାଙ୍କିଂ ପଏଣ୍ଟରେ ଉନ୍ନତି ଆଣି ବିଶ୍ୱ ଚାମ୍ପିଅନସିପ୍ ଟିକଟ୍ ହାସଲ କରିପାରିବେ।

### ଅନିମେଶଙ୍କ ଉପରେ ନଜର

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇଛନ୍ତି। ସେ ବିଶ୍ୱ ଚାମ୍ପିଅନସିପ୍‌କୁ ଆଗୁଆ ଯୋଗ୍ୟତା ଅର୍ଜନ କରିଥିବାରୁ ଏବେ ୟୁରୋପରେ ତାଙ୍କ ପ୍ରସ୍ତୁତି ଚଳାଇଛନ୍ତି। ନୀରଜ ଭାଗନେଉ ନ ଥିବାରୁ ଏବେ ସମସ୍ତଙ୍କ ଫୋକସରେ ରହିଛନ୍ତି ଦେଶ ତଥା ରାଜ୍ୟର ତାରକା ସ୍ପ୍ରିଣ୍ଟର



ଅନିମେଶ କୁଜୁର। ଭୁବନେଶ୍ୱରରେ ଦୀର୍ଘ ବର୍ଷ ଧରି ପ୍ରଶିକ୍ଷଣ ନେଉଥିବା ଅନିମେଶ ଘରୋଇ ପଡ଼ିଆ ଓ ଦର୍ଶକଙ୍କ ସାମ୍ନାରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତ ନଜର ରହିଛି। ଅନିମେଶ ବର୍ତ୍ତମାନ ଉଭୟ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଉଭୟ ରେକର୍ଡକୁ ସେ ଚଳିତ ବର୍ଷ ହାସଲ କରିଛନ୍ତି। ୧୦୦ ମିଟରକୁ ସେ ୧୦.୧୮ ସେକେଣ୍ଡରେ ଓ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ଶ୍ରେଷ୍ଠତ୍ୱ ଦେଇଛନ୍ତି। ଆଗାମୀ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ୧୦୦ ମିଟରରେ ୧୦ ସେକେଣ୍ଡ ଓ ୨୦୦ ମିଟରରେ ୨୦.୧୬ ସେକେଣ୍ଡ ଯୋଗ୍ୟତା ଟାଇମିଂ ରହିଛି। ଅନିମେଶ ଏହାକୁ ଏଠାରେ ହାସଲ କରି ଟୋକିଓକୁ ଯୋଗ୍ୟତା ଅର୍ଜନ କରନ୍ତୁ ବୋଲି ଓଡ଼ିଶା କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି। ଅନିମେଶଙ୍କ ବ୍ୟତୀତ ଓଡ଼ିଶାରୁ ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ ମଧ୍ୟ ଏଥିରେ ଭାଗନେବେ।

### ଦର୍ଶକଙ୍କ ଲାଗି ୩ଟି ପ୍ରବେଶ ପଥ

ଏହି ମେଗା ଇଭେଣ୍ଟ ଲାଗି ଦର୍ଶକଙ୍କ ପାଇଁ ମାଗଣା ପ୍ରବେଶ ବ୍ୟବସ୍ଥା କରାଯାଇଛି। ୩ଟି ଫାଟକ ଦେଇ ଦର୍ଶକ କଳିଙ୍ଗ ଷ୍ଟାଡିୟମକୁ ଯାଇପାରିବେ। ଯେଉଁମାନେ ବିନା ଗାଡ଼ିରେ ଆସିଥିବେ ସେମାନେ ଫାଟକ ନଂ-୩, ଦୁଇ ଚକିଆ ଓ ଚାରି ଚକିଆରେ ଆସିଥିବା ଦର୍ଶକ ଯଥାକ୍ରମେ ଗେଟ୍ ନଂ-୪ ଓ ଗେଟ୍ ନଂ-୮ ବି'ରେ ପ୍ରବେଶ କରିବେ।

### ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ କ'ଣ

ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ୨୦୨୦ରେ ପ୍ରଥମେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍' ଆରମ୍ଭ କରାଯାଇଥିଲା। ଇଣ୍ଟରନ୍ୟାସନାଲ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକାଧିକ ଇଭେଣ୍ଟକୁ ନେଇ ଏହା ଆୟୋଜିତ ହୋଇଥାଏ। ଏହା ଏକ ଏକଦିବସୀୟ ଇଭେଣ୍ଟ। ଡାଇମଣ୍ଡ ଲିଗରୁ ଏହାର ର‌୍ୟାଙ୍କ ନିମ୍ନ। କଣ୍ଟିନେଣ୍ଟାଲ ଟୁର୍ ୪ଟି ସ୍ତରରେ ଅନୁଷ୍ଠିତ ହୋଇଥାଏ। ଯଥା ଗୋଲ୍ଡ, ସିଲଭର, ବ୍ରୋଞ୍ଜ ଓ ଚ୍ୟାଲେଞ୍ଜର। ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ବ୍ରୋଞ୍ଜ ଲେଭଲ୍‌ରେ ମୋଟ୍ ୨୫ ହଜାର ଡଲାର (ପାଖାପାଖି ୨୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ରହିଛି। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମ ସ୍ଥାନରେ ରହିଥିବା ଖେଳାଳି ୭୦ ହଜାର ଟଙ୍କା ପାଇବେ।

## ୧୩ ବର୍ଷରୁ କମ୍ ଚେସ୍ | ଓପନ୍‌ରେ ୩, ବାଳିକାରେ ୪ ଆଗୁଆ

ପୁରୀ, ୯।୮ (ସମିସ): ଓଡ଼ିଶା ରାଜ୍ୟ ଓ ପୁରୀ ଜିଲ୍ଲା ଚେସ ସଂଘର ମିଳିତ ଆନୁକୂଲ୍ୟରେ ପୁରୀ କ୍ରିକେଟ ଷ୍ଟାଡିୟମ୍ ପରିସରରେ ଚାଲିଥିବା ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍‌ର ୪ର୍ଥ ରାଉଣ୍ଡ ଶନିବାର ଶେଷ ହୋଇଛି। ୪ର୍ଥ ରାଉଣ୍ଡ ଶେଷରେ ଓପନ ବିଭାଗରେ ୩ଜଣ ଖେଳାଳି ୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଖେଳାଳିମାନେ ହେଲେ ଶିୟାମ ସତ୍ୟାଂଶ, ଆର୍ଯ୍ୟନ ବେହେରା ଓ ସ୍ୱସ୍ତିକ ଶୁଭ ପଟ୍ଟନାୟକ। ଏମାନଙ୍କ ପଛକୁ ଆଦିତ୍ୟ ଜେନା, ଆଦର୍ଶ କୁମାର ବେରିହା, ବିନୀତ ନାୟକ ଓ ରାଘବ ବିଶ୍ୱାଳ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଳିକା



ବିଭାଗରେ ନିଭ୍ରିତା ପଟ୍ଟନାୟକ, ଲବ୍ଧି ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଅନିଶା ଆଚାର୍ଯ୍ୟ ଓ ନୟନିକା ସାହୁ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଆର୍ଣ୍ଣିକା ଦାଶ, ଅଦିତି ମହାରଣା, ଇଶାନୀ ଦାସ ଓ ଯେଶସ୍ୱୀ ବିବେକ ବାରୱେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୪ଟି ଜିଲ୍ଲାରୁ ମୋଟ ୧୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓପନରରେ ୮୮ ଓ ବାଳିକାରେ ୪୦ଜଣ ପ୍ରତିଯୋଗୀ ରହିଛନ୍ତି। ଏଥିରେ ମୋଟ ୫୨ଟି ଟ୍ରଫି ସହ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ଆଉ ୩ ପଦକ



ଭୁବନେଶ୍ୱର, ୯।୮ (ସମିସ): କେରଳରେ ଚାଲିଥିବା ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ଟି ପଦକ ମିଳିଛି। ଶନିବାର ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ସହ ମୋଟ ୩ଟି ପଦକ ଜିତିଛି। ୯୩ କିଗ୍ରା ଓଜନବର୍ଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ୬୩ କିଗ୍ରାରେ ନିହତି ବର୍ମନ ନାୟକ ଓ ୭୬ କିଗ୍ରା ମୌସୁମୀ ତର୍କି କାଂସ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ବିଜୟୀ ହୋଇଥିଲା। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଅଂଶଗ୍ରହଣ କରିଛନ୍ତି।

## ୧୦ ବର୍ଷରୁ କମ୍ ଓପନ୍ ଚେସରେ ଆୟୁଷ ଚାମ୍ପିଅନ




ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ଷ୍ଟେଟ୍ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଏକଦିବସୀୟ ୧୦ ବର୍ଷରୁ କମ୍ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୂଳ ପବ୍ଲିକ ସ୍କୁଲରେ ଆୟୋଜିତ ଏହି ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆୟୁଷ ଦାସ (ସେଣ୍ଟ ଜାଭିଅର ସ୍କୁଲ, ଭୁବନେଶ୍ୱର) ଚାମ୍ପିଅନ ହୋଇଛନ୍ତି। ସେହିଭଳି ଅର୍ନବ ଦାଶ, ସତଭିକ ମହାନ୍ତି, ସନ୍ଦୀପ ବେହେରା ଓ ଆୟୁଷମାନ ମହାନ୍ତି ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ବିଭିନ୍ନ ବୟସବର୍ଗରେ ଭେଦିକା ସିଂ, ଆଦିତ୍ୟ ନାରାୟଣ ମହାପାତ୍ର, ପ୍ରଣତୀ ଦାସ, ସାଏଶ ସାହୁ ଓ ଶ୍ରାଗଭି ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

## ଓସିଏର ସ୍କୋରର୍ ପ୍ରଶିକ୍ଷଣ ଶିବିରରେ ଭାଗନେଲେ ୬୮

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ପରିସରରେ ଏକ ସ୍କୋରର୍ ପ୍ରଶିକ୍ଷଣ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ଏଥରେ ରାଜ୍ୟର ୬୮ ଜଣ ସ୍କୋରର୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ଜଣ ନବାଗତ ସ୍କୋରର୍ ରହିଥିଲେ। ଓସିଏର ଆଗାମୀ ଘରୋଇ ସିଜନରେ ଏମାନେ ସ୍କୋରିଂରେ ସହାୟତା କରିବେ। ବିସିସିଆଇ ସ୍ୱିକୃତୀପ୍ରାପ୍ତ ସ୍କୋରର୍ ସିଡି ସୁନିଲଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଓସିଏର ଡାଟା ମ୍ୟାନେଜମେଣ୍ଟ ମୁଖ୍ୟ ଗଣେଶ କର, ସିଇଓ ସୁବ୍ରତ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

## ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍ | ଫାଇନାଲରେ ରମେଶ ବୁଦ୍ଧିଲାଲ୍

ଚେନ୍ନଇ, ୯।୮ (ଏଜେନ୍ସି):

ସର୍ଫିଙ୍ଗ୍‌ରେ ବିରାଟ ଢେଉକୁ ସାମ୍ନା କରିବା ଓ ବିପୁଳ ଅର୍ଥବ୍ୟୟ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାକୁ ସଫଳତାର ସହ ମୁକାବିଲା କରିବାରେ ସମର୍ଥ ହୋଇଛନ୍ତି ଜଣେ ଭାରତୀୟ ରମେଶ ବୁଦ୍ଧିଲାଲ। ମହାବଳିପୁରମରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଫାଇନାଲରେ ପ୍ରବେଶ କରି ରମେଶ ଭାରତୀୟମାନେ ଏଭଳି କରିପାରିବେ ବୋଲି ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇଛନ୍ତି। ଏହି ରେସ୍‌ରେ ଇଣ୍ଡୋନେସିଆର ପାଜାର ଆରିୟାନା ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ ଦ୍ୱିତୀୟ ସ୍ଥାନିତ ଖେଳାଳି ମଧ୍ୟ ଫାଇନାଲରେ ପ୍ରବେଶ କରିପାରିବେ। ଚୀନ୍‌ର ଶିଡୋଙ୍ଗ ଉ ଓ ଭାରତର କିଶୋର କୁମାରଙ୍କୁ ପଛରେ ପକାଇ ରମେଶ ଦ୍ୱିତୀୟ ସ୍ଥାନ ଅଧିକାର କରି ପାଜାରଙ୍କ ସହ ଫାଇନାଲରେ ପ୍ରବେଶ କରିଛନ୍ତି। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ



ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ଫାଇନାଲରେ ପ୍ରବେଶ କରିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରି କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

## ୟୁପି ଟି-୨୦ ଲିଗ୍‌ରୁ ଦୟାଲ ବାସନ୍ଦ

ଲକ୍ଷ୍ନୌ, ୯।୮ (ଏଜେନ୍ସି): ଆଇପିଏଲ୍ ଟ୍ରଫି ବିଜୟୀ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ରୁତ ବୋଲର ଯଶ ଦୟାଲଙ୍କ ପାଇଁ ଅଡୁଆ ବଢ଼ିବାରେ



ଲାଗିଛି। ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇପଡ଼ିଥିବା ଦୟାଲଙ୍କୁ ଆଗାମୀ ୟୁପି ଟି-୨୦ ଲିଗ୍‌ରେ ଖେଳିବାରୁ ବାସନ୍ଦ କରାଯାଇଛି। ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏସନ (ୟୁପିସିଏ) ଏହି ବାସନ୍ଦାଦେଶ ଲଗାଇଛି। ୟୁପି ଟି-୨୦ ଲିଗ୍‌ରେ ଗୋରଖପୁର ଲାୟନ୍ସ ଦଳ ଦୟାଲ୍‌ଙ୍କୁ ୭ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇରେ ଜଣେ ୧୭ ବର୍ଷୀୟା ନାବାଳିକା ଜୟପୁରର ସାଙ୍ଗନର ସଦର ପୁଲିସ ଷ୍ଟେସନରେ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି ଅଗଷ୍ଟ ୨୨ରେ ହେବାର ରହିଛି।

### ମ୍ୟାଚ୍‌ରେ କନୱେ, ସିରିଜ୍‌ରେ ହେନରୀ ଶ୍ରେଷ୍ଠ

## ନ୍ୟୁଜିଲାଣ୍ଡର ଟେଷ୍ଟ କ୍ଲିନ୍ ସ୍ୱିପ୍



ବୁଲାୱାୟୋ, ୯।୮ (ଏଜେନ୍ସି): ଘରୋଇ ଜିମ୍ବାୱେ ଦଳକୁ ଏକ ଇନିଂସ ଓ ୩୫୯ ରନ୍‌ରେ ପରାସ୍ତ କରି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଏଠାରେ ଶନିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ଏହା ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନ୍ୟୁଜିଲାଣ୍ଡ କ୍ଲିନ୍ ସ୍ୱିପ୍ କରିଛି। ପୂର୍ବରୁ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ନ୍ୟୁଜିଲାଣ୍ଡ ୯ ୱିକେଟରେ ଜିତିଥିଲା। ଦ୍ୱିତୀୟ ଟେଷ୍ଟରେ ୧୫୩ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନର ଡେଭନ କନୱେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୨ଟି ଟେଷ୍ଟରେ ୧୬ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ମ୍ୟାଟ୍ ହେନରୀଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଦ୍ୱିତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୧୨୫ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩ ୱିକେଟରେ ୬୦୧ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ୪୭୬ ରନ୍‌ରେ ପଛୁଆ ଥିବା ଜିମ୍ବାୱେ ଦ୍ୱିତୀୟ ଇନିଂସରେ ୧୧୭ ରନ୍ କରିଥିଲା। ନିକ୍ ୱେଲଚ ୪୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପେସ୍ ବୋଲରଙ୍କୁ ସମସ୍ତ ୧୦ଟି ଯାକ ୱିକେଟ ମିଳିଥିଲାବେଳେ ଡେବ୍ୟୁଟାଣ୍ଟ ଜାକାରି ଫୋକ୍ସ ସର୍ବାଧିକ ୫ଟି ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS